READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର
RNI Regd. No. ODIODI/2017/71524




ବର୍ଷ-୨ ସଂଖ୍ୟା-୨୦ | ୨୮ ମଇ - ୦୩ ଜୁନ୍, ୨୦୧୮ | ଭୁବନେଶ୍ୱର | Monday Weekly | VOL-2 | ISSUE-20 | 28th MAY - 03rd JUNE, 2018 | BHUBANESWAR | ₹ 5/- (8 Pages)

## ଗଣେଶୀ ଲାଲ୍
## ଓଡ଼ିଶାର ନୂଆ ରାଜ୍ୟପାଳ



**ନୂଆଦିଲ୍ଲୀ :** ପ୍ରଫେସର ଗଣେଶୀ ଲାଲ୍ ଓଡ଼ିଶାର ନୂଆ ରାଜ୍ୟପାଳ। ମଙ୍ଗଳବାର ରାଜଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଭିନୀତ୍ ଶରଣ ତାଙ୍କୁ ରାଜ୍ୟର ୪୬ତମ ରାଜ୍ୟପାଳ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ପ୍ରଫେସର ଗଣେଶୀ ଲାଲ୍ ଦାୟିତ୍ୱ ଗ୍ରହଣ ଦିନଠୁ ଓଡ଼ିଶାର ରାଜ୍ୟପାଳ ଭାବେ କାର୍ଯ୍ୟ କରିବେ। ୧୯୪୨ ମାର୍ଚ୍ଚ ୧ ତାରିଖରେ ଜନ୍ମିତ ପ୍ରଫେସର ଲାଲ ଏବେ ହରିଆଣା ବିଜେପି ଶୃଙ୍ଖଳାଗତ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ସେ ପୂର୍ବରୁ ହରିଆଣା ବିଜେପିର ସଭାପତି ଭାବେ କାର୍ଯ୍ୟ କରିସାରିଛନ୍ତି। ସେ ସିର୍‌ସା ଓ ମୁଣ୍ଡେଲ୍ ବିଧାନସଭା ନିର୍ବାଚନମଣ୍ଡଳୀରୁ ମଧ୍ୟ ହରିଆଣା ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

### ଏନ୍‌ଡିଏ ସରକାରଙ୍କ ୪ବର୍ଷ ପୂର୍ତ୍ତି ଅବସରରେ ଜନକଲ୍ୟାଣ ସମାବେଶ
# ‘ଜନପଥ ନୁହେଁ, ଜନମତରେ ସରକାର’



**କଟକ :** ଓଡ଼ିଶା ଲୋକଙ୍କୁ ଏନ୍‌ଡିଏ ଶାସନର ଚାରିବର୍ଷର ରିପୋର୍ଟ କାର୍ଡ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦି। ନିଜର ବକ୍ତବ୍ୟ ଆରମ୍ଭରୁ ଜୟ ଜଗନ୍ନାଥ କହିବା ସହ ଐତିହ୍ୟପୂର୍ଣ୍ଣ କଟକ ମାଟିକୁ ପ୍ରଣାମ କରିଥିଲେ। ଏ ମାଟିରେ ଜନ୍ମିତ ବରପୁତ୍ରଙ୍କୁ ଭକ୍ତି ଜଣାଇ କଟକର ତାରକସି କାମକୁ ଭୂୟସୀ ପ୍ରଶଂସା କରିଥିଲେ ମୋଦି। କହିଥିଲେ ବିଗତ ୪ ବର୍ଷ ମଧ୍ୟରେ ଭାରତର ଦ୍ରୁତ ବିକାଶ ଘଟିଛି। ସ୍ୱାଧୀନତାର ୬୭ ବର୍ଷ ମଧ୍ୟରେ ଦେଶରେ ହୋଇଥିବା ବିକାଶଠାରୁ ବିଗତ ୪ ବର୍ଷର ବିକାଶ ଢ଼େର ଆଗରେ ବୋଲି କହିଥିଲେ ପ୍ରଧାନମନ୍ତ୍ରୀ। କଟକ ବାରବାଟୀ ଦୁର୍ଗ ସମ୍ମୁଖ ବାଲିଯାତ୍ରା କିଲ୍ଲା ପଡ଼ିଆରେ ଅନୁଷ୍ଠିତ ଜନକଲ୍ୟାଣ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦି କହିଥିଲେ ଯେ, ଦେଶ ସ୍ୱାଧୀନତା ପାଇବାର ୬୭ ବର୍ଷ ମଧ୍ୟରେ ଯେଉଁ ବିକାଶ ଘଟିଥିଲା ସେ ତୁଳନାରେ ସ୍ପଷ୍ଟ ବହୁମତ ହାସଲ କରିବାରୁ ବର୍ତ୍ତମାନର ସରକାର ବହୁ ବିକାଶ ଘଟାଇଛନ୍ତି। ଫଳରେ ବିଦେଶରେ ଭାରତର ସମ୍ମାନ ବଢ଼ିଛି ଓ ଆମ ସରକାର ଦୃଢ଼ ନିଷ୍ପତ୍ତି ନେବାରେ ହେଳା କରିନାହାନ୍ତି। ସର୍ଜିକାଲ ଷ୍ଟ୍ରାଇକ୍ ହେଉଛି ଏହି ସରକାରର ବଡ଼ ସଫଳତା। ଏହାଦ୍ୱାରା ପଡ଼ୋଶୀ ରାଷ୍ଟ୍ର ଭାରତର ଶକ୍ତି ଦୃଢ଼ ପଦକ୍ଷେପ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବିଗତ ୪ବର୍ଷ ମଧ୍ୟରେ କେନ୍ଦ୍ରର ବିଜେପି ନେତୃତ୍ୱାଧିନ ଏନଡ଼ିଏ ସରକାର ଦେଶର ସର୍ବନିମ୍ନ ବିକାଶ ଯଥା ସଡ଼କ, ବିଜୁଳି, ଗ୍ୟାସ ସଂଯୋଗ ଆଦି ପ୍ରସଙ୍ଗରେ ବହୁ ଅଗ୍ରଗତି କରିଛି। ବିଗତ ୪ବର୍ଷ ମଧ୍ୟରେ ୮୫ ପ୍ରତିଶତ ଗାଁକୁ ଏବେ ଉନ୍ନତ ସଡ଼କ ଦ୍ୱାରା ସଂଯୋଗ କରାଯାଇ ପାରିଛି। ଆଗାମୀ ଦିନରେ ଏହାକୁ ଶତପ୍ରତିଶତ କରାଯିବ। ସେହିଭଳି ସ୍ୱଚ୍ଛତା ଯୋଜନାରେ ୨୦୧୪ ମସିହା ପର୍ଯ୍ୟନ୍ତ ୪୦ ପ୍ରତିଶତ ଅଞ୍ଚଳକୁ ପ୍ରଦୂଷଣ ମୁକ୍ତ କରାଯାଇଥିଲା। ମାତ୍ର ଏବେ ଏ ସଂଖ୍ୟା ୮୦ପ୍ରତିଶତରେ ପହଞ୍ଚିଛି। ୨୦୧୪ ପର୍ଯ୍ୟନ୍ତ କେନ୍ଦ୍ରର ଅନୁଦାନରେ ୬ କୋଟି ଶୌଚାଳୟ ନିର୍ମାଣ କରାଯାଇଥିଲା। ଏହାପରେ ଏହି ସଂଖ୍ୟା ୭.୫କୋଟିରେ ପହଞ୍ଚିଛି। ସମଗ୍ର ଦେଶରେ ମାତ୍ର ୧୩ କୋଟି ପରିବାରକୁ ଗ୍ୟାସ ସଂଯୋଗ କରାଯାଇଥିବାବେଳେ ଏହି ➤ ପୃ-୬

## ଜୁନ୍ ୬ ସୁଦ୍ଧା ଓଡ଼ିଶାରେ ମୌସୁମୀ



**ଭୁବନେଶ୍ୱର :** ଚାଷୀଙ୍କ ପାଇଁ ଖୁସି ଖବର ଆଣିଛି ପାଣିପାଗ ବିଭାଗ। ବହୁ ପ୍ରତୀକ୍ଷିତ ଦକ୍ଷିଣ-ପଶ୍ଚିମ ମୌସୁମୀ ଶେଷରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର ଓ ନିକୋବର ଦ୍ୱୀପପୁଞ୍ଜରେ ପ୍ରବେଶ କରିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆଜି ଘୋଷଣା କରିଛି। ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ମୌସୁମୀ କେରଳରେ ପହଞ୍ଚିବ ଏବଂ ଜୁନ୍ ୬ ତାରିଖ ସୁଦ୍ଧା ଓଡ଼ିଶାରେ ପହଞ୍ଚିବା ସମ୍ଭାବନା ରହିଛି ବୋଲି ବିଭାଗ ପୂର୍ବାନୁମାନ କରିଛି। ଚଳିତ ବର୍ଷ ବର୍ଷା ଋତୁର ଆଗମନ ସାମାନ୍ୟ ବିଳମ୍ବିତ ହୋଇଛି। ସାଗର ଓ ମେକୁନ୍ ଘୂର୍ଣ୍ଣିବାତ୍ୟା ଯୋଗୁ ବର୍ଷାଋତୁ ଆସିବାରେ ପ୍ରାୟ ୩ ଦିନ ବିଳମ୍ବ ଘଟିଛି। ମୌସୁମୀ ବାୟୁ ଦକ୍ଷିଣ ଆରବ ସାଗର, କୋମରିନ୍-ମାଳଦ୍ୱୀପ, ଦକ୍ଷିଣ ଉପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ଦୁଇ ଦିନ ମଧ୍ୟରେ ଅଗ୍ରସର ହେବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି। ତଥାପି ବର୍ତ୍ତମାନ ସ୍ଥିତିରେ କେରଳ ଛୁଇଁବା ପାଇଁ ଆଉ ୩/୪ ଦିନ ଲାଗିବ। ଅର୍ଥାତ୍ କେରଳରେ ମୌସୁମୀ ପ୍ରବେଶ କରିବାର ନିର୍ଦ୍ଧାରିତ ସମୟ ଜୁନ୍ ୧ ➤ ପୃ-୬




### ବ୍ଲକଗ୍ରାଣ୍ଟ ଉଚ୍ଛେଦ
## ଏବେ ପୂର୍ଣ୍ଣ ଅନୁଦାନ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୨ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ସରକାରଙ୍କ ପୂର୍ବ ଘୋଷଣା ମୁତାବକ ବ୍ଲକ୍ ଗ୍ରାଣ୍ଟକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ସରକାରୀ ଶିକ୍ଷକମାନଙ୍କୁ ପୂର୍ଣ୍ଣ ଅନୁଦାନ ଦେବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତଦନୁସାରେ ବ୍ଲକ୍‌ଗ୍ରାଣ୍ଟ ପାଉଥିବା ରାଜ୍ୟର ସମସ୍ତ ହାଇସ୍କୁଲ୍ ଓ କଲେଜର ଶିକ୍ଷକ ଓ କର୍ମଚାରୀଙ୍କୁ ଗ୍ରାଣ୍ଟ-ଇନ୍-ଏଡ୍ ପ୍ରଦାନ କରାଯିବ। ଉଚ୍ଚପ୍ରାଥମିକ, ସଂସ୍କୃତ ଟୋଲ୍ ଓ ମଦ୍ରାସାର ଭଳି ସମୁଦାୟ ୩୦,୭୦୧ଟି ଶିକ୍ଷାନୁଷ୍ଠାନର ୩୦,୯୪୮ କର୍ମଚାରୀ ଏହାଦ୍ୱାରା ଉପକୃତ ହେବେ। ସେହିଭଳି ବ୍ଲକଗ୍ରାଣ୍ଟ୍ କଲେଜ୍ କ୍ଷେତ୍ରରେ ୧୪୯୯ଟି ➤ ପୃ-୬

## ମହାନଦୀ ବଞ୍ଚିବା ପାଇଁ ସଂଗ୍ରାମ କରୁଛୁ : ନବୀନ




**ଭୁବନେଶ୍ୱର :** ମହାନଦୀ କ୍ଷେତ୍ରରେ ନ୍ୟାୟ ପାଇବା ପାଇଁ ଆମର ଏ ସଂଗ୍ରାମ ଉଦ୍ଦିଷ୍ଟ। ସମସ୍ତ ଓଡ଼ିଶାବାସୀ ମହାନଦୀର ସୁରକ୍ଷା ପାଇଁ ଆଜି ଏକାଠି ହୋଇଛନ୍ତି। ଏହି ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ମଧ୍ୟରେ ସୀମିତ ହୋଇ ରହିନାହିଁ। ଏହା ଜନ ଆନ୍ଦୋଳନରେ ପରିଣତ ହୋଇସାରିଲାଣି ବୋଲି ବିଜୁ ଜନତା ଦଳ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାରାଦୀପ ଠାରେ ଶେଷ ହୋଇଥିବା ମହାନଦୀ ମହାସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ଜନସଚେତନତା ଅଭିଯାନ ପକ୍ଷରୁ ଅନୁଷ୍ଠିତ ସମାବେଶରେ କହିଛନ୍ତି। ଏଠାରେ ଅନୁଷ୍ଠିତ ସଭାରେ ଦଳୀୟ ସଭାପତି ଶ୍ରୀ ପଟ୍ଟନାୟକ ପ୍ରକାଶ କରି କହିଛନ୍ତି ଯେ ଝାରସୁଗୁଡ଼ାର ସୁଖାଶୋଡ଼ା ଓ ବରଗଡ଼ର ଚିଖିଲିରୁ ଆରମ୍ଭ ହୋଇଥିବା ମହାନଦୀ ସୁରକ୍ଷା ସଚେତନତା ଅଭିଯାନ ପାରାଦୀପରେ ଶେଷ ହେଉଛି। ଆପଣମାନେ ଏତେ ଟାଣ ଖରାରେ ୫୦୦ କିଲୋମିଟରର ଏହି ଯାତ୍ରାରେ ଯେଭଳି ଭାବରେ ସାମିଲ ହୋଇଛନ୍ତି, ସେଥିପାଇଁ ମୁଁ ପ୍ରତ୍ୟେକଙ୍କୁ ଧନ୍ୟବାଦ ଜଣାଉଛି। ଏ ଅଭିଯାନ ଆଜି କେବଳ ଏକ ➤ ପୃ-୬

### ବିଶେଷ ପ୍ରସଙ୍ଗ
## ମହାନଦୀ : ରାଜନୈତିକ ମୁଦ୍ଦା ନା ଜନ ସମସ୍ୟା
ଶେଷ ପୃଷ୍ଠାରେ...

### ବକ୍ରବାଣୀ



ସହର କମ୍ପିଲା ବାଜା ରୋଷଣୀରେ
ଉତ୍ତରା ବହିଲା ତାଙ୍କ ଭାଷଣରେ
ହସିଲେ କାନ୍ଦିଲେ ହସି କନ୍ଦେଇଲେ
ମିଛୁଆ ମଉସା ଖାଲି ମିଛ ଗାଇଗଲେ
ସପନ ଦେଖେଇଲେ ନଈ ପଠାରେ
ମହାନଦୀ ଚିନ୍ତା ଅଛି ତାଙ୍କ ମଥାରେ
ନମ୍ବର ୱାନ ହେବରେ ଆମ ରାଇଜ
ଉଣେଇଶକୁ ହବରେ କେତେ ମଉଜ
ପନ୍ଦର ବଦଳେ ସିଏ ପଚିଶ ଦେବେ
ଓଡ଼ିଆ ଭାଇ ସବୁ ଭକତ ହେବେ।
——— ଟୁଟୁ



## କେମିତି କଟିବ ଏ ସପ୍ତାହ

**ମେଷ**
ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ମିଳିପାରେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ସମ୍ମାନିତ ହେବେ। ପୁରୁଣା ଘର ମରାମତି କରିବେ। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ।

**ବୃଷ**
କର୍ମକ୍ଷେତ୍ରରେ ପରିବର୍ତ୍ତନ କିମ୍ବା ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିବେ। ଲେଖକଙ୍କୁ ପୁରସ୍କାର ମିଳିପାରେ। ବ୍ୟବସାୟରେ କିଛି ମାତ୍ରାରେ କ୍ଷତି ସହିବେ।

**ମିଥୁନ**
ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ବିବାହ ଆଶାୟୀଙ୍କୁ ଶୁଭ ଖବର ମିଳିବ। ଗୃହରେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଶରୀର ସାମାନ୍ୟ ଅସୁସ୍ଥ ରହିବ।

**କର୍କଟ**
ସାମାଜିକ କ୍ଷେତ୍ରରେ ସମୟ କାଟିବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। କର୍ମକ୍ଷେତ୍ରରେ ବଦଳିର ସମ୍ଭାବନା ଅଧିକ। ଜମିବାଡ଼ିକୁ ନେଇ ବିବାଦ ଲାଗିପାରେ। ବାକି ପଡିଥିବା ପଇସା ମିଳିବା କଷ୍ଟ ହୋଇଯିବ।

**ସିଂହ**
ଧର୍ମ ଚର୍ଚ୍ଚାରେ ସମୟ କଟିବ। ଚାକିରିରେ ନିଜେ ସୁରକ୍ଷିତ ରହିବା ନିମନ୍ତେ ଚେଷ୍ଟା କରିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମର ଫଳ ନିଶ୍ଚିତ ପାଇବେ। ବନ୍ଧୁଙ୍କ ମାଧ୍ୟମରେ କିଛି ଆଶା ପୂରା ହେବ।

**କନ୍ୟା**
ଚାକିରିଆମାନେ ଶୁଭଖବର ପାଇବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସା ମିଳିବ। ଗୃହରେ ବୃଦ୍ଧବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଖରାପ ରହିବ। ବ୍ୟବସାୟୀମାନେ ଅଧିକ କ୍ଷତି ସହିପାରନ୍ତି।

**ତୁଳା**
କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ନୂଆ ଚାକିରି ପାଇଁ ସୁଯୋଗ ଆସିପାରେ। ଆର୍ଥିକ ସ୍ଥିରତା ଲାଗି ପରିଶ୍ରମ କରିବାକୁ ପଡିବ। ରାଜନୀତିରେ ବଡ ଓ ପ୍ରତିଷ୍ଠିତ ଲୋକଙ୍କ ସହିତ ସମ୍ପର୍କ ବଢ଼ିବ।

**ବିଛା**
ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ଛାତ୍ରଛାତ୍ରୀମାନେ ପାଠପଢ଼ା ପ୍ରତି ବିରତ ରହିବେ। ତୀର୍ଥସ୍ଥାନ ଭ୍ରମଣର ସମୟ ଆସିବ। ରାଜନୀତିରେ ପରିଧି ବଢ଼ିବ।

**ଧନୁ**
ଧର୍ମପୁସ୍ତକ ପଢ଼ିବାରେ ଆଗ୍ରହ ବଢ଼ିବ। କର୍ମକ୍ଷେତ୍ରରେ ଆପଣଙ୍କ ପ୍ରଶଂସା ବଢ଼ିଯିବ। ସରକାରୀ କାମରେ ବାଧା ଦୂର ହେବ। ବୈବାହିକ ଜୀବନ ସୁଖରେ କଟିବ। ଗୃହରେ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବ।

**ମକର**
ଆର୍ଥିକ ଚିନ୍ତାରୁ କିଛିମାତ୍ରାରେ ମୁକ୍ତି ମିଳିବ। ଶିକ୍ଷା କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ଶୁଭଫଳ ମିଳିବ। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ପ୍ରଶଂସା ହେବ। ଧର୍ମାନୁଷ୍ଠାନରେ ଯୋଗଦେଇ ଶାନ୍ତି ଅନୁଭବ କରିବେ।

**କୁମ୍ଭ**
ନୂତନ ଗୃହ ନିର୍ମାର କରିବାର ସମୟ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସୂଚନା ମିଳିବ। ସମାଜରେ ମାନ-ସମ୍ମାନ ମିଳିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ବନ୍ଧୁଙ୍କ ଠାରୁ ସାହାଯ୍ୟ ମିଳିପାରେ।

**ମୀନ**
ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନପ୍ରାପ୍ତିର ସୁଯୋଗ ହାତଛଡଶ କରିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ନକ୍ସଲ ଅଞ୍ଚଳରେ ନିର୍ମାଣ ହେବ ୪ହଜାର ଟେଲି ଟାୱାର

**ନୂଆଦିଲ୍ଲୀ :** ନକ୍ସଲ ପ୍ରଭାବିତ ରାଜ୍ୟଗୁଡ଼ିକରେ ଟେଲିକମ୍ ନେଟ୍ୱାର୍କର ବିକାଶ ପାଇଁ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୧୦ଟି ନକ୍ସଲ ପ୍ରଭାବିତ ରାଜ୍ୟରେ ସରକାର ୪୦୭୨ଟି ମୋବାଇଲ୍ ଟାୱାର ପ୍ରତିଷ୍ଠା କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ନକ୍ସଲ ପ୍ରଭାବିତ ରାଜ୍ୟଗୁଡ଼ିକ ହେଲା, ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ। ପ୍ରଥମ ପର୍ଯ୍ୟାୟରେ ଏହି ରାଜ୍ୟଗୁଡ଼ିକରେ ଦୁଇ ବର୍ଷ ତଳେ ୨୩୨୯ ମୋବାଇଲ୍ ଟାୱାର ପ୍ରତିଷ୍ଠା କରାଯାଇଥିଲା। ଏ ବାବଦରେ ୩୧୬୭ କୋଟି ଟଙ୍କା ବିନିଯୋଗ କରାଯାଇଥିଲା। ଦୁଇ ବର୍ଷ ତଳେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏବେ ୨ୟ ପର୍ଯ୍ୟାୟରେ ମୋବାଇଲ୍ ଟାୱାର ପ୍ରତିଷ୍ଠା ହେଲେ ବାମପନ୍ଥୀ ଉଗ୍ରବାଦ ଅଧ୍ୟୁଷିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ଏହା ସହାୟକ ହେବ। ଏହି ପ୍ରକଳ୍ପ ବାବଦରେ ବ୍ୟୟ ମଧ୍ୟରେ ଏହି ଟାୱାରଗୁଡ଼ିକର ପରିଚାଳନା ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ। ଆଜିର ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ଅନୁଯାୟୀ ପ୍ରତିଷ୍ଠା ହେବାକୁ ଥିବା ୪୦୭୨ ମୋବାଇଲ୍ ଟାୱାର ମଧ୍ୟରୁ ଓଡ଼ିଶା ଭାଗରେ ୪୮୩ଟି ଟାୱାର ପଡ଼ିବ। ଏହାଛଡ଼ା ଝାଡ଼ଖଣ୍ଡରେ ୧୦୫୪, ଛତିଶଗଡରେ ୧୦୨୮, ଆନ୍ଧ୍ରପ୍ରଦେଶରେ ୪୨୯, ବିହାରରେ ୪୧୨, ପଶ୍ଚିମବଙ୍ଗରେ ୨୧୨, ଉତ୍ତରପ୍ରଦେଶରେ ୧୭୯, ମହାରାଷ୍ଟ୍ରରେ ୧୩୬, ତେଲେଙ୍ଗାନାରେ ୧୧୮ ଓ ମଧ୍ୟପ୍ରଦେଶରେ ୨୬ଟି ମୋବାଇଲ୍ ଟାୱାର ପ୍ରତିଷ୍ଠା କରାଯିବ। ଟେଲି ଯୋଗାଯୋଗ ବିଭାଗର ୟୁନିଭର୍ସାଲ ସର୍ଭିସ୍ ଅବ୍ଲିଗେସନ୍ ଫଣ୍ଡ (ୟୁଏସ୍ଓଏଫ୍) ଦ୍ୱାରା ବହନ କରାଯିବ। ୟୁଏସ୍ଓଏଫ୍ର ମୁଖ୍ୟ ଲକ୍ଷ୍ୟ ହେଉଛି, ଗ୍ରାମାଞ୍ଚଳ ଓ ଅଗମ୍ୟ ଅଞ୍ଚଳରେ ସ୍ୱଳ୍ପ ମୂଲ୍ୟରେ ଗୁଣାତ୍ମକ ସୂଚନା ଓ ଯୋଗାଯୋଗ ସେବା ଯୋଗାଇଦେବା। ବର୍ତ୍ତମାନ ସୁଦ୍ଧା ମାଓ ସମସ୍ୟାରେ ଜର୍ଜରିତ ୯୦ଟି ଜିଲ୍ଲା ମଧ୍ୟରୁ ୩୦ ଜିଲ୍ଲାକୁ ଅତି ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବା କହିଛନ୍ତି, ଦେଶର ୪୪ଟି ଜିଲ୍ଲାରେ ନକ୍ସଲପନ୍ଥୀଙ୍କ ପ୍ରଭାବ କମିଯାଇଛି।

## ପାରାଦୀପ ବନ୍ଦରକୁ ୧୦୦୦ କୋଟି ସୁଧ ଛାଡ଼

**ନୂଆଦିଲ୍ଲୀ :** ସରକାରୀ ଋଣ ବାବଦକୁ ପାରାଦୀପ ବନ୍ଦର ଉପରେ ଥିବା ଜୋରିମାନା ସୁଧ ଛାଡ଼ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଗଠିତ କ୍ୟାବିନେଟ୍ କମିଟି ଅନୁମୋଦନ ଦେଇଛି। ଏହି ପ୍ରସ୍ତାବ ଅନୁମୋଦନ ହେବା ପରେ ୨୦୧୭ ମସିହା ୩୧ ମାର୍ଚ୍ଚ ସୁଦ୍ଧା ପାରାଦୀପ ବନ୍ଦର ଉପରେ ଥିବା ୧୦୭୬.୫୯ କୋଟି ଟଙ୍କାର ଜୋରିମାନା ସୁଧ ସହିତ ଅନୁମୋଦନର ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ସୁଧ ମଧ ଛାଡ଼ କରାଯିବ। ରିହାତି ଅନୁମୋଦନ ଅବଧି ମଧରେ ୩୮୭.୭୪ କୋଟି ଟଙ୍କା ମୂଳଧନ ଏବଂ ବକେୟା ସୁଧକୁ ବନ୍ଦର କର୍ତ୍ତୃପକ୍ଷ ପୁନଃପରିଶୋଧ କରିବେ। ଏହି ପ୍ରକ୍ରିୟା ୨୦୧୮-୧୯, ୨୦୧୯-୨୦ ଦୁଇଟି ଆର୍ଥିକ ବର୍ଷରେ ଦୁଇଟି କିସ୍ତିରେ ପୂରଣ କରାଯିବ।

# ଟ୍ରମ୍ପ-କିମ୍ ବୈଠକ ବାତିଲ

## ଆମେରିକା ଓ ଉତ୍ତର କୋରିଆ ମଧ୍ୟରେ ପୁଣି ବିବାଦ ଆରମ୍ଭ

**ସିଓଲ୍ :** ଆସନ୍ତା ଜୁନ୍ ୧୨ ତାରିଖରେ ଉତ୍ତର କୋରିଆର ଶାସକ କିମ୍ ଜଙ୍ଗ ଉନ୍ଓ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହେବାକୁ ଥିବା ଐତିହାସିକ ବୈଠକ ବାତିଲ୍ ହୋଇଯାଇଛି। ସିଙ୍ଗାପୁର ଠାରେ ଏହି ଦ୍ୱିପାକ୍ଷିକ ଶାନ୍ତି ବୈଠକ କରିବା ପାଇଁ ଉଭୟ ଦେଶ ପ୍ରସ୍ତୁତି ଚଳାଇଥିବା ବେଳେ ହଠାତ୍ ହ୍ୱାଇଟ୍ ହାଉସ୍ ପକ୍ଷରୁ ଆଲୋଚନାକୁ ବାତିଲ୍ କରାଯାଇଛି। ଆଲୋଚନା ପୂର୍ବରୁ ଆମେରିକାର ପ୍ରସ୍ତାବ ଗ୍ରହଣ କରି ଉତ୍ତର କୋରିଆ ତାହାର ଆଣବିକ ପରୀକ୍ଷା ସ୍ଥଳରେ ଥିବା ଟନେଲ୍‌ଗୁଡ଼ିକୁ ଧ୍ୱଂସ କରିଥିବା ସତ୍ତ୍ୱେ କିମ୍ ଜଙ୍ଗ୍ ଉନ୍‌ଙ୍କ ସହ ପ୍ରସ୍ତାବିତ ବୈଠକକୁ ରାଷ୍ଟ୍ରପତି ଟ୍ରମ୍ପ୍ ବାତିଲ କରିଦେଇଛନ୍ତି। କିମ୍ ଜଙ୍ଗ୍‌ଙ୍କୁ ଦେଇଥିବା ଏକ ପତ୍ରରେ ରାଷ୍ଟ୍ରପତି ଟ୍ରମ୍ପ୍ ଲେଖିଛନ୍ତି, 'ଆପଣ ଖୋଲାଖୋଲି ଭାବେ ମୋ' ଉପରେ କ୍ରୋଧ ପ୍ରକାଶ କରିଥିବାରୁ ଓ ଶତ୍ରୁ ଭାବାପନ୍ନ ବିବୃତି ଦେଇଥିବାରୁ ବର୍ତ୍ତମାନ ଆପଣଙ୍କୁ ଭେଟିବାକୁ ମୁଁ ନଚାହିଁବା ଠିକ୍ ହେବ।' ଆଲୋଚନା ବାତିଲ ହୋଇଥିବାରୁ ଆମେରିକା ଓ ଉତ୍ତର କୋରିଆ ମଧ୍ୟରେ ପୁଣି ବିବାଦ ଆରମ୍ଭ ହୋଇଯାଇଛି। ବୈଠକ ବାତିଲ ନେଇ ଟ୍ରମ୍ପଙ୍କ ଘୋଷଣା ପୂର୍ବରୁ କିମ୍ ଜଙ୍ଗ୍ କହିଥିଲେ ଯେ ଦରକାର ପଡ଼ିଲେ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ବୈଠକରୁ ଓହରିଯିବେ ଓ ଆମେରିକା ବିରୋଧରେ ଆଣବିକ ଶକ୍ତି ପ୍ରଦର୍ଶନ କରିବାକୁ ପଛାଇବେ ନାହିଁ। ଉତ୍ତର କୋରିଆର ଉପ-ବୈଦେଶିକ ମନ୍ତ୍ରୀ ଆମେରିକାର ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କୁ 'ପଲିଟିକାଲ୍ ଡମି' ଭାବେ ବର୍ଣ୍ଣନା କରି କହିଥିଲେ ଯେ ଉତ୍ତର କୋରିଆ ଏକ ଅଣୁ ଅସ୍ତ୍ର ସଂପନ୍ନ ଦେଶ। ଲିବ୍ୟା ସହ ଉତ୍ତର କୋରିଆକୁ ତୁଳନା କରି ମାଇକ୍ ପେନ୍ସ ଠିକ୍ କରିନାହାନ୍ତି। ଲିବ୍ୟାର ଅଣୁଅସ୍ତ୍ର ବିକାଶ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା ବେଳେ ଆମେରିକାର ଚାପରେ ଲିବ୍ୟାର ତତ୍କାଳୀନ ଶାସକ ମୁଆମ୍ମର ଗଦାଫି ତାହା ବନ୍ଦ କରିବାକୁ ବାଧ ହୋଇଥିଲେ। ପରେ ନାଟୋ ବାହିନୀ ତାଙ୍କୁ ହତ୍ୟା କରିଥିଲା। ଉତ୍ତର କୋରିଆର ଏହି ସବୁ ବିବୃତି ମିଡିଆରେ ଆସିବା ପରେ ରାଷ୍ଟ୍ରପତି ଟ୍ରମ୍ପ୍ ସିଙ୍ଗାପୁରରେ କିମ୍ ଜଙ୍ଗଙ୍କୁ ଭେଟିବା କାର୍ଯ୍ୟକ୍ରମ ବାତିଲ କରିଛନ୍ତି।

## ପାକିସ୍ତାନକୁ ଚୀନ୍‌ର ପରାମର୍ଶ

# ହାଫିଜ୍‌କୁ ଅନ୍ୟ ଦେଶକୁ ପଠାଇଦିଅ

**ବେଜିଂ :** ମୁମ୍ବାଇ ଆତଙ୍କବାଦୀ ହମ୍‌ଲାର ମାଷ୍ଟରମାଇଣ୍ଡ ତଥା ବିଶ୍ୱ ଆତଙ୍କୀ ତାଲିକାରେ ସ୍ଥାନ ପାଇଥିବା ହାଫିଜ୍ ସୟିଦ ପାଇଁ ଚୀନ୍‌ର ଦରଦ ଆଜି ଧରାପଡ଼ିଛି। ହାଫିଜ୍‌କୁ ଧରିବା ପାଇଁ ବା ତା'ର କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ପାକିସ୍ତାନ ଉପରେ ଚାପ ପ୍ରୟୋଗ କରୁଥିବାରୁ ଚୀନ୍ ଏହାର ବିକଳ୍ପ ଚିନ୍ତା କରିଛି। କାଳେ କିଏ ହାଫିଜ୍‌କୁ ଠାବ କରିନେବ, ତେଣୁ ତାକୁ କୌଣସି ପଶ୍ଚିମ ଏସିଆ ଦେଶକୁ ସୁରକ୍ଷିତ ସ୍ଥାନାନ୍ତର କରିବାକୁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ପାକିସ୍ତାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ଖବର ପ୍ରକାଶ ପାଇଛି। ତେବେ ଏହି ଖବର ପ୍ରକାଶ ପାଇବାର କିଛି ସମୟ ମଧ୍ୟରେ ଚୀନ୍ ପକ୍ଷରୁ ଏନେଇ ସ୍ପଷ୍ଟୀକରଣ ଦିଆଯାଇଛି। ଏଭଳି ଖବରରେ କୌଣସି ସତ୍ୟତା ନାହିଁ। ଏହା ସଂପୂର୍ଣ୍ଣ ଅମୂଳକ ବୋଲି ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଖବର ପ୍ରକାଶ ପାଇଥିଲା ଯେ ସି ଜିନପିଙ୍ଗ ଗତ ମାସରେ ଚୀନ୍‌ରେ ଆୟୋଜିତ ବାଓ ଫୋରମ ସମ୍ମିଳନୀ ସମୟରେ ପାକ୍ ପ୍ରଧାନମନ୍ତ୍ରୀ ସାହିଦ୍ ଖାକ୍ବନ ଆବ୍ବାସୀଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ସି ଜିନପିଙ୍ଗ ପାକ୍ ପ୍ରଧାନମନ୍ତ୍ରୀ ଆବ୍ବାସୀଙ୍କୁ ହାଫିଜ୍‌କୁ ନେଇ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ନେତା ୩୫ ମିନିଟ୍ କାଳ ଆଲୋଚନା କରିଥିବା ବେଳେ କେବଳ ହାଫିଜ୍ ସମ୍ପର୍କରେ ଦୀର୍ଘ ୧୦ ମିନିଟ୍ ଆଲୋଚନା ହୋଇଥିଲା। ଏହି ସମୟରେ ଜିନିପିଙ୍ଗ ଆବ୍ବାସୀଙ୍କୁ କହିଥିଲେ ଆପଣ ତୁରନ୍ତ ହାଫିଜ୍‌କୁ ଠାବ କରି, ତାକୁ ପାକିସ୍ତାନରୁ ଅନ୍ୟ ଦେଶକୁ ସୁରକ୍ଷିତ ପଠାଇ ଦିଅନ୍ତୁ। ତାକୁ ସର୍ବସମ୍ମୁଖରୁ ଯେତେଦୂର ସମ୍ଭବ ଦୂରେଇ ରଖିବା ପାକିସ୍ତାନ ପାଇଁ ଭଲ ହେବ। କାରଣ ହାଫିଜ୍‌କୁ ଗିରଫ କରିବା ପାଇଁ ଏବେ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ଚାପ ସୃଷ୍ଟି କରିବା ଆରମ୍ଭ କରିଛନ୍ତି। ଏକଥା ଖୋଦ୍ ଆବ୍ବାସୀଙ୍କ ଜଣେ ସହଯୋଗୀ ଗଣମାଧ୍ୟମକୁ କହିଥିବା ରିପୋର୍ଟ ପ୍ରକାଶ ପାଇଥିଲା।

# ୨୦୧୯ ନିର୍ବାଚନ ପାଇଁ କଂଗ୍ରେସର ପାଣ୍ଠି ଚିନ୍ତା

**ନୂଆଦିଲ୍ଲୀ :** କଂଗ୍ରେସ ଏବେ ଅର୍ଥାଭାବଜନିତ ଘୋର ସଙ୍କଟରେ ପଡ଼ିଛି। ଗତ ୫ମାସ ଧରି ରାଜ୍ୟ ଶାଖାଗୁଡ଼ିର ଖର୍ଚ୍ଚ ତୁଲାଇବା ପାଇଁ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରୁ କିଛି ମିଳିନାହିଁ। ଯଥାସମ୍ଭବ ଅଧିକ ଚାନ୍ଦା ଆଦାୟ କରିବାକୁ ଓ ଖର୍ଚ୍ଚ କମାଇବାକୁ କଂଗ୍ରେସର ମୁଖ୍ୟ କାର୍ଯ୍ୟାଳୟରୁ ରାଜ୍ୟ ଶାଖାଗୁଡ଼ିକୁ ନିର୍ଦ୍ଦେଶ ମିଳିଛି। ଇଲେକ୍ଟୋରାଲ୍ ବଣ୍ଡ୍ ଜରିଆରେ ଶିଳ୍ପପତି ଓ ବଡ଼ ବ୍ୟବସାୟୀମାନେ କଂଗ୍ରେସକୁ ଆଉ ଚାନ୍ଦା ଦେବାକୁ ଚାହୁଁନାହାନ୍ତି। ବିଜେପି ଏବେ ୨୦ଟି ରାଜ୍ୟରେ ସରକାର ଗଢ଼ିସାରିଛି କିମ୍ବା ମେଣ୍ଟ ସରକାରରେ ଅଂଶୀଦାର ରହିଛି। ୨୦୧୩ରେ କଂଗ୍ରେସ ୧୫ଟି ରାଜ୍ୟରେ କ୍ଷମତାରେ ଥିଲା ଯାହା ଏବେ ୨କୁ ଖସିଆସିଛି। ୨୦୧୩ରୁ ୨୦୧୬ ମଧ୍ୟରେ ବିଜେପି ୨୯୮୭ଟି କର୍ପୋରେଟ୍ ହାଉସ୍‌ରୁ ୭୦୫ କୋଟି ଟଙ୍କା ଚାନ୍ଦା ଆକାରରେ ପାଇଥିବା ବେଳେ ସମକାଳରେ କଂଗ୍ରେସ ୧୬୭ଟି କର୍ପୋରେଟ୍ ହାଉସ୍‌ରୁ ୧୯୮ କୋଟି ଟଙ୍କା ଚାନ୍ଦା ପାଇଥିଲା। ନିର୍ବାଚନ କମିଶନଙ୍କୁ ଦେଇଥିବା ହିସାବରେ କଂଗ୍ରେସ ଦର୍ଶାଇଛି ଯେ ୨୦୧୭ ମାର୍ଚ୍ଚରେ ସରିଥିବା ଆର୍ଥିକ ବର୍ଷରେ ଦଳ ୨୨୫.୩୬ କୋଟି ଟଙ୍କା ଚାନ୍ଦା ପାଇଥିବା ବେଳେ ମୋଟ ୩୨୧ କୋଟି ଟଙ୍କା ଖର୍ଚ୍ଚ କରିଛି। ସେହିଭଳି ବିଜେପି ୨୦୧୭ ମାର୍ଚ୍ଚରେ ସରିଥିବା ଆର୍ଥିକ ବର୍ଷରେ କର୍ପୋରେଟ୍ ହାଉସ୍‌ଗୁଡ଼ିକଠାରୁ ଚାନ୍ଦା ପାଇଥିଲା ୧୦୩୪ କୋଟି ଟଙ୍କା ଯେଉଁଥିରୁ ସେହିବର୍ଷ ଖର୍ଚ୍ଚ କରିଛି ୭୧୦ କୋଟି ଟଙ୍କ। ୨୦୧୬-୧୭ ଆର୍ଥିକ ବର୍ଷରେ ବିଜେପିର ଚାନ୍ଦା ସଂଗ୍ରହ ପୂର୍ବ ବର୍ଷ ତୁଳନାରେ ୮୧% ବଢ଼ିଥିବା ବେଳେ କଂଗ୍ରେସର ଚାନ୍ଦା ସଂଗ୍ରହ ସମକାଳରେ ୧୪% କମିଥିଲା। ୨୦୧୪ ଲୋକସଭା ନିର୍ବାଚନ ବେଳେ ବିଜେପିକୁ ୫୫୮ କୋଟି ଟଙ୍କା ଚାନ୍ଦା ମିଳିଥିବା ବେଳେ କଂଗ୍ରେସକୁ ମିଳିଥିଲା ୩୫୦ କୋଟି ଟଙ୍କା। ଅର୍ଥାଭାବ ଯୋଗୁ ତ୍ରିପୁରା, ନାଗାଲ୍ୟାଣ୍ଡ ଓ ମେଘାଳୟରେ କଂଗ୍ରେସର ନିର୍ବାଚନ ପ୍ରଚାର ମାନ୍ଦା ପଡ଼ିଯାଇଥିଲା। ଭାରତରେ ନିର୍ବାଚନ ଲଢ଼ିବା ପାଇଁ ରାଜନୀତିକ ଦଳଗୁଡ଼ିକୁ ପ୍ରଚୁର ଖର୍ଚ୍ଚ କରିବାକୁ ପଡ଼ିଥାଏ। ଅନୁମାନ କରାଯାଉଛି ଯେ ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ପ୍ରଚୁର ଅର୍ଥ ବ୍ୟୟ କରି ହାଇ-ଫାଇ ପ୍ରଚାର ଚଳାଇବ ଓ କଂଗ୍ରେସ ଏବଂ ଆଞ୍ଚଳିକ ଦଳଗୁଡ଼ିକ ସାମାନ୍ୟ ଅର୍ଥ ବ୍ୟୟକରି ମାମୁଲି ଧରଣର ପ୍ରଚାର କରିବେ।

## କାଶ୍ମୀରରେ ସୁରକ୍ଷା ବାହିନୀର ନୂଆ ମନ୍ତ୍ର

# 'ସେମାନଙ୍କୁ ଜୀବନ୍ତ ଧର'

**ଶ୍ରୀନଗର :** ଜମ୍ମୁ-କଶ୍ମୀର ଆତଙ୍କୀ ନିରୋଧୀ ଅପରେସନ୍‌ରେ ନିୟୋଜିତ ସୁରକ୍ଷା କର୍ମୀମାନେ ଏବେ ଯଥା ସମ୍ଭବ ଆତଙ୍କୀମାନଙ୍କୁ ଜୀବନ୍ତ ଧରିବାର ପ୍ରୟାସ କରିବାର ନୂଆ ମନ୍ତ୍ର ଆପଣେଇବେ। ଗତ ୭ ମାସରେ ପ୍ରାୟ ୭୦ ଜଣ ଆତଙ୍କୀଙ୍କ ଜୀବନ ନେଇ ସଫଳ ସାବ୍ୟସ୍ତ ହୋଇଥିବା ଏହି ସୁରକ୍ଷାକର୍ମୀମାନେ ଏଣିକି ଆତଙ୍କବାଦର ମୂଳ କାରଣ ଏବଂ ସେମାନଙ୍କୁ ଏପରି କାର୍ଯ୍ୟରେ ଲଗାଉଥିବା ସଂଗଠନ ଉପରେ କଡ଼ା ନଜର ରଖିବା ସହିତ ସେମାନଙ୍କୁ ଘରକୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦିଆଯିବ। ଉଭୟ ପୁଲିସ୍ ଏବଂ ସୁରକ୍ଷାକର୍ମୀ ପୂର୍ବରୁ ଏନ୍‌କାଉଣ୍ଟରକୁ ଗୁରୁତ୍ୱ ଦେଇ ଆସୁଥିଲେ। ଫଳରେ ନିରୀହ କଶ୍ମୀରୀଙ୍କ ଜୀବନ ଯାଉଥିଲା ଏବଂ ସେମାନଙ୍କୁ ଜିହାଦ ନାମରେ ଏପରି ହିଂସାପାଇଁ ପ୍ରବର୍ତ୍ତାଉଥିବା ବିଚ୍ଛିନ୍ନତାବାଦୀ ଓ ଆତଙ୍କୀ ସଂଗଠନମାନେ ସୁରକ୍ଷିତ ରହୁଥିଲେ। କିନ୍ତୁ ବର୍ତ୍ତମାନ ସେମାନଙ୍କୁ ଜୀବନ୍ତ ଧରି ସେମାନଙ୍କ ଅଭିଯୋଗ ଶୁଣାଯିବ। ୧୫, ୧୬ ବର୍ଷର କିଶୋରଙ୍କୁ କିଭଳିଭାବେ ଆତଙ୍କବାଦର ପାଠ ପଢ଼ାଯାଇ ହିଂସାକାର୍ଯ୍ୟରେ ନିୟୋଜିତ କରାଯାଉଛି ତାହା ମଧ ସାମ୍ନାକୁ ଆସିବ। କିଛି ଦିନ ମଧରେ ବହୁ ଦୁର୍ଦ୍ଧର୍ଷ ଆତଙ୍କୀଙ୍କୁ ନିପାତ କରିବା ପରେ ବର୍ତ୍ତମାନ ଆତଙ୍କବାଦର ମୂଳୋତ୍ପାଟନ ଉଦ୍ଦେଶ୍ୟରେ ଏହି ନୀତି ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଗୁଇନ୍ଦା ସୂତ୍ରରୁ ଜଣାପଡ଼ିଛି ଅନେକ ସଂଖ୍ୟାରେ ପଥଭ୍ରଷ୍ଟ ଆତଙ୍କୀ ଘରକୁ ଫେରିବାକୁ ଚାହୁଁଛନ୍ତି। ପ୍ରଶାସନ ସେମାନଙ୍କ ଅଭିଭାବକଙ୍କ ଅନୁରୋଧକୁ ଗୁରୁତ୍ୱ ଦେଇ ସେମାନଙ୍କୁ ଫେରାଇ ଆଣିବାର ପ୍ରୟାସ କରିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଫଳରେ ସେମାନେ ନିଜର ଶୈକ୍ଷିକ ଜୀବନ ପୁଣିଥରେ ଆରମ୍ଭ କରିପାରିବେ। କଶ୍ମୀର ରେଞ୍ଜ ଆଇଜିପି ସ୍ୱୟମ୍ ପ୍ରକାଶ ପାଣିଙ୍କ କହିବା ଅନୁଯାୟୀ, ପରିବେଶରେ ପରିବର୍ତ୍ତନ ଆଣିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଯାହାଫଳରେ ସେମାନେ ସଚେତନ ହୋଇ ଅସ୍ତ୍ର ଉଠାଇବା ବଦଳରେ ସାଧାରଣ ଜୀବନକୁ ଫେରିପାରିବେ। ଏହା ସହିତ ଆତଙ୍କୀ ହମଲା ବିରୋଧୀ ଅପରେସନ୍ ମଧ ପୂର୍ବବତ୍ ଚାଲୁ ରହିବ ବୋଲି ସେ ଜଣାଇଛନ୍ତି।



# ଜନଶୂନ୍ୟ ପାଲଟିଲା ସୀମାନ୍ତ

**ଶ୍ରୀନଗର :** ଦୀର୍ଘଦିନ ହେଲା ସୀମାନ୍ତରେ ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଭାରତ ଉପରକୁ ଗୁଳିମାଡ଼ କରୁଥିବା ପାକିସ୍ତାନର ବଦମାସୀ ଜାରି ରହିଛି। ଜମ୍ମୁ-କଶ୍ମୀରର ଉରି ସେକ୍ଟରର ନିୟନ୍ତ୍ରଣ ରେଖା ନିକଟରେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ସ୍ୱୟଂ ଚାଳିତ ବନ୍ଧୁକ ଓ ମୋର୍ଟାର ମାଡ଼ କରିଛି। ଏଠାରେ ଥିବା ସେନା ଆଉଟ୍ ପୋଷ୍ଟ ଏବଂ ଗାଁଗୁଡ଼ିକୁ ପାକ୍ ସେନା ଟାର୍ଗେଟ କରିଥିଲା। ଭାରତ ପକ୍ଷରୁ ମଧ ଏହାର ଦୃଢ଼ ଜବାବ ଦିଆଯାଇଥିଲା। ଅନ୍ୟପଟେ ପାକିସ୍ତାନର ଏପରି ନିରବଚ୍ଛିନ୍ନ ଗୁଳିମାଡ଼ ଯୋଗୁ ସୀମା ନିକଟବର୍ତ୍ତୀ ଗାଁଗୁଡ଼ିକର ଲକ୍ଷାଧିକ ଲୋକ ଏବେ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ବାଧ ହୋଇଛନ୍ତି। ଫଳରେ ସୀମାନ୍ତ ଗାଁ ଗୁଡ଼ିକ ଏକ ଭୂତ ସହରର ବା ଜନଶୂନ୍ୟ ହୋଇ ଯାଇଛି। ବର୍ତ୍ତମାନ ସୁଦ୍ଧା ସୀମାନ୍ତରେ ଥିବା ଗାଁ ଗୁଡ଼ିକରୁ ପାଖାପାଖି ଏକ ଲକ୍ଷ ଲୋକ ଘର ଛାଡ଼ି ବିଭିନ୍ନ ବଙ୍କର ଏବଂ ସରକାରୀ କୋଠାରେ ଆଶ୍ରୟ ନେଇଛନ୍ତି। ଏଠାରେ ଥିବା ଘର ଗୁଡ଼ିକରେ ପାକ୍ ସେନାର ମୋର୍ଟାର ମାଡ଼ର ଚିହ୍ନ ରହିଛି। କିଛି ଘର ପୋଡ଼ିଜଳି ପାଉଁଶ ମଧ ହୋଇଛି। ସୀମାନ୍ତ କେସୋ ଗାଁର ୧୯ ବର୍ଷୀୟ ସୋନମ୍ କୁନ୍ଦଲ ଏବେ ଏକୁଟିଆ ରହିଛନ୍ତି। ମଙ୍ଗଳବାର ତାଙ୍କ ବାପା ନୂଆ କରି ଘର ଚାରିପାଖରେ ଏକ କାନ୍ଥ ନିର୍ମାଣ କରୁଥିଲେ। ହେଲେ ଏତିକି ବେଳେ ପାକ୍ ମୋର୍ଟାର ମାଡ଼ ହେବାରୁ ଏହା ଛାରଖାର ହୋଇଯାଇଥିଲା। ଏଥିରେ ତାଙ୍କ ବାପାଙ୍କ ସମେତ ମା' ଏବଂ ଭାଇ ଗୁରୁତର ଆହତ ହୋଇଥିଲେ। ସେ କହିଛନ୍ତି ମୋ ପରିବାର ଲୋକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ସେ ଘରେ ଥିବାରୁ ପାକ୍ ଆକ୍ରମଣରୁ ରକ୍ଷା ପାଇଟାଇଥିଲେ। ଏବେ ସେ ତାଙ୍କ ସମ୍ପର୍କୀୟ ମାଉସୀଙ୍କ ଘରେ ରହୁଛନ୍ତି ବୋଲି କହିଛନ୍ତି। ସୋନମଙ୍କ ପରି ଜମ୍ମୁ, କଠୁଆ ଓ ସାମ୍ବା ଜିଲ୍ଲାର ସୀମାନ୍ତ ଗୁଡ଼ିକର ହଜାର ହଜାର ଲୋକ ଏବେ ପାକ୍‌ର ଏପରି ଆକ୍ରମଣ ଯୋଗୁ ଘର ଛାଡ଼ି ଅନ୍ୟତ୍ର ରହିବାକୁ ବାଧ ହେଉଛନ୍ତି। କିଛି ଲୋକ ସେମାନଙ୍କ ସମ୍ପର୍କୀୟଙ୍କ ପାଖରେ ଆଶ୍ରୟ ନେଉଥିବା ବେଳେ ଆଉ କିଛି ଲୋକ ସରକାରୀ ରିଲିଫ୍ କ୍ୟାମ୍ପରେ ରହୁଛନ୍ତି। କହିବାକୁ ଗଲେ ୧୫୦୦ ଜନସଂଖ୍ୟା ବିଶିଷ୍ଟ କେସୋ ଗାଁ ଏବେ ଜନଶୂନ୍ୟ ହୋଇପଡ଼ିଛି। ମହିଳା ଓ ପିଲାମାନେ ରିଲଫ୍ କ୍ୟାମ୍ପରେ ରହୁଥିବା ବେଳେ ପୁରୁଷମାନେ ସୂର୍ଯ୍ୟାସ୍ତ ପରେ କ୍ୟାମ୍ପକୁ ଫେରୁଛନ୍ତି। ସୀମାନ୍ତର ସବୁଠାରୁ ଶେଷ ଗାଁ ହେଉଛି ନାନଗା ମଧ ଏବେ ଭୂତ ସହରରେ ପରିଣତ ହୋଇଛି। ଏଠାରେ ଥିବା ସମସ୍ତ ଘର ମୋର୍ଟାର ମାଡ଼ରେ ଛାରଖାର ହୋଇଯାଇଛି।

# ଭାରତ ବିଶ୍ୱର ୬ଷ୍ଠ ଧନୀ ଦେଶ

**ନୂଆଦିଲ୍ଲୀ :** ବିଶ୍ୱରେ ଭାରତ ଷଷ୍ଠ ଧନଶାଳୀ ଦେଶ ବୋଲି ସଦ୍ୟ ପ୍ରକାଶିତ ଆଫ୍ରଏସିଆ ବ୍ୟାଙ୍କ ଗ୍ଲୋବାଲ୍ ୱେଲ୍‌ଥ ମାଇଗ୍ରେସନ୍ ରିଭ୍ୟୁ ରିପୋର୍ଟରେ କୁହାଯାଇଛି। ଧନୀ ଦେଶ ତାଲିକାରେ ଆମେରିକା ପ୍ରଥମ ସ୍ଥାନରେ ରହିଛି। କୌଣସି ଦେଶରେ ଲୋକଙ୍କ ମାଲିକାନାରେ ଥିବା ଘରୋଇ ସମ୍ପତ୍ତି(ନେଟ୍ ଆସେଟ୍‌ସ)ସବୁର ମୂଲ୍ୟକୁ ସେହି ଦେଶର ମୋଟ ସମ୍ପତ୍ତି ଭାବେ ରିପୋର୍ଟରେ ହିସାବ କରାଯାଇଛି। ଏହି ସମ୍ପତ୍ତିରେ ସରକାରୀ ଫଣ୍ଡ୍‌କୁ ହିସାବ କରାନଯାଇ ଲୋକଙ୍କ ବ୍ୟକ୍ତିଗତ ସମ୍ପତ୍ତି, କ୍ୟାଶ୍, ଇକ୍ୱିଟି ଓ ବ୍ୟବସାୟ ସମ୍ପତ୍ତିରୁ ଋଣକୁ ଫେଡ଼ିଲେ ଯାହା ରହିବ ତାହା ହେଉଛି କୌଣସି ଦେଶର ଲୋକଙ୍କ ଘରୋଇ ସମ୍ପତ୍ତି। ତଦନୁଯାୟୀ ୨୦୧୭ରେ ଭାରତର ଲୋକଙ୍କ ମାଲିକାନାରେ ଥିବା ମୋଟ ଘରୋଇ ସମ୍ପତ୍ତିର ମୂଲ୍ୟ ହେଉଛି ୮,୨୩,୦୦୦ କୋଟି ଡଲାର୍। ଆମେରିକାରେ ମୋଟ ଘରୋଇ ସମ୍ପତ୍ତିର ମୂଲ୍ୟ ହେଉଛି ୬୨,୫୮,୪୦୦ କୋଟି ଡଲାର୍। ଚୀନରେ ମୋଟ ଘରୋଇ ସମ୍ପତ୍ତିର ମୂଲ୍ୟ ହେଉଛି ୨୪,୮୦,୩୦୦ କୋଟି ଡଲାର୍ ଯାହା ଭାରତରେ ମୋଟ ଘରୋଇ ସମ୍ପତ୍ତିର ମୂଲ୍ୟର ପ୍ରାୟ ଚାରିଗୁଣ। ଧନୀ ଦେଶ ତାଲିକାର ଦ୍ୱିତୀୟ ସ୍ଥାନରେ ଚୀନ ଥିବା ବେଳେ ଜାପାନ ମୋଟ ଘରୋଇ ସମ୍ପତ୍ତିର ମୂଲ୍ୟ ୧୯,୫୨,୨୦୦ କୋଟି ଡଲାର୍ ସହ ତୃତୀୟ ସ୍ଥାନରେ ରହିଛି। ସେହିଭଳି ପ୍ରଥମ ୧୦ ଧନୀ ଦେଶ ତାଲିକାରେ ରହିଛନ୍ତି ଇଂଲଣ୍ଡ(୯,୯୧,୯୦୦ କୋଟି ଡଲାର୍), ଜର୍ମାନୀ(୯,୬୬,୦୦୦ କୋଟି ଡଲାର୍), ଫ୍ରାନ୍ସ(୬,୬୪,୯୦୦ କୋଟି ଡଲାର୍), କାନାଡା(୬,୩୯,୩୦୦ କୋଟି ଡଲାର୍), ଅଷ୍ଟ୍ରେଲିଆ(୬,୧୪,୨୦୦ କୋଟି ଡଲାର୍) ଓ ଇଟାଲୀ(୪,୨୭,୬୦୦ କୋଟି ଡଲାର୍)। ଭାରତରେ ଲକ୍ଷଲକ୍ଷ ସଂଖ୍ୟାରେ ଘରୋଇ ଉଦ୍ୟୋଗୀ, ଉତ୍ତମ ଶିକ୍ଷା ବ୍ୟବସ୍ଥା, ଆଇଟି ଉଦ୍ୟୋଗର ଦ୍ରୁତ ବିକାଶ, ବିପିଓ ଅଭିବୃଦ୍ଧି, ସ୍ଥାବର ସମ୍ପତ୍ତିର ବିକାଶ, ସ୍ୱାସ୍ଥ୍ୟସେବା, ମିଡିଆ ଆଦି କ୍ଷେତ୍ରର ଦ୍ରୁତ ବିକାଶ ଘଟୁଥିବାରୁ ଆସନ୍ତା ୧୦ବର୍ଷରେ ଲୋକଙ୍କ ମାଲିକାନାରେ ଥିବା ଘରୋଇ ସମ୍ପତ୍ତିସବୁର ମୂଲ୍ୟ ଦୁଇଗୁଣ ବଢ଼ିବ ବୋଲି ଆଫ୍ରଏସିଆ ବ୍ୟାଙ୍କ ଗ୍ଲୋବାଲ୍ ୱେଲ୍‌ଥ ମାଇଗ୍ରେସନ୍ ରିଭ୍ୟୁ ରିପୋର୍ଟରେ କୁହାଯାଇଛି। ୨୦୧୬ ମସିହାରେ ଭାରତୀୟଙ୍କର ମୋଟ ଘରୋଇ ସମ୍ପତ୍ତି୬,୫୮,୪୦୦ କୋଟି ଆମେରିକୀୟ ଡଲାର୍ ଥିଲା ଯାହାକି ୨୦୧୭ ମସିହାରେ ୨୫ ପ୍ରତିଶତ ବୃଦ୍ଧି ପାଇ ୮,୨୩,୦ ୦୦କୋଟି ଆମେରକୀୟ ଡଲାର୍‌ରେ ପହଞ୍ଚିଛି। ଏହି ସମୟରେ ଚୀନର ଘରୋଇ ସମ୍ପତ୍ତି ବୃଦ୍ଧିହାର ୨୨ ପ୍ରତିଶତ ଥିଲା ଏବଂ ବିଶ୍ୱରେ ଲୋକଙ୍କ ସମ୍ପତ୍ତି ୧୨ ପ୍ରତିଶତ ବଢ଼ିଛି। ୨୦୧୬ରେ ବିଶ୍ୱରେ ମୋଟ ଘରୋଇ ସମ୍ପତ୍ତିର ମୂଲ୍ୟ ଥିଲା ୧୯୨ଲକ୍ଷ କୋଟି ଡଲାର୍ ଯାହା ୨୦୧୭ ମସିହାରେ ୨୧୫ଲକ୍ଷ କୋଟି ଡଲାର୍‌କୁ ବୃଦ୍ଧି ପାଇଛି। ୨୦୦୭ରୁ ୨୦୧୭ ଯାଏ ଏକ ଦଶକ ମଧ୍ୟରେ ଭାରତୀୟଙ୍କ ମୋଟ ଘରୋଇ ସମ୍ପତ୍ତି ୩,୧୬,୫୦୦ କୋଟି ଡଲାର୍‌ରୁ ୧୬୦ ପ୍ରତିଶତ ବୃଦ୍ଧି ପାଇ ୮,୨୩,୦୦୦ କୋଟି ଡଲାର୍‌ରେ ପହଞ୍ଚିଛି। ଭାରତରେ ୩,୩୦, ୪୦୦ ଜଣ ବଡ଼ ଧନୀ (ହାଇ ନେଟ୍‌ୱର୍ଥ ଇଣ୍ଡିଭିଜୁଆଲ୍ସ ବା ଏଚ୍‌ଏନ୍‌ଆଇ) ଅଛନ୍ତି ଯେଉଁମାନଙ୍କର ୧୦ଲକ୍ଷ ଡଲାର୍ କିମ୍ବା ତାହାଠାରୁ ଅଧିକ ମୂଲ୍ୟର ସମ୍ପତ୍ତି ରହିଛି। ଆମେରିକାରେ ଏଚ୍‌ଏନ୍‌ଆଇଙ୍କ ସଂଖ୍ୟା ୫୦,୪୭,୪୦୦ ରହିଛି। ଏଚ୍‌ଏନ୍‌ଆଇଙ୍କ ସଂଖ୍ୟା ଦୃଷ୍ଟିରୁ ବିଶ୍ୱରେ ଭାରତ ନବମ ସ୍ଥାନରେ ଅଛି। ସେହିପରି ଭାରତରେ ୨୦,୭୩୦ ଜଣ ଅତି ବଡ଼ ଧନୀ(ମଲ୍ଟିମିଲିଅନର୍) ଅଛନ୍ତି। ମଲ୍ଟି-ମିଲିଅନରଙ୍କ ସଂଖ୍ୟା ଦୃଷ୍ଟିରୁ ବିଶ୍ୱରେ ଭାରତ ସପ୍ତମ ସ୍ଥାନରେ ରହିଛି। ଭାରତରେ ୧୧୯ଜଣ ଧନୀ ବ୍ୟକ୍ତି (ବିଲିଅନର୍)ଅଛନ୍ତି ଯାହାଙ୍କର ସମ୍ପତ୍ତି ମୂଲ୍ୟ ୧୦୦ କୋଟି ଡଲାର୍‌ରୁ ଅଧିକ। ବିଲିଅନରଙ୍କ ସଂଖ୍ୟା ଦୃଷ୍ଟିରୁ ଆମେରିକା ଓ ଚୀନ ପଛକୁ ଭାରତ ତୃତୀୟ ସ୍ଥାନରେ ରହିଛି।

**ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି**

# ହିତାଧିକାରୀଙ୍କ ସଂଖ୍ୟା ବଢ଼ାଅ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ରେ ହିତାଧିକାରୀ ସଂଖ୍ୟା ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ରାଜ୍ୟରେ ଲୋକସଂଖ୍ୟା ବୃଦ୍ଧି ପାଉଥିବାବେଳେ ପ୍ରାୟ ୩୪.୪୪ଲକ୍ଷ ଯୋଗ୍ୟ

## ଖାଦ୍ୟ ସୁରକ୍ଷା ଆଇନ

ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ହେବାରୁ ବଞ୍ଚିତ ଅଛନ୍ତି। ତେଣୁ ଓଡ଼ିଶା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ରେ ଧାର୍ଯ୍ୟ ହିତାଧିକାରୀ ସୀମାରେ ସଂଶୋଧନ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଓଡ଼ିଶା ସରକାର ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରୁଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ରେ ଓଡ଼ିଶାର ୩କୋଟି ୨୬ଲକ୍ଷ ୪୧ହଜାର ୮୦୦ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଯାହାକି ୨୦୧୧ ଜନଗଣନା ଆଧାରରେ ମୋଟ ଜନସଂଖ୍ୟା ୪କୋଟି ୧୯ଲକ୍ଷ ୭୪ହଜାର ୨୧୮ଜଣର ୭୮%। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ଗତ ଦଶନ୍ଧି ମଧ୍ୟରେ ରାଜ୍ୟରେ ଜନସଂଖ୍ୟା ୧୪ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ଏହି ତଥ୍ୟକୁ ବିଚାରକୁ ନିଆଗଲେ ୨୦୧୮ ମସିହାରେ ରାଜ୍ୟର ଜନସଂଖ୍ୟା ୨୦୧୧ ମସିହା ତୁଳନାରେ ୧୦.୨୨% ଅଧିକ ହୋଇଛି। ୨୦୧୮ ମସିହାରେ ରାଜ୍ୟର ମୋଟ ଜନସଂଖ୍ୟା ପ୍ରାୟ ୪କୋଟି ୬୨ଲକ୍ଷ ୬୩ହଜାର ୯୮୩ରେ ପହଞ୍ଚିଛି। ଏଥିରୁ ଯଦି ୭୮% ଲୋକଙ୍କୁ ସାମିଲ କରାଯିବ ତା'ହେଲେ ୩କୋଟି ୬୦ଲକ୍ଷ ୮୫ହଜାର ୯୦୭ଜଣ ହିତାଧିକାରୀ ଖାଦ୍ୟ ସୁରକ୍ଷାରେ ସାମିଲ ହେବାକୁ ଯୋଗ୍ୟ। ଏବେ ଓଡ଼ିଶାର ୩.୨୬କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷାରେ ସାମିଲ ନିମନ୍ତେ ଟାର୍ଗେଟ୍ ସ୍ଥିର ହୋଇଥିବାରୁ ବାକି ୩୪.୪୪ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଏହି ଆଇନରେ ଅନ୍ତର୍ଭୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଯାହାଫଳରେ ଖାଦ୍ୟ ସୁରକ୍ଷା ଆଇନ ତା'ର ଉଦ୍ଦେଶ୍ୟ ପୂରଣ କରିବ। ଏହା ସହିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ହିତାଧିକାରୀଙ୍କୁ ସାମିଲ କରିବାର ଟାର୍ଗେଟ୍‌କୁ ମଧ ପରିବର୍ତ୍ତନ ନିମନ୍ତେ ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ପରାମର୍ଶ ଦେଇଛନ୍ତି।

# ଜିଲ୍ଲାବାସୀଙ୍କ ଦୃଷ୍ଟିରେ ମା' ପରି ଜିଲ୍ଲାପାଳ

**ରାୟଗଡା, (ଅମୂଲ୍ୟ ନିଶଙ୍କ) :** ଏହି ଜିଲ୍ଲାରେ ଗତ ମାର୍ଚ୍ଚ ୨୩, ୨୦୧୬ରେ ଆଇଏଏସ୍ ଅଫିସର ଗୁହା ପୁନମ ତାପଶ କୁମାର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ସମୟରେ ଜିଲ୍ଲାରେ ବହୁ ସମସ୍ୟା ରହିଥିଲା। ଯାହା ତାଙ୍କ ପାଇଁ ଥିଲା ଏକ ଆହ୍ୱାନ। ଏବେ ସବୁ ସମସ୍ୟାର ସମାଧାନ କରିବା ସହ ଜିଲ୍ଲାକୁ ଠିକ୍‌ରୂପେ ପରିଚାଳନା କରି ସେ ଜିଲ୍ଲାବାସୀଙ୍କ ଆପଣାର ହୋଇପାରିଛନ୍ତି। ସୂଚନାଯୋଗ୍ୟ, ମହାରାଷ୍ଟ୍ରର କଲ୍ୟାଣ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଗୁହା ପୁନମ ନିଜର ଶିକ୍ଷା ମାଉଣ୍ଟ ହଲି କ୍ରଶ କନଭେଣ୍ଟ ସ୍କୁଲ କଲ୍ୟାଣ ଓ ପରେ ଭି ଜି କଲେଜରେ ନିଜର ଶିକ୍ଷା ସମାପ୍ତ କରି ୨୦୦୮ରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ପରେ କୋରାପୁଟ ଜିଲ୍ଲାରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ପ୍ରାରମ୍ଭରୁ ହିଁ ସେ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇ ଅସିଥିଲେ। ପରେ ପରେ ନୂଆପଡା, ଝାରସୁଗୁଡା, ଦେଓଗଡ ଜିଲ୍ଲାର ଜିଲ୍ଲାପାଳ ରୂପେ ନିଜର ଦାୟିତ୍ୱ ସମ୍ପାଦନ କରି ସେଠାକାର ଜନସାଧାରଣଙ୍କ ଅତି ଆପଣାର ହୋଇପାରିଥିଲେ। ଠିକ ସେହିପରି ରାୟଗଡା ଜିଲ୍ଲା ଏକ ଘଡି ସନ୍ଧି ମୁହୂର୍ତରେ ଚାଲୁଥିବା ସମୟରେ ଜିଲ୍ଲାପାଳ ରୂପେ ଗୁହା ପୁନମ ଦାୟିତ୍ୱ ନେଇ ଜିଲ୍ଲାକୁ କିପରି ଭାବରେ ୧ ନମ୍ବର ହେବ ସେଥି ନିମନ୍ତେ ଦିନରାତି ଏକ ହୋଇ କାମ କରିଚାଲିଛନ୍ତି। ଜିଲ୍ଲା କିପରି ଭାବେ ସବୁକ୍ଷେତ୍ରରେ ପରିବର୍ତନ ଆସିବ ସେଥିପାଇଁ ସେ ସର୍ବଦା ଉଦ୍ୟମ ଜାରି ରଖିଛନ୍ତି। ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ସେ ବୋହୁ ପଦକ୍ଷେପ ମାନ ନେଇଥିବା କହିଥିଲେ। ରାସ୍ତାରେ ଗର୍ଭବତୀ ମହିଳାମାନେ ପ୍ରସବ ଠାରୁ ଆରମ୍ଭ କରି ବିପଦ ଜନକ ଅବସ୍ଥାରେ କାନ୍ଧରେ ବୁହାହୋଇ ଚିକିତ୍ସାଳୟ ଯିବା ଘଟଣା ମାନ ଗଣମାଧ୍ୟମରେ ମୁଖ୍ୟ ଖବର ପାଲଟୁଥିଲା ବେଳେ ଏହାର ମୁକାବିଲା ନିମନ୍ତେ ବାଇକ ଆମ୍ବୁଲାନ୍ସ ସେବା ଜିଲ୍ଲାର କଲ୍ୟାଣସିଙ୍ଗପୁର ଓ ମୁନିଗୁଡା ଠାରେ ଆରମ୍ଭ କରିଥିଲେ। ଚଳିତ ବର୍ଷ ଆଉ ୧୦ ବାଇକ ଆମ୍ବୁଲାନ୍ସ ଅଣାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ କିପରି ଡାକ୍ତର ନିଯୁକ୍ତି ହେବେ ସେଥି ପାଇଁ ସରକାରର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଛି ବୋଲି ପ୍ରକାଶ କରିଛନ୍ତି । ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର କିପରି ପୂରଣ ହେବେ, ଯଦ୍ୱାରା ରୋଗୀ ସେବାରେ ବାଧାପ୍ରାପ୍ତ ନହେବେ ସେଥିପ୍ରତି ମୁଁ ସଦା ସର୍ବଦା ଚେଷ୍ଟିତ ବୋଲି ପ୍ରକାଶ କରିଥିଲେ। ରାସ୍ତାଘାଟ ପରିବହନ, ପାନୀୟ ଜଳ ଯୋଗାଣ, ଗୃହ ବଣ୍ଟନ, ଭିନକ୍ଷମଙ୍କ ଉନ୍ନତି ପ୍ରତି ସଦାସର୍ବଦା ଯତ୍ନବାନ। ଗତ ୨ ବର୍ଷ ହେଲା ଚଇତି ପର୍ବକୁ ଅତି ଆଡମ୍ବର ସହ ପରିଚାଳନା କରି ଲୋକ କଳାକୁ ପୁନର୍ଜୀବିତ କରି ବାହାର ରାଜ୍ୟର କଳାକୁ ମଧ୍ୟ ଉପସ୍ଥାପନ କରିବାରେ ଦକ୍ଷ ଭୂମିକା ନେଇଛନ୍ତି । ଗତବର୍ଷ କଲ୍ୟାଣ ସିଙ୍ଗପୁର ବନ୍ୟାରେ ଦିନ ରାତି ଲୋକଙ୍କ ପାଖରେ ରହି ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶା ଦୂର



କରିଥିଲେ। ଠିକ ସେହିପରି ସୀମାନ୍ତ ଅଞ୍ଚଳ କୁନେରୁ ଠାରେ ହୀରାଖଣ୍ଡ ଟ୍ରେନ ଦୁର୍ଘଟଣା ସମୟରେ ମଧ ନିଜର ପ୍ରଶାସନିକ ଅଧିକାରୀ ଓ ଜନ ସାଧାରଣଙ୍କୁ ଧରି ତୁରନ୍ତ ପଦକ୍ଷେପ ନେଇ ଲୋକମାନଙ୍କର ମାନସପଟରେ ଅତି ଆପଣା ହୋଇପାରିଛନ୍ତି । ଜିଲ୍ଲାପାଳ ଜଣେ ମହିଳା ହୋଇଥିଲେ ମଧ ନିଜର ସମସ୍ତ କର୍ମଚାରୀଙ୍କୁ ନେଇ ସେବା କାର୍ଯ୍ୟରେ ଲାଗି ପଡିଥିଲେ । ସେଥିପାଇଁ ଆଜି ରାୟଗଡାବାସୀ ଜିଲ୍ଲାପାଳଙ୍କୁ ନିଜର ମା' ରୂପେ ଗ୍ରହଣ କରିଛନ୍ତି । ପିଲା ଯେତେବେଳେ ମା'କୁ କ୍ଷୀର ମାଗେ ସେତେବେଳେ ମା' କ୍ଷୀର ପ୍ରଦାନ କରିଥାଏ । ଠିକ ସେହିପରି ଜିଲ୍ଲାପାଳ ଆମର ମା' ବୋଲି ଜିଲ୍ଲାବାସୀ ମତବ୍ୟକ୍ତ କରିଛନ୍ତି । ଆମ୍ଭେ ଯେଉଁ ସମୟରେ ଆମର ସମସ୍ୟା ଜଣାଇଲେ ତାହାର ସମାଧାନ ହୋଇଯାଉଛି। ଏଥିପୂର୍ବରୁ ଆମେ ବହୁ ଜିଲ୍ଲାପାଳଙ୍କୁ ଦେଖିଛୁ ଅଭିଯୋଗ କରିଛୁ ମାତ୍ର ତାହା ନାଲି କପଡା ତଳେ ବନ୍ଧା ହୋଇ ରହିଯାଇଛି। ତେଣୁ ଆଜି ରାୟଗଡାର ପ୍ରତ୍ୟେକ ବ୍ୟକ୍ତି ଛୋଟରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ମା' ଭଳି ମଣୁଛନ୍ତି। ଠିକ୍ ସେହିପରି ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ କଲ୍ୟାଣସିଙ୍ଗପୁରର ପାର୍ଶାଲୀ ପଞ୍ଚାୟତର ଦୁର୍ଗମ ମାଓବାଦୀ ପ୍ରବଣ ଅଞ୍ଚଳରେ ମଧ ସୁରୁଖୁରୁରେ ପଞ୍ଚାୟତ ଭୋଟ ପରିଚାଳନା କରିଥିଲେ। ଫଳରେ ଲୋକମାନେ ନିର୍ଭୟରେ ନିଜର ମତଦାନ କରିପାରିଥିଲେ। ଜନସାଧରଣଙ୍କ କାର୍ଯ୍ୟ କିପରି ସୂଚାରୁରୂପେ ପରିଚାଳନା ହେବ ସେଥିପାଇଁ ସେ ଅଧିକାରୀମାନଙ୍କୁ କଡା ତାଗିଦ ମଧ କରୁଛନ୍ତି । ବିଶୃଙ୍ଖଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ସବୁ ସମସ୍ୟା ସମାଧାନ ତ ଜଣେ ବ୍ୟକ୍ତି କରି ଦେବ ତାହା ନୁହେଁ ତଥାପି ଗତ ୨ ବର୍ଷରେ ଜିଲ୍ଲାର ବହୁ ଉନ୍ନତି ସାଧିତ ହୋଇଛି । ଆଗକୁ ମଧ ଜିଲ୍ଲାପାଳଙ୍କ ନିକଟରେ ଅନକ ସମସ୍ୟା ଅଛି। ଏହାର ସମାଧାନ ପାଇଁ ସେ ଜନସାଧାରଣଙ୍କ ସହଯୋଗ କାମନା କରିବା ସହ କହିଛନ୍ତି ଏହି ଜିଲ୍ଲାକୁ ୧ ନମ୍ବର ଜିଲ୍ଲା ରୂପେ ଗଢିବା ମୋର ଲକ୍ଷ୍ୟ, କିନ୍ତୁ ଜନସାଧାରଣଙ୍କ ସହଯୋଗ ନିହାତି ଆବଶ୍ୟକ। ଏଣୁ ଆପଣମାନେ ଜିଲ୍ଲା ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ଜିଲ୍ଲାପାଳ ନିବେଦନ କରିଛନ୍ତି।

## ଜୁନ୍ ୪ ଓ ୫ରେ ରାଜ୍ୟପାଳ ସମ୍ମିଳନୀ

**ଭୁବନେଶ୍ୱର :** ଜୁନ୍ ୪ ଓ ୫ତାରିଖରେ ଦୁଇଦିନିଆ ରାଜ୍ୟପାଳ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟପାଳ ସତ୍ୟ ପାଲ ମଲିକ ଉଭୟ ଓଡ଼ିଶା ଓ ବିହାର ପକ୍ଷରୁ ଏହି ସମ୍ମିଳନୀରେ ପ୍ରତିନିଧିତ୍ୱ କରିବେ। ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ହେବାକୁ ଥିବା ଏହି ୪୯ତମ ରାଜ୍ୟପାଳ ସମ୍ମିଳନୀ ପାଇଁ ଏବେ ରାଜଭବନ ପକ୍ଷରୁ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ରିପୋର୍ଟ ମଗାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରିତା, ନ୍ୟୁ ଇଣ୍ଡିଆ-୨୦୨୨ ପାଇଁ ଭିତ୍ତିଭୂମି, ଜନସେବା, ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ, ପର୍ଯ୍ୟଟନର ବିକାଶ ଆଦି ସ୍ଥାନ ପାଇଥିବା ଜଣାପଡ଼ିଛି।

## ଚୁକ୍ତିଭିତ୍ତିକ ଡାକ୍ତରଙ୍କ ଦରମା ବୃଦ୍ଧି

**ଭୁବନେଶ୍ୱର :** ରାଜ୍ୟ ସରକାର ଚୁକ୍ତିଭିତ୍ତିକ ଆସିଷ୍ଟାଣ୍ଟ ଏବଂ ସ୍ପେସିଆଲିଷ୍ଟ ଡାକ୍ତରଙ୍କ ଦରମା ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ମଞ୍ଜୁରୀ ଦେଇଛନ୍ତି। ସୂଚନା ଅନୁସାରେ ରାଜ୍ୟର ପ୍ରାଇମେରୀ ଏବଂ ସେକେଣ୍ଡାରୀ କେୟାର୍ ସେଣ୍ଟରଗୁଡ଼ିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆସିଷ୍ଟାଣ୍ଟ ସର୍ଜନ୍‌ମାନଙ୍କ ଦରମା ୫୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଚୁକ୍ତିଭିତ୍ତିକ ସ୍ପେସିଆଲିଷ୍ଟ ଡାକ୍ତରମାନେ ଏଣିକି ୬୦ ହଜାର ଟଙ୍କା ପାଇବେ। ଏଥିସହିତ ପ୍ରତିବର୍ଷ ସେମାନଙ୍କ ପାରିଶ୍ରମିକରେ ୩ ପ୍ରତିଶତ ଲେଖାଏ ବୃଦ୍ଧି କରାଯିବ। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଚୁକ୍ତିଭିତ୍ତିକ ଆସିଷ୍ଟାଣ୍ଟ ସର୍ଜନ୍ ଓ ସ୍ପେସିଆଲିଷ୍ଟ ଡାକ୍ତରମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ଅର୍ଥ ବିଭାଗକୁ ଏକ ପ୍ରସ୍ତାବ ଦିଆଯାଇଥିଲା।

# ସହରାଞ୍ଚଳ ମିଶନ : ସ୍ୱାସ୍ଥ୍ୟଜନିତ ଖର୍ଚ୍ଚ କମିଛି

**ଭୁବନେଶ୍ୱର :** ଜାତୀୟ ସହରାଞ୍ଚଳ ମିଶନ କାର୍ଯ୍ୟକ୍ରମ ଦ୍ୱାରା ଲୋକେ ଉପକୃତ ହେଉଛନ୍ତି। ସହରାଞ୍ଚଳରେ ବସବାସ କରୁଥିବା ବସ୍ତିବାସିନ୍ଦା ଓ ସହର ତଳି ଅଞ୍ଚଳବାସୀ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଉଛନ୍ତି। ଯଦ୍ୱାରା ସାଧାରଣ ଓ ଗରିବଲୋକଙ୍କ ସ୍ୱାସ୍ଥ୍ୟଜନିତ ଖର୍ଚ୍ଚ ବହୁମାତ୍ରାରେ ହ୍ରାସ ପାଇଛି। ସ୍ୱାସ୍ଥ୍ୟବିଭାଗ ପ୍ରମୁଖ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ଏହା କହିଛନ୍ତି। ଆଜି ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ରାଜ୍ୟସ୍ତରୀୟ କର୍ମଶାଳାରେ ଡା. ମେହେର୍ଦ୍ଧା ଏହା କହିଛନ୍ତି। ଏହି ମିଶନ ଭୁବନେଶ୍ୱର ସମେତ ୩୦ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୨୪ଟି ଜିଲ୍ଲା ସଦର ମହକୁମା ଓ ୫୦ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୧୧ଟି ସହରରେ କାର୍ଯ୍ୟକାରୀ କରାଯାଇଛି। ସମୁଦାୟ ୮୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ୨୦୧୪ରୁ ୨୦୧୮ ମଧ୍ୟରେ ୬୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହାଦ୍ୱାରା ଉପକୃତ ହେଲେଣି। ଏଥିରେ ପୌର ପରିଷଦର ନିର୍ବାଚିତ ପ୍ରତିନିଧିମାନେ ଯୋଜନା ପ୍ରସ୍ତୁତି, ରୂପାୟନ ଓ ଅଗ୍ରଗତି ସମ୍ପର୍କରେ ତଦାରଖ କରି ସକ୍ରିୟ ଅଂଶଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କେନ୍ଦ୍ର ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଯୁଗ୍ମ ସଚିବ ପ୍ରୀତି ପନ୍ଥ କହିଲେ, ମିଶନକୁ ଫଳପ୍ରଦ କରିବା ଦିଗରେ ସମସ୍ତଙ୍କର ଭୂମିକା ଏବଂ ଦାୟିତ୍ୱ ରହିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଲେ, ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଉଭୟ ସକାଳ ଓ ସନ୍ଧ୍ୟାରେ ବହିର୍ବିଭାଗ କାର୍ଯ୍ୟ କରୁଛି। ୫ଟି ମହାନଗର ନିଗମ ଅଞ୍ଚଳରେ ନଗର ପରିଚାଳନା କେନ୍ଦ୍ର ଜରିଆରେ ଆବଶ୍ୟକ ମାନବ ସମ୍ବଳ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୩୧୮ ମହିଳା ସ୍ୱାସ୍ଥ୍ୟକର୍ମୀ, ୧୧୫ ଷ୍ଟାଫ୍‌ନର୍ସ, ୫୧ ଏଲ୍‌ଟି, ୩୬ ଫାର୍ମାସିଷ୍ଟ କାର୍ଯ୍ୟରତ ଅଛନ୍ତି। ୭ଟି ସହରରେ ୯ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର, ୩୧୩୨ ମହିଳା ଆରୋଗ୍ୟ ସମିତି, ୮୮୨ ୱାର୍ଡ କଲ୍ୟାଣ ସମିତି ଏବଂ ୯୧ଟି ରୋଗୀ କଲ୍ୟାଣ ସମିତି ଗଠନ କରାଯାଇଥିବା ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟମିଶନ ଉପକମିଶନର ଡା. ବାସବ ଗୁପ୍ତା, ଅତିରିକ୍ତ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ମୃଣାଳକାନ୍ତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ ଘୋଷଣା ନେଇ ଆଇନ୍‌ଜୀବୀଙ୍କ ଶୁଭେଚ୍ଛା**

# ବିଧେୟକ ଆଣିବାକୁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦ ତାରିଖ ଦିନ ଆଇନ୍‌ଜୀବୀ କଲ୍ୟାଣ ପାଣ୍ଠିକୁ ୩ କୋଟିରୁ ୫ କୋଟି ଟଙ୍କାକୁ ବୃଦ୍ଧି ସହ ମଧୁସୂଦନ ଆଇନ୍ ମହାବିଦ୍ୟାଳୟକୁ ଆଇନ୍ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯିବା ଏବଂ ରାଜ୍ୟର ଆଇନ୍‌ଜୀବୀମାନଙ୍କ ତାଲିମ ଓ ଦକ୍ଷତା ବିକାଶ ଲାଗି ଆଡଭୋକେଟ୍ ଏକାଡେମୀ ସ୍ଥାପନ ପାଇଁ ଘୋଷଣା କରିଥିଲେ। ଏଥିଲାଗି ବହୁ ଆଇନ୍‌ଜୀବୀ, ବାର୍ କାଉନ୍‌ସିଲ୍‌ର ସଭ୍ୟଙ୍କ ଏକ ପ୍ରତିନିଧି ଦଳ ବିଜେଡି ଲିଗାଲ୍ ଫ୍ରଣ୍ଟ ଉପଦେଷ୍ଟା ଅସିମ୍ ଅମିତାଭ ଦାସ ଓ ଆବାହକ ମିଲନ୍ କାନୁନ୍‌ଗୋଙ୍କ ନେତୃତ୍ୱରେ ଆସି ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି କୃତଜ୍ଞତା ଜ୍ଞାପନ



କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଖୁବ୍‌ଶୀଘ୍ର ମଧୁସୂଦନ ଆଇନ୍ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଲାଗି ବିଧେୟକ ଆଣିବାକୁ ପଦକ୍ଷେପ ନିଆଯିବ। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ମଧୁସୂଦନ ଆଇନ୍ କଲେଜ୍ ସଭାପତି ରାଧାମାଧବ ଦାସ, ବାର୍ କାଉନ୍‌ସିଲ ସଭ୍ୟ ଜ୍ଞାନରଞ୍ଜନ ମହାନ୍ତି, ସୀତାଂଶୁ ମୋହନ ଦ୍ୱିବେଦୀ, ବିଭୁ ପ୍ରସାଦ ତ୍ରିପାଠୀଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ଭୁବନେଶ୍ୱର ବାର୍ କାଉନ୍‌ସିଲର ସଭ୍ୟ ଓ ଆଇନ୍‌ଜୀବୀ ଉପସ୍ଥିତ ଥିଲେ।

**ସ୍ୱଚ୍ଛ ଭାରତ ସମୀକ୍ଷା**

# ୨୦୧୮ ସୁଦ୍ଧା ଓଡ଼ିଶା ହେବ ଖୋଲା ଶୌଚମୁକ୍ତ ରାଜ୍ୟ

**ଭୁବନେଶ୍ୱର :** ଚଳିତ ବର୍ଷ ଡିସେମ୍ବରଶେଷ ସୁଦ୍ଧା ଓଡ଼ିଶାକୁ ଖୋଲାରେ ଶୌଚମୁକ୍ତ ରାଜ୍ୟ ଭାବରେ ଘୋଷଣା କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ସଚିବାଳୟ ଠାରେ କେନ୍ଦ୍ର ପାନୀୟ ଜଳ ଏବଂ ପରିମଳ ମନ୍ତ୍ରଣାଳୟ ସଚିବ ପରମେଶ୍ୱର ଆୟାରଙ୍କ ସହିତ ଅନୁଷ୍ଠିତ ଏକ ସମୀକ୍ଷା ବୈଠକ ପରେ ସେ ଏହା କହିଛନ୍ତି। ମୁଖ୍ୟ ଶାସନ ସଚିବ ଦେଇଥିବା ସୂଚନା ଅନୁସାରେ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ପାଇଖାନା ନିର୍ମାଣ ଯୋଜନାରେ ଯଥେଷ୍ଟ ଅଗ୍ରଗତି ହୋଇଛି। ୨୦୧୪ରୁ ଏହି ଯୋଜନା ଅରମ୍ଭ ହୋଇସାରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଦେବଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାକୁ ଖୋଲାରେ ଶୌଚମୁକ୍ତ ଜିଲ୍ଲା ଭାବରେ ଘୋଷଣା କରାଯାଇସାରିଛି। ଆସନ୍ତା ଜୁଲାଇ ମାସ ଶେଷ ସୁଦ୍ଧା ଆହୁରି ଚାରିଟି ଜିଲ୍ଲା ଯଥା ବାଲେଶ୍ୱର, ଗଜପତି, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲ୍ଲାକୁ ଏହି ମାନ୍ୟତା ମିଳିବ। ବାକି ଜିଲ୍ଲାଗୁଡ଼ିକ ୨୦୧୮ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଏହିସବୁ ଜିଲ୍ଲାଗୁଡ଼ିକରେ ବର୍ତ୍ତମାନ ପ୍ରାୟ ୭୪ ପ୍ରତିଶତ ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୫,୦୩,୧୨୮ଟି ପରିବାରରେ ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହା ଟାର୍ଗେଟ୍‌ର ୫୫ ପ୍ରତିଶତ ବୋଲି ସେ କହିଛନ୍ତି। ଉପରୋକ୍ତ ୬ଟି ଜିଲ୍ଲା ବ୍ୟତୀତ ଅନ୍ୟ ୧୫ଟିରେ ୫୦ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇସାରିଲାଣି। ପାଖାପାଖି ୩୭୦୦ଟି ଗାଁରେ ଶତ ପ୍ରତିଶତ ପାଇଖାନା ନିର୍ମାଣ ହୋଇସାରିଛି। ଏଗୁଡ଼ିକୁ ଜିଓ ଟ୍ୟାଗିଙ୍ଗ କରିବା ପାଇଁ ମଧ ଉଦ୍ୟମ ଆରମ୍ଭ ହୋଇଛି। ନିର୍ମିତ ହୋଇଥିବା ପାଇଖାନାଗୁଡ଼ିକ ମଧ୍ୟରୁ ୭୩ ପ୍ରତିଶତ ପାଇଖାନାର ଜିଓ ଟ୍ୟାଗିଙ୍ଗ୍ କରାସରିଥିବା ସେ ସୂଚନା ଦେଇଛନ୍ତି। ବର୍ତ୍ତମାନ ରାଜ୍ୟର ଗ୍ରାମାଞ୍ଚଳରେ ୧୪ ହଜାରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାଗ୍ରହୀ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ନିଯୁକ୍ତ କରାଯାଇଛି। ଏହା ବାଦ୍ ୧ ଲକ୍ଷ ଅର୍ଦ୍ଧ ସରକାରୀ କର୍ମଚାରୀ ଏହି କାମରେ ନିଯୁକ୍ତ ହୋଇଛନ୍ତି। ଯୋଜନା ଅନ୍ତର୍ଗତ ପାଇଖାନା ନିର୍ମାଣ ପାଇଁ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ପ୍ରଦାନ କରୁଥିବା ବେଳେ କେନ୍ଦ୍ର ବାକି ୬୦ ପ୍ରତିଶତ ପ୍ରଦାନ କରୁଛି। ପାଇଖାନା ପିଛା ମିଳୁଥିବା ସମୁଦାୟ ୧୨ ହଜାର ଟଙ୍କା ମଧ୍ୟରୁ ୧୦ ହଜାର ଟଙ୍କା ଲାଟ୍ରିନ୍ ନିର୍ମାଣରେ ଖର୍ଚ୍ଚ କରାଯାଉଥିବା ବେଳେ ବାକି ୨ ହଜାର ଟଙ୍କା ପାଣିଟାଙ୍କି ପାଇଁ ପ୍ରଦାନ କରାଯାଉଛି। ବୈଠକରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ସହିତ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଏବଂ ମିଶନ୍ ନିର୍ଦ୍ଦେଶକ ରୂପା ମିଶ୍ର ରାଜ୍ୟରେ ଏହି ଯୋଜନାର ଅଗ୍ରଗତି ନେଇ କେନ୍ଦ୍ର ସଚିବଙ୍କୁ ଅବଗତ କରାଇଥିଲେ। ଶେଷରେ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣର ଅଗ୍ରଗତି ନେଇ କେନ୍ଦ୍ର ସଚିବ ଶ୍ରୀ ଆୟାର ରାଜ୍ୟକୁ ପ୍ରଶଂସା କରିଥିଲେ।

# ଅଶୋକ ପାତ୍ରଙ୍କୁ 'ରାଜୀବ ଗାନ୍ଧି ସଦ୍‌ଭାବନା ସମ୍ମାନ'

**ଭୁବନେଶ୍ୱର :** ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧି ଭାରତର ଆତ୍ମାକୁ ଚିହ୍ନିଥିଲେ। ଗଣତନ୍ତ୍ର ସୁରକ୍ଷା ଓ ଜ୍ଞାନକୌଶଳରେ ଭାରତକୁ ଆଗେଇ ନେବା ସହିତ ବିକଶିତ ଭାରତର ସ୍ୱପ୍ନ ସ୍ୱର୍ଗତ ଗାନ୍ଧି ଦେଖିଥିଲେ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଇଡକଲ ଭବନଠାରେ ରାଜୀବ ଗାନ୍ଧି ଫୋରମ ପକ୍ଷରୁ ସଦ୍‌ଭାବନା ଦିବସ ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ମହିଳାଙ୍କୁ ଅଧିକାର, ଯୁବକଙ୍କୁ କିଭଳି ଆତ୍ମନିଯୁକ୍ତି ମିଳିବ ସେଥିପାଇଁ ସ୍ୱର୍ଗତ ଗାନ୍ଧି ଉଦ୍ୟମ ଆରମ୍ଭ କରିଥିଲେ। ରାଜୀବଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଆହ୍ୱାନ ଦେଇଥିଲେ ଶ୍ରୀ ପଟ୍ଟନାୟକ। ଏଥିରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଯୋଗଦେଇ କହିଥିଲେ ଯେ, ଦେଶରେ ଜାତୀୟ ସଂହତି ପାଇଁ ବିପଦ ଦେଖାଦେଇଛି। ବର୍ତ୍ତମାନ କେନ୍ଦ୍ରର ସରକାର ଯେଉଁମାନଙ୍କ ଇଙ୍ଗିତରେ ଦେଶ ଚଳାଉଛନ୍ତି ଏହା ଦ୍ୱାରା ସଦ୍‌ଭାବନା ନଷ୍ଟ ହେବାକୁ ବସିଛି ବୋଲି ସେ କହିଥିଲେ। ରାଜୀବ ଗାନ୍ଧିଙ୍କ ସଦ୍‌ଭାବନା




ଦିବସ ପାଳନ ଅବସରରେ ଫୋରମର କାର୍ଯ୍ୟକାରୀ ସଭାପତି ସୁରେଶ ରାଉତରାୟ, ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର, ପୂର୍ବତନ ସାଂସଦ ଅନନ୍ତ ସେଠୀ, ସେକ୍ ମତଲୁବ ଅଲ୍ଲୀ, ରମୁ ପାତ୍ର ପ୍ରମୁଖ ଆଧୁନିକ ଭାରତ ନିର୍ମାଣର ରାଷ୍ଟ୍ରନାୟକ ସ୍ୱର୍ଗତ ଗାନ୍ଧିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କଂଗ୍ରେସର ଟାଣୁଆ ନେତା, ଭୁବନେଶ୍ୱର ବାରର ପୂର୍ବତନ ସଭାପତି ତଥା ବିଶିଷ୍ଟ ଆଇନ୍‌ଜୀବୀ ଅଶୋକ କୁମାର ପାତ୍ରଙ୍କ ସମେତ ୨୨ ଜଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ 'ରାଜୀବ ଗାନ୍ଧି ସଦ୍‌ଭାବନା ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ ମନୋରଞ୍ଜନ ଦାଶ।

# ସହରାଞ୍ଚଳ ପାଇଁ ୪,୮୪୯ ଗୃହ ମଞ୍ଜୁର

**ଭୁବନେଶ୍ୱର :** ଓଡ଼ିଶା ସହରାଞ୍ଚଳ ଆବାସ ଯୋଜନାରେ ୨୦ଟି ସହରାଞ୍ଚଳର ନୂତନ ୨୩ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ଅଧିକ ୪୮୪୯ ହିତାଧିକାରୀ ଗୃହ ନିର୍ମାଣ ପାଇଁ ସହାୟତା ପାଇବେ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମଞ୍ଜୁରୀ ଓ ପରିଚାଳନା କମିଟି ବୈଠକରେ ଏହି ମଞ୍ଜୁରୀ ନିଆଯାଇଛି। ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରି ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ କାର୍ଯ୍ୟାଦେଶ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ରସ୍ତରରେ ତଦାରଖ ଓ ପରିଚାଳନାକୁ ସଘନ କରାଇ ଆସନ୍ତା ୬ ମାସ ମଧ୍ୟରେ ଅତିକମ୍‌ରେ ୩୮,୦୦୦ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସଚିବାଳୟରେ ଅନୁଷ୍ଠିତ ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ଶାସନ ସଚିବ ଡି ମାଥିଭାଥାନନ୍ ଗୃହ ନିର୍ମାଣ ସମ୍ବନ୍ଧିତ ବିଷୟବସ୍ତୁ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ମିଶନର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଲାଇ ୨୦ଟି ସହରାଞ୍ଚଳକୁ ମିଳିଥିବା ପ୍ରକଳ୍ପ ପ୍ରସ୍ତାବର ଆର୍ଥିକ, ପ୍ରଶାସନିକ ଓ ବୈଷୟିକ ଦିଗ ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ଏହି ଯୋଜନାରେ ହିତାଧିକାରୀ ନିଜେ ନିଜର ବାସଗୃହ ନିର୍ମାଣ କରିବେ। ପ୍ରାୟ ୨୧ରୁ ୩୦ ବର୍ଗମିଟର ଘର ପାଇଁ ୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେଥିମଧ୍ୟରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ୨ ଲକ୍ଷ ଟଙ୍କାର ସହାୟତା ଯୋଗାଇଦେବେ। ଅବଶିଷ୍ଟ ଅର୍ଥ ହିତାଧିକାରୀ ଯୋଗାଡ଼ କରିବେ। ହିତାଧିକାରୀ ଅଂଶ ପାଇଁ ବ୍ୟାଙ୍କରୁ ଋଣ ଯୋଗାଣର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୧୦ଟି ସହରାଞ୍ଚଳରୁ ମିଳିଥିବା ୨୨୭ଟି ପ୍ରକଳ୍ପ ମାଧମରେ ୫୯,୧୨୧ଟି ବାସଗୃହ ମଞ୍ଜୁର କରାଯାଇଛି। ତନ୍ମଧ୍ୟରୁ ପ୍ରାୟ ୩୮,୦୦୦ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଛି। ମିଶନ ନିର୍ଦ୍ଦେଶକ ଶ୍ରୀ ଦଲାଇ କହିଥିଲେ, ଅବଶିଷ୍ଟ ୩ଟି ସହରାଞ୍ଚଳରୁ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ ପ୍ରସ୍ତାବ ଆସିନାହିଁ। ପ୍ରକଳ୍ପ ପ୍ରସ୍ତୁତ କରିବା ନିମନ୍ତେ ସେମାନଙ୍କୁ ଆବଶ୍ୟକ ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି। ପ୍ରକଳ୍ପ ପ୍ରସ୍ତାବ ମିଳିବା ମାତ୍ରେ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ତୁହିନକାନ୍ତ ପାଣ୍ଡେ, ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ଡ. ଚନ୍ଦ୍ରଶେଖର କୁମାର, ଗୃହ ଓ ନଗର ଉନ୍ନୟନ ଶାସନ ସଚିବ ଶ୍ରୀ ମାଥିଭାଥାନନ୍ଙ୍କ ସମେତ ଓଡ଼ିଶା ସହରାଞ୍ଚଳ ମିଶନର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୮ ମଇ - ୦୩ ଜୁନ, ୨୦୧୮

# ସମ୍ପର୍କର ମାପକାଠି, ସ୍ୱଚ୍ଛ ଭାବନା

ଭାରତୀୟ ସଂସ୍କୃତି ଓ ପରମ୍ପରା ସମ୍ପର୍କକୁ ନେଇ ଟେକି ରହିଥିଲା ବେଳେ ଏଥିରେ ବ୍ୟତିକ୍ରମ ଘଟିଲେ ନାନା ସାମାଜିକ ସମସ୍ୟା ସୃଷ୍ଟି ହୁଏ। ଫଳସ୍ୱରୂପ ଭାଇଚାରାରେ ହାନୀ ଓ ବନ୍ଧୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଦ୍ୱେଷ ଭାବ ପ୍ରକଟ ହୋଇଥାଏ। ଯେଉଁଥିପାଇଁ ନଦୀସ୍ରୋତ ପରି ବହୁଥିବା ସମ୍ପର୍କରେ ତିକ୍ତତା ଓ ଘୃଣାଭାବ ପରିସ୍ଥିତିକୁ ଅଣାୟତ୍ତ କରେ। ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ହୀନମନ୍ୟତା ହିଁ ପରିବେଶକୁ ବିଗାଡିବା ପରି ନିର୍ମଳ ହୃଦୟର ଭାବନାରେ ଆଞ୍ଚ ଆସିଲେ ସେଭଳି କିଛି ଦୃଶ୍ୟ ସୃଷ୍ଟି ହୋଇଥାଏ। ଯେଉଁ ଦୃଶ୍ୟରେ ଧ୍ୱଂସ, ନଷ୍ଟ, ବିନାଶ, ବିଦ୍ରୋହ ପରି ଶବ୍ଦମାନେ ନିଜର ପରିଧିଆ ବଢ଼ାଇବାକୁ ସୁଯୋଗ ପାଆନ୍ତି। ପ୍ରକାରାନ୍ତରେ ଦେଖାଯାଇଛି ଯେ, ସମ୍ପର୍କରେ ଆପଣାଛାଏଁ କିଛି ଫାଟ ସୃଷ୍ଟି ହୁଏନି। ଏଥିପାଇଁ ନିର୍ଦ୍ଧାରିତ କିଛି ବ୍ୟକ୍ତି ବା ଭାବନା ଯୋଜନାବଦ୍ଧ ଭାବେ ଯେଭଳି ଏହାକୁ ଘଟାଇଥାନ୍ତି। ତେଣୁ ଅନୁଷ୍ଠାନଟିଏ ତିଆରି ହେଲା ବେଳେ ଏହାରି ପଛରେ ରହିଥିବା ବ୍ୟକ୍ତି ବା ସଂଗଠନର ମନୋଭାବ ଯେଭଳି ଆନ୍ତରିକତାପୂର୍ଣ୍ଣ ଓ ଦ୍ୱନ୍ଦ୍ୱବିହୀନ ଥାଏ ପରବର୍ତ୍ତୀ ସମୟରେ ଏଥିରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଗାଁର କୋଠଘରଟିଏ ହେଉ ବା ସହରର ସାର୍ବଜନୀନ ଅନୁଷ୍ଠାନଟିଏ ହେଉ ସବୁଠାରେ କାହାର ନା କାହାର ପ୍ରୋତ୍ସାହନ, ଦାନ ଓ ଅବଦାନ ରହିଥାଏ। ସଂଗଠକ ବା ସାଂଗଠନିକ ଦାୟିତ୍ୱ ନିର୍ବାହ କରୁଥିବା ବ୍ୟକ୍ତିମାନେ ଏହି କାର୍ଯ୍ୟରେ ମନପ୍ରାଣ ଦେଇ ଅତି ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ସମୟକ୍ରମେ ଅନୁଷ୍ଠାନଟିଏ ବଡ ହୋଇଯିବା ପରେ ଏଥିରେ ନାନାପ୍ରକାର ସମସ୍ୟା ଦେଖାଦିଏ। କେଉଁଠି ଅର୍ଥ ହଡପ ତ ଆଉ କେଉଁଠି ପଦ ପଦବୀକୁ ନେଇ ଗଣ୍ଡଗୋଳ ଉପୁଜିଥାଏ। ଏଭଳି ବି ହୁଏ ଛୋଟ ଛୋଟ ଘଟଣାରେ ଆଇନଗତ ସହାୟତା ଓ ସାମର୍ଥ୍ୟକୁ ପୁଞ୍ଜିକରି କେହି କେହି ଗାଦି ଦଖଲ ଚିନ୍ତାରେ ମସଗୁଲ ରହିଥାନ୍ତି। କେତେକ ଘଟଣାରେ ଅନୁଷ୍ଠାନକୁ ପ୍ରାଣଭରି ଭଲ ପାଉଥିବା ବ୍ୟକ୍ତିମାନେ ବାଧ୍ୟବାଧକତାରେ ଏଥିରୁ ଦୂରେଇଯିବା ସହିତ ବ୍ୟକ୍ତି ସମ୍ପର୍କ ଛିନ୍ନ କରିବାକୁ ବାଧ୍ୟ ହୁଅନ୍ତି। ଏହାରି ପଛରେ ରହିଥିବା ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, କିଛି ହୀନ ପ୍ରକୃତି ବା ସ୍ୱାର୍ଥାନ୍ୱେଷୀ ମଣିଷ ନିଜର ସ୍ୱାର୍ଥ ସାଧନ ପାଇଁ ଅନୁଷ୍ଠାନକୁ ମୋହରା ବନାନ୍ତି। ପ୍ରାରମ୍ଭରେ ଏକଥା ସାମ୍ନାକୁ ଆସିନଥାଏ। ଧିରେ ଧିରେ ସଂଗଠନ ବା ଅନୁଷ୍ଠାନ ନିଜର କାୟା ବିସ୍ତାର କଲା ପରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ନିଜର ଅସଲ ରୂପ ଦେଖାଇଥାନ୍ତି। କେତେକ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କୁ ଅଯୋଗ୍ୟ ଭାବେ ପ୍ରମାଣିତ କରି ନିଜର କୁଚିନ୍ତାକୁ ଏଥିସହିତ ଯୋଡିଦେଇ ସ୍ୱାର୍ଥ ହାସଲରେ ଲାଗି ପଡନ୍ତି। ବାସ୍ତବିକ ଗୋଟିଏ ସାର୍ବଜନୀନ ଅନୁଷ୍ଠାନର ଲକ୍ଷ୍ୟ ବା ଉଦ୍ଦେଶ୍ୟ ଏଭଳି ନଥାଏ। ସମସ୍ତଙ୍କର ଭଲ କରିବା ଓ ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେବା ଲକ୍ଷ୍ୟରେ ଅନୁଷ୍ଠାନଟିଏ ଗଢ଼ାହୋଇଥାଏ।

ସମ୍ପାଦକୀୟ
ତାରକ ମହାନ୍ତି



ଏଥିରେ କାହାର ସ୍ୱାର୍ଥ ବା ବ୍ୟକ୍ତିଭାବନା ଜଡିତ ହେବା ବଦଳରେ ସାଂଗଠନିକ ଭାବନା ନିହିତ ଥାଏ। ଯେତେବେଳେ ଅନୁଷ୍ଠାନର କୌଣସି ସଦସ୍ୟ ନିଜର କାମନା ଚରିତାର୍ଥ କରିବାକୁ ଯାଇ ଏଥିରେ ପ୍ରଲୋଭନ ଭଳି ଶବ୍ଦକୁ ଜଡିତ କରିଦିଅନ୍ତି ଅନୁଷ୍ଠାନଟି ବିକଶିତ ହେବା ବଦଳରେ ବିନାଶ ପଥକୁ ଆଦରି ନିଏ। ଆଜିକାଲି ଯେଭଳି ମଣିଷଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବା ଜଣାପଡିଛି। ସମ୍ପୃକ୍ତ ବ୍ୟକ୍ତିମାନେ ଆରମ୍ଭରୁ କଅଁଳ କଥା କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ସହିତ ସଂଗଠନ ବା ଅନୁଷ୍ଠାନ ସହିତ ଯୋଡି ହୁଅନ୍ତି। କିନ୍ତୁ ପରେ ସୁଯୋଗ ଦେଖି ଏମାନେ ନିଜ ନିଜର ଅସଲ ସ୍ୱରୂପ ଦେଖାଇବାକୁ ଆଗଭର ହୁଅନ୍ତି। ଯାହାଫଳରେ ସଂଗଠନରେ ବା ଅନୁଷ୍ଠାନରେ ଫାଟ ସୃଷ୍ଟିହୁଏ। କାହାରି ମନରେ ଆଉ ପୂର୍ବଭଳି ହରସ ଦେଖାଦେବା ବଦଳରେ ଯିଏ ଯାହାର ବାଟଭାଙ୍ଗି ଚାଲିଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ହେଲେ ଏଭଳି ହୁଏ କାହିଁକି ? ଯେତେବେଳେ ଅସଲ କଥାଟି ପଦାକୁ ଆସେ ବା ଆଇନ୍‌ଗତ ଭାବେ ଅନୁଷ୍ଠାନର ବିଜୟ ହୁଏ ସେତେବେଳ ନେଡିଗୁଡ କହୁଣୀକୁ ବୋହିଯାଇଥାଏ। ଯେଉଁଥିପାଇଁ ଅନୁଷ୍ଠାନ ସହ ଜଡିତ ସଦସ୍ୟମାନଙ୍କ ମଧ୍ୟରେ ଭାଇଚାରା ନଥାଏ ବା ଚିନ୍ତାଧାରାରେ ସମାନତା ନଥାଏ। କେବଳ କାଗଜପତ୍ର ଓ କୋଠାବାଡିକୁ ଧରି ଅନୁଷ୍ଠାନଟି ନିଜର ପରିଚୟକୁ ବଞ୍ଚାଇ ରଖେସିନା, ଅସଲରେ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହୁଏନାହିଁ।

ଏହା କେବଳ ଅନୁଷ୍ଠାନ ବା ସଂଗଠନର କଥା ନୁହେଁ। ବନ୍ଧୁତାରେ ମଧ୍ୟ ଏଭଳି କିଛି ଘଟଣା ବା ନଜିର ମିଳେ। କେହି କେହି ସମ୍ପର୍କ ଆରମ୍ଭରୁ ଅତି ନିଜର ଲୋକଭଳି ବ୍ୟବହାର କରୁଥିଲା ବେଳେ ପରେ ଏଥିରେ ସ୍ୱାର୍ଥ ତଥା ଅନୀତି ଭାବନାକୁ ସ୍ଥାନ ଦିଅନ୍ତି। ତ୍ୟାଗ ଓ ନିବିଡ଼ତା କଥାଟିକୁ ଭୂଲିଯାଇ ନିଜର ସଂକୀର୍ଣ୍ଣ ସ୍ୱାର୍ଥକୁ କିଭଳି ହାସଲ କରାଯାଇପାରିବ ସେ ଦିଗରେ ଅହରହ ବ୍ୟସ୍ତ ରୁହନ୍ତି। ପେଟ ଭିତରେ ଗୋଟିଏ ଭାବନା ଏବଂ ଓଠରେ ଗୋଟିଏ ଭାବନାର ପରିପ୍ରକାଶ ଫଳରେ ଏମାନେ ସହଜରେ ଧରାପଡନ୍ତି ନାହିଁ। ଯେତେବେଳେ ଏଥିରେ ହୀନ ଚିନ୍ତାଧାରା ଜଡିତ ରହିଛି ବୋଲି କଥାଟି ପଦାକୁ ଆସେ ସେତେବେଳେ ନାନାପ୍ରକାର ଗଣ୍ଡଗୋଳ ଓ କୁତ୍ସାରଟନା ଆରମ୍ଭ ହୋଇଯାଏ। ଉଭୟ ପକ୍ଷ ନିଜ ନିଜର ପକ୍ଷକୁ ମଜଭୁତ କରି କିଭଳି ଗଡ ଜିଣିବେ ବା ଜିତାପଟ ହାସଲ କରିବେ ସେ ନେଇ ବ୍ୟୁହ ରଚନା କରନ୍ତି। ସମ୍ପର୍କର ଏଭଳି ଚକ୍ରବ୍ୟୁହରେ ଫସିଯାଉଥିବା ମଣିଷମାନେ ଅତ୍ୟନ୍ତ ମର୍ମାହତ ହେବା ସହିତ ନିଜ ଭିତରେ ଆତ୍ମଦହନକୁ ନେଇ ଆତ୍ମସମୀକ୍ଷାରେ ଲାଗିପଡନ୍ତି। ପାଦତଳୁ ମାଟି ଖସିଗଲା ପରି ବେଳ ଆସିଲେ ବାଧ୍ୟରେ ଆତ୍ମସମର୍ପଣ କିମ୍ବା ଆତ୍ମଗୋପନ କରିବାକୁ ହୋଇଥାଏ। ଏଥିରେ କାହାର କେତେ ଲାଭ ବା କ୍ଷତି ହେଲା ଅପେକ୍ଷା ଗୋଟେ ଭଲ ସମ୍ପର୍କରେ ଯବନିକା କିଭଳି ପଡିଲା ତାହା ଚିନ୍ତା କରିବାର ବିଷୟ। ତେବେ ଏଭଳି ହେବାର କାରଣ ଓ ରହସ୍ୟ କ'ଣ ? କାରଣ ଓ ରହସ୍ୟ ଭାବେ ଦେଖିଲେ ଯାହା ଜଣାପଡେ କିଛି ମନ୍ଦଲୋକ ନିଜର ମନ୍ଦ ସ୍ୱଭାବକୁ ଚରିତାର୍ଥ କରିବାକୁ ଯାଇ ସବୁକଥାରେ ବିଷ ଭରିଦିଅନ୍ତି। ସେମାନେ ଭାବନ୍ତି ସେ ଯାହା କରୁଛନ୍ତି ତାହା କେହି ବୁଝିପାରୁନାହାନ୍ତି କି ଜାଣିପାରୁନାହାନ୍ତି। ଫଳରେ ନିଜକୁ ଅତି ସ୍ୱଚ୍ଛ ଦେଖାଇ ଆଚାର ବ୍ୟବହାରରେ ପରିବର୍ତ୍ତନ ଆଣି ବନ୍ଧୁମାନଙ୍କୁ ହେୟ ମଣିଥାନ୍ତି। ଅତୀତକଥାକୁ ଭୁଲିଯାଇ କିଛି ଲୋକ ନିଜର ବଡିମା ଦେଖାଇବାକୁ ଯାଇ ଲଘୁଜନ ଗୁରୁଜନ ମଧ୍ୟରେ ଥିବା ପାର୍ଥକ୍ୟ କଥାକୁ ମଧ୍ୟ ଭୁଲିଯାଆନ୍ତି। ସମ୍ପର୍କ ଆରମ୍ଭରୁ ଯେଉଁ ନମ୍ର ବା ଭଦ୍ର ବ୍ୟବହାର ହେଉଥାଏ ସେଥିରେ ପରିବର୍ତ୍ତନ ଦେଖାଦିଏ। ବଡଘର, ଭଲ ପୋଷାକ ଓ ନୂଆ ଚଳଣୀକୁ ନେଇ ଗର୍ବ କରୁଥିବା କିଛି ଲୋକ ନିଜ ପୁରୁଣା ଦିନକୁ ମନେ ନପକାଇବା ଅତ୍ୟନ୍ତ କଷ୍ଟଦାୟକ। ହେଲେ ଏଥିରେ କ୍ଷତିଗ୍ରସ୍ତ ହେଉଥିବା ବା ଦୁଃଖ ପାଉଥିବା ମଣିଷ ମନର ଗଭୀର ଯନ୍ତ୍ରଣା କେହି ବୁଝିପାରନ୍ତିନାହିଁ। ଏଭଳି ସ୍ଥାନରେ ଆତ୍ମସମୀକ୍ଷାର କୌଣସି ସୁଫଳ ମିଳିନଥାଏ। ବରଂ ମିଛ ସମ୍ପର୍କକୁ ନେଇ ହୃଦୟ ଭିତରେ ଗଭୀର କ୍ଷତ ସୃଷ୍ଟିହେବା ସହିତ ଅଜଣା ଭୟ ଓ ଆଶଙ୍କାରେ ଭବିଷ୍ୟତ ଦିନ ଗୁଡିକ ବିତେ। ତେଣୁ ହୃଦୟର ପବିତ୍ରତା ଓ ମନର ଏକାଗ୍ରତା ଥିଲେ ସମ୍ପର୍କ ସୁଦୃଢ଼ ଓ ସୁଦୀର୍ଘ ହୋଇଥାଏ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ପୁଷ୍ଟି, ପାଣ୍ଠି ଓ ପ୍ରତିବଦ୍ଧତା

**ଜିତେନ୍ଦ୍ର ରଥ**

ଗତ କିଛିବର୍ଷ ହେବ ପୁଷ୍ଟି ବିଷୟକୁ ନେଇ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଚର୍ଚ୍ଚା ହେଉଅଛି। ଏହି ଚର୍ଚ୍ଚା ଯେ କେବଳ ରାଜ୍ୟ ବା ଜାତୀୟସ୍ତରରେ ହେଉଛି ତାହା ନୁହେଁ, ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ପୁଷ୍ଟି ସମ୍ବନ୍ଧୀୟ ଓ ତାର ନିରାକରଣକୁ ନେଇ ଅନେକ ଆଲୋଚନ ଚାଲିଛି। ମିଳିତ ଜାତିସଂଘ ୨୦୧୬ରୁ ୨୦୨୫ ଦଶନ୍ଧିକୁ ପୁଷ୍ଟି ବିଷୟରେ କାର୍ଯ୍ୟ ପାଇଁ ସମର୍ପିତ କରିଛନ୍ତି। ଚିରନ୍ତନ ବିକାଶ ଲକ୍ଷ୍ୟରେ ୨୦୩୦ ମସିହା ସୁଦ୍ଧା ଭୋକ ଓ ସବୁ ପ୍ରକାରର ଅପପୁଷ୍ଟିକୁ ସମ୍ପୂର୍ଣ୍ଣରୂପେ ଦୂରକରିବା କଥା କୁହାଯାଇଛି। ଭାରତରେ ଏବଂ ଏପରିକି ଆମ ରାଜ୍ୟ ଓଡ଼ିଶାରେ ହେଉଥିବା ଚର୍ଚ୍ଚାକୁ ଏହି ଆନ୍ତର୍ଜାତୀୟ ଲକ୍ଷ୍ୟର ଏକ ପ୍ରଭାବ ଭାବେ ଦେଖାଯାଇପାରେ। ଅବଶ୍ୟ ଏହି କାରଣ ଛଡ଼ା ଦେଶ ତଥା ରାଜ୍ୟରେ ପୁଷ୍ଟିହୀନତାର ସ୍ଥିତି ଏହି ଆଲୋଚନା ପାଇଁ ଯଥେଷ୍ଟ ଖୋରାକ ଯୋଗଉଅଛି।

ରାଜ୍ୟରେ ପୁଷ୍ଟିହୀନତାର ସ୍ଥିତି କ'ଣ ତାହା କହିବାର ବେଶି ଆବଶ୍ୟକତା ନାହିଁ। ନଗଡ଼ା ଠାରୁ ଆରମ୍ଭକରି ମାଲକାନଗିରି ପର୍ଯ୍ୟନ୍ତ ଘଟିଥିବା ଘଟଣାଗୁଡ଼ିକ ସଭିଙ୍କ ଆଗରେ ଏହାର ଏକ ଚିତ୍ର ପରିବେଷଣ କରିସାରିଛି। ଏପରିକି ଗତକିଛି ଦିନ ତଳେ ଓଡ଼ିଶା ସରକାର ଉପସ୍ଥାପିତ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ପୁଷ୍ଟିହୀନତାକୁ ରାଜ୍ୟର ଏକ ଗଭୀର ସମସ୍ୟା ଭାବେ ଦର୍ଶାଇଛନ୍ତି। ତଥାପି ଯଦି ତଥ୍ୟକୁ ଦେଖାଯାଏ ତେବେ ପୁଷ୍ଟିହୀନତା ଭଳି ସମସ୍ୟାର ଗଭୀରତା ଓ ଜଟିଳତା ପଦାକୁ ଆସିବ। ପାଞ୍ଚ ବର୍ଷରେ ବୟସର ଶିଶୁମାନଙ୍କ ମଧ୍ୟରେ ସାଧାରଣତଃ ତିନିଗୋଟି ମାପକାଠିରେ ପୁଷ୍ଟିହୀନତାକୁ ଦେଖା ଯାଇଥାଏ। ସେଗୁଡ଼ିକ ହେଉଛି ବୟସ ତୁଳନାରେ କମ ଉଚ୍ଚତା, ଉଚ୍ଚତା ଅନୁଯାୟୀ କମ୍ ଓଜନ ଓ ବୟସ ଅନୁଯାୟୀ କମ ଓଜନ ଏହାଛଡ଼ା ରକ୍ତହୀନତାକୁ ଏକ ପରିମାପକ ହିସାବରେ ନିଆଯାଇଥାଏ। ଉପଲବ୍ଧ ହେଉଥିବା ଚତୁର୍ଥ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ୨୦୧୫-୧୬ ଅନୁସାରେ ରାଜ୍ୟରେ ପଞ୍ଚ ବର୍ଷରୁ କମ୍ ବୟସର ପ୍ରତ୍ୟେକ ତୃତୀୟ ଶିଶୁର ଉଚ୍ଚତା ତା ବୟସ ଅନୁସାରେ କମ୍। ପ୍ରତ୍ୟେକ ପଞ୍ଚମ ଶିଶୁର ଓଜନ ତା ଉଚ୍ଚତା ଅନୁଯାୟୀ କମ୍ ଏବଂ ଶହେରେ ପ୍ରାୟ ଚଉତିରିଶ ଜଣ ଶିଶୁ କମ୍ ଓଜନର ଅର୍ଥାତ୍ ବୟସ ହିସାବରେ ସେମାନଙ୍କ ଓଜନ ଉପଯୁକ୍ତ ନୁହେଁ।

ଏଠାରେ ପ୍ରଶ୍ନ ଏହି ତଥ୍ୟଗୁଡ଼ିକର ବ୍ୟାଖ୍ୟା କଣ। ଗତ ବର୍ଷ ପ୍ରାୟ ଏହି ସମୟରେ ଓଡ଼ିଶା ସରକାର ଚତୁର୍ଥ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟର କିଛି ତଥ୍ୟ ଆଧାରରେ ଗତ ଷୋହଳ ସତର ରାଜ୍ୟରେ ପୁଷ୍ଟିହୀନତା କମ୍ ହୋଇଥିବା କଥା ଦର୍ଶାଇବା ସହ ରାଜ୍ୟ ଜାତୀୟ ହାର ଅପେକ୍ଷା ଖୁବ ଭଲ ପ୍ରଦର୍ଶନ କରୁଛି ବୋଲି କହିଥିଲେ। ଅବଶ୍ୟ ଏହା କିଛିମାତ୍ରାରେ ସତ୍ୟ। ଯଦି ରାଜ୍ୟର ଶିଶୁ ମୃତ୍ୟୁହାର ଦେଖାଯାଏ, ତେବେ ୨୦୦୫-୦୬ ମସିହାରେ ଏହା ପଞ୍ଚଷଠିରୁ ଖସି ୨୦୧୫-୧୬ରେ ଚାଳିଶରେ ପହଞ୍ଚିଛି, ଯାହାକି ଏହି ସମୟରେ ଜାତୀୟ ହାର ଏକଚାଳିଶଠାରୁ ଏକ ପଏଣ୍ଟ କମ୍। ସେହିପରି ଭାବେ, ରାଜ୍ୟସ୍ତରରେ ଅନ୍ୟ କେତେଗୋଟି ସୂଚକାଙ୍କ ଯଥା ସମ୍ପୂର୍ଣ୍ଣ ଟୀକାକରଣ ପିଲାମାନଙ୍କ ସଂଖ୍ୟା, ସଂସ୍ଥାଗତ ପ୍ରସବ ବୃଦ୍ଧି ହେବା ସଙ୍ଗେ ସଙ୍ଗେ, କମ ଓଜନର ଶିଶୁ ତଥା ମା ମାନଙ୍କର ସଂଖ୍ୟାରେ ମଧ୍ୟ କମି ଆସିଛି। କିନ୍ତୁ ଆହୁରି ଏପରି ଅନେକଗୁଡ଼ିଏ ତଥ୍ୟ ଅଛି ଯାହାର ଆଲୋଚନା ଭିନ୍ନଭିନ୍ନ ସ୍ତରରେ ହେବାର ଆବଶ୍ୟକତା ରହିଛି। ଉଦାହରଣ ଭାବେ ବୟସ ତୁଳନାରେ କମ ଉଚ୍ଚତା ଥିବା ଶିଶୁମାନଙ୍କ ସଂଖ୍ୟା ଜିଲ୍ଲାୱାରୀ ଦେଖାଯାଏ, ତେବେ ପ୍ରଥମ ତିନିଗୋଟି ସ୍ଥାନରେ ସୁବର୍ଣ୍ଣପୁର, ନବରଙ୍ଗପୁର ଓ ମାଲକାନଗିରି ରହିଛି। ପୁଷ୍ଟିହୀନତାର ଅନ୍ୟ ସୂଚକାଙ୍କ ଆଧାରରେ ମଧ୍ୟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ସବୁଠାରୁ ଖରାପ ସ୍ଥିତିରେ ଥିବାର ଜଣାଯାଏ। ତାପଚକୁ ଆସେ ସୁବର୍ଣ୍ଣପୁର, କୋରାପୁଟ, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ବଲାଙ୍ଗିର ଆଦି ଭଳି ଜିଲ୍ଲା। ଆଉ ଏହିସବୁ ଗୁଡ଼ିକରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟା ଅନ୍ୟ ତୁଳନାରେ ଅଧିକ ତେବେ କଣ ଏହା କୁହାଯାଇପାରେ କି ରାଜ୍ୟର ତଥ୍ୟ ହିସାବରେ ପୁଷ୍ଟିହୀନତା କମିଥିଲେ ମଧ୍ୟ ଏପରି ଅନେକ ଅନୁସୂଚିତ ଜାତି ଓ ଜନଜାତି ବହୁଳ ଜିଲ୍ଲା ଓ ଅଞ୍ଚଳ ରହିଛି, ଯେଉଁଠି ଶିଶୁମାନଙ୍କର ସ୍ଥିତି ରାଜ୍ୟ ହାରଠାରୁ ଯଥେଷ୍ଟ ଖରାପ।

ବିଭିନ୍ନ ସାମାଜିକ ବର୍ଗର ପାଞ୍ଚ ବର୍ଷ ବୟସରୁ କମ୍‌ଶିଶୁଙ୍କ ପୁଷ୍ଟିହୀନତାର ସ୍ଥିତି ଓ ବିଗତ ଦଶବର୍ଷରେ ସେମାନଙ୍କ ସ୍ଥିତିରେ ହୋଇଥିବା ପରିବର୍ତ୍ତନକୁ ଦେଖିଲେ ଏହି ଯୁକ୍ତିର ସତ୍ୟତା ଜାଣି ହେବ। ୨୦୦୫-୦୬ ମସିହାରେ ଅନୁସୂଚିତ ଜାତିର ଶିଶୁମାନଙ୍କ ମଧ୍ୟରେ ୪୯.୭ ପ୍ରତିଶତ ସେମାନଙ୍କ ବୟସ ତୁଳନାରେ କମ୍ ଉଚ୍ଚତାର ଥିଲେ ଯାହା, ୨୦୧୫-୧୬ରେ କମି ୩୭.୩ ପ୍ରତିଶତରେ ରହିଅଛି। ଠିକ୍ ସେହିପରି ଅନୁସୂଚିତ ଜନଜାତି ଶିଶୁମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଏହି ସମୟସୀମା ମଧ୍ୟରେ ୫୭.୨ ପ୍ରତିଶତରୁ କମି ୪୫.୫ ପ୍ରତିଶତରେ ପହଞ୍ଚିଛି। ଆହୁରି ମଧ୍ୟ ଅନ୍ୟାନ୍ୟ ପଛୁଆ ବର୍ଗର ଶିଶୁମାନଙ୍କ ମଧ୍ୟରେ ଏହା ୪୦.୮ ପ୍ରତିଶତରୁ ଖସି ୨୯.୯ ପ୍ରତିଶତରୁ ଖସି ୨୯.୯ ପ୍ରତିଶତ ଓ ସାଧାରଣ ବର୍ଗ କ୍ଷେତ୍ରରେ ଏହା ୩୩.୬ ପ୍ରତିଶତରୁ କମି ୨୧ପ୍ରତିଶତରେ ପହଞ୍ଚିଛି। ସାମଗ୍ରିକ ଭାବେ, ସମସ୍ତ ସାମାଜିକ ଭାବେ, ସମସ୍ତ ସାମାଜିକ ବର୍ଗଙ୍କ କ୍ଷେତ୍ରରେ ପୁଷ୍ଟିହୀନତା କମିଥିଲେ ମଧ୍ୟ ଏହି କମିବା ମଧ୍ୟରେ ଥିବା ତଫାତ୍ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ତଥ୍ୟର ବ୍ୟାଖ୍ୟାକଲେ ଜଣାପଡ଼େ ଯେ, ସାଧାରଣବର୍ଗ ଶିଶୁଙ୍କ ତୁଳନାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ମଧ୍ୟରେ ପୁଷ୍ଟିହୀନତା ହ୍ରାସ ପାଇବାର ହାର ଖୁବ କମା ଅର୍ଥାତ୍ ସାଧାରଣ ବର୍ଗର ଶିଶୁଙ୍କ ମଧ୍ୟରେ ଏହି ହ୍ରାସର ହାର ବିଗତ ଦଶବର୍ଷରେ ପ୍ରାୟ ୩୮ ପ୍ରତିଶତ ଥିବାବେଳେ ଅନୁସୂଚିତ ଜାତି କ୍ଷେତ୍ରରେ ଏହା ପାଖାପାଖି ୨୫ପ୍ରତିଶତ ଓ ଅନୁସୂଚିତ ଜନଜାତିଙ୍କ କ୍ଷେତ୍ରରେ ସବୁଠାରୁ କମ୍‌୨୦ ପ୍ରତିଶତ ରହିଛି, ଯାହାକି ପୁଷ୍ଟିହୀନତା କ୍ଷେତ୍ରରେ ଥିବା ଏକ ବିରାଟ ଅସମାନତାର ଚିତ୍ର ପରିପ୍ରକାଶ କରୁଛି।

ଏବେ ଫେରିବା ପୁଷ୍ଟିହୀନତା ଦୂର କରିବା ପାଇଁ ହେଉଥିବା ପ୍ରୟାସଗୁଡ଼ିକ ଆଡ଼କୁ। ଅନେକ ସମୟରେ ଏହି ପ୍ରୟାସଗୁଡ଼ିକ ଆଧାରରେ ଏକ ଦେଶ ବା ରାଜ୍ୟର ପ୍ରତିବଦ୍ଧତାକୁ ମପା ଯାଇପାରେ। ଯଦି ସରକାର ପ୍ରତିବଦ୍ଧ ଥାଆନ୍ତି ତେବେ ତାହା ସରକାରୀ ନୀତି, ପାଣ୍ଠି ବ୍ୟବସ୍ଥା ଓ କାର୍ଯ୍ୟକାରିତା ଆଦିରେ ପ୍ରଦର୍ଶିତ ହେବାର ଆବଶ୍ୟକତା ଅଛି। ସାଧାରଣତଃ ଓଡ଼ିଶା ସରକାରଙ୍କ ପୁଷ୍ଟିହୀନତା କ୍ଷେତ୍ରରେ ପ୍ରତିବଦ୍ଧ ବୋଲି ଧରାଯାଇଥାଏ। କିନ୍ତୁ ନୀତି, ପାଣ୍ଠି ବ୍ୟବସ୍ଥା ଓ କାର୍ଯ୍ୟକାରିତା ଆଦି ବିଷୟଗୁଡ଼ିକ ଦେଖିଲେ ଏଥିରେ ଫାଙ୍କ ବାରି ହୋଇପଡ଼େ। ଓଡ଼ିଶା ବଜେଟ ଆଣ୍ଡ ଆକାଉଣ୍ଟବିଲିଟି ସେଣ୍ଟରର ତଥ୍ୟ ଅନୁସାରେ, ଗତ ପାଞ୍ଚଗୋଟି, ଆର୍ଥିକ ବର୍ଷରେ ରାଜ୍ୟର ମୋଟ ବଜେଟରେ ପୁଷ୍ଟି ପାଇଁ ଧାର୍ଯ୍ୟ ହେଉଥିବା ବଜେଟ ପ୍ରତିଶତ ଲଗାତାର ଭାବେ କମ୍ ହୋଇଚାଲିଛି। ଅର୍ଥାତ୍ ୨୦୧୫-୧୬ ଆର୍ଥିକବର୍ଷରେ ପୁଷ୍ଟି ସମ୍ବନ୍ଧୀୟ ଯୋଜନା ଗୁଡ଼ିକର ମୋଟ ବଜେଟ ରାଜ୍ୟ ବଜେଟର ୬.୩୩ ପ୍ରତିଶତ ଥିବାବେଳେ, ତାହା ୨୦୧୭-୧୮ରେ ୫.୫୪ ପ୍ରତିଶତ ଓ ୨୦୧୮-୧୯ର ପ୍ରସ୍ତାବିତ ବଜେଟରେ ୫.୯୦ ପ୍ରତିଶତକୁ କମିଆସିଛି। ଅବଶ୍ୟ ନିର୍ଦ୍ଦିଷ୍ଟ କିଛି ଯୋଜନାଗୁଡ଼ିକରେ ବ୍ୟୟ ଓ ଅଟକଳ ବଢ଼ିଛି, କିନ୍ତୁ ଆବଶ୍ୟକତା ହିସାବରେ ଦେଖିଲେ ଏହି ବୃଦ୍ଧି ବିଲ୍‌କୁଲ୍ ଯଥେଷ୍ଟ ମନେ ହୁଏ ନାହିଁ। ଉଦାହରଣସ୍ୱରୂପ ସମ୍ନନ୍ୱିତ ଶିଶୁ ବିକାଶ ସେବାକୁ ନିଆଯାଇପାରେ। ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ଯୋଜନାରେ ଉଭୟ ରାଜ୍ୟ ଓ କେନ୍ଦ୍ର ଭାଗ ମିଶାଇ ବ୍ୟୟ ଅଟକଳ ୨,୦୨୬ କୋଟି ରଖାଯାଇଥିବାବେଳେ ୨୦୧୭-୧୮ରେ ଏଥିରେ ମାତ୍ର ୯କୋଟି ଟଙ୍କା ବୃଦ୍ଧି କରାଯାଇ ୨,୦୩୫କୋଟି ରଖାଯାଇଛି। ଅଙ୍ଗନବାଡ଼ି କର୍ମୀମାନଙ୍କର ଦରମା ବୃଦ୍ଧି, ପରିପୂରକ ଖାଦ୍ୟ ପାଇଁ ନୂତନ ନିର୍ଦ୍ଧାରିତ ମୂଲ୍ୟକୁ ହିସାବକୁ ନେଲେ ଏହି ବୃଦ୍ଧି ପର୍ଯ୍ୟାପ୍ତ ମନେହୁଏ ନାହିଁ। ସମ୍ନନ୍ୱିତ ଶିଶୁବିକାଶ ସେବା ଛଡ଼ା ଅନେକ ଗୁଡ଼ିଏ ପୁଷ୍ଟି ନିର୍ଦ୍ଦିଷ୍ଟ ଓ ପୁଷ୍ଟ ସମ୍ବେଦନଶୀଳ କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ବଜେଟ ଆଣ୍ଡ ଆକାଉଣ୍ଟବିଲିଟି ସେଣ୍ଟର ଦ୍ୱାରା ଅନୁସାରେ ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରାୟ ୩,୦୫୮କୋଟି ଟଙ୍କା ବିଭିନ୍ନ ପୁଷ୍ଟି ନିର୍ଦ୍ଦିଷ୍ଟ ଯୋଜନା ଯଥା ପିଡ଼ିଏସ୍, ମଧ୍ୟାହ୍ନଭୋଜନ, ମମତା, ଅଙ୍ଗନବାଡ଼ିରେ ପରିପୂରକ ଖାଦ୍ୟ ଯୋଗାଣ ଇତ୍ୟାଦିପାଇଁ ବ୍ୟୟ ଅଟକଳ କରାଯାଇଥିଲେ ମଧ୍ୟ, ସଂଶୋଧିତ ଅଟକଳରେ ତାହା କମି ପ୍ରାୟ ୨,୭୦୬ କୋଟି ହୋଇଥିଲା। ଠିକ୍ ସେହିପରି, ଚଳିତ ଆର୍ଥିକ ବର୍ଷରେ ପୁଷ୍ଟି ନିର୍ଦ୍ଦିଷ୍ଟ ଯୋଜନାଗୁଡ଼ିକ ପାଇଁ ପ୍ରାୟ ୩,୦୨୨ କୋଟି ବରାଦ କରାଯାଇଛି, ଯାହାକି ଗତବର୍ଷର ଅଟକଳ ଠାରୁ କମ। ତାଛଡ଼ା, ଏହି ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ନେଇ ଉପୁଜୁଥିବା ଅନେକଗୁଡ଼ିଏ ସମସ୍ୟାକୁ ଏଯାବତ ସମାଧାନ କରାଯାଇପାରି ନାହିଁ। ପୁଷ୍ଟିହୀନତା ଦୂରକରିବା ପାଇଁ ନିର୍ଦ୍ଦିଷ୍ଟ ଓ ପୁଷ୍ଟି ସମ୍ବେଦନଶୀଳ କାର୍ଯ୍ୟ ସହ ଏକ ସ୍ୱଚ୍ଛ, ଉତ୍ତରଦାୟୀ ଓ ଭାଗୀଦାରିତା ଆଧାରିତ ବାତାବରଣ ତିଆରି କରିବାର ଆବଶ୍ୟକତା ରହିଛି। ପୁଷ୍ଟି ସମ୍ବନ୍ଧୀୟ ସାମାଜିକ ସମୀକ୍ଷାକୁ ଏହି ବାତାବରଣ ତିଆରିର ଏକ ବଳିଷ୍ଠ ମାଧ୍ୟମଭାବେ ବ୍ୟବହାର କରାଯାଇପାରିବ। ସେ ନୂତନ ଭାବେ ତିଆରି ହୋଇଥିବା ଜାତୀୟ ପୁଷ୍ଟି ମିଶନ ହେଉ ଅବା ପୁଷ୍ଟି ଉପରେ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ପଲିସି ନୋଟ୍ ଅଥବା ଖାଦ୍ୟ ଓ ପୁଷ୍ଟିର ସୁରକ୍ଷା କଥା କହୁଥିବା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପ୍ରାୟ ସବୁଥିରେ ସ୍ଥାନୀୟ ସ୍ତରରେ ପୁଷ୍ଟି ବିଷୟର ସାମାଜିକ କଥା କୁହାଯାଇଥିଲେ ମଧ୍ୟ ଏଯାବତ୍ ଓଡ଼ିଶା ସରକାର ଏ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ନେଇନାହାନ୍ତି।

ପୁଷ୍ଟିହୀନତାକୁ ଦୂର କରିବା ସମ୍ଭବ ଏବଂ ଏଥିପାଇଁ ପ୍ରତ୍ୟେକ ସ୍ତରରେ ପ୍ରୟାସ ହେବା ଆବଶ୍ୟକ। ସରକାରୀ ସେବା ପ୍ରଦାନକାରୀଙ୍କ ଛଡ଼ା, ବେସରକାରୀ ସଂଗଠନ ତଥା ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ନେତୃତ୍ୱ ନେବାର ଆବଶ୍ୟକତା ରହିଛି। ଚଳିତବର୍ଷ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ବୟାଶୀ ବର୍ଷ ପାଳନ କରିଛି। ଶହେ ବର୍ଷରେ ପଦାର୍ପଣ କରିବାକୁ ଆଉ ମାତ୍ର ଅଠର ବର୍ଷ ବାକି। ଆଜି ଜନ୍ମ ଦେଉଥିବା ଶିଶୁମାନେ ଓଡ଼ିଶା ପ୍ରଦେଶକୁ ଶହେ ପୁରୁଥିବା ସମୟରେ ବୟସ୍କ ହେଉଥିବେ ଓ ଶହେ ବର୍ଷ ପରର ଓଡ଼ିଶା ଗଠନରେ ସେମାନଙ୍କୁ ଅନେକ ବଡ଼ ଭୂମିକା ତୁଲାଇବାକୁ ପଡ଼ିବ। ତେଣୁ ଶହେ ବର୍ଷରେ ଓଡ଼ିଶା ଦେଖିବାକୁ ହେଲେ, ଆଜି ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ପଡ଼ିବ।

*ମୋ - ୯୯୩୭୦୦୮୪୩୧*

# ସ୍ୱଚ୍ଛ ଶାସନ ଓ ବିଧାନ ପରିଷଦ



**ସିଦ୍ଧାର୍ଥ ପରିଡା**

ଆମ ଦେଶ ଭାରତବର୍ଷ। ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ସର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରର ମାନ୍ୟତା ପାଇଲା। ଅଗଷ୍ଟ ମାସ ୧୫ ତାରିଖ ୧୯୪୭ ମସିହାରେ ସ୍ୱାଧୀନତା ଲାଭକଲା ଓ ୨୬ ନଭେମ୍ବର ୧୯୪୯ ମସିହାରେ ସମ୍ବିଧାନ ପ୍ରଣିତ ହେଲା।

ଆମ ଦେଶର ଗଣତନ୍ତ୍ର ବ୍ୟବସ୍ଥା ସର୍ବୋପରି ଚାରୋଟି ସ୍ତମ୍ଭ ଉପରେ ପର୍ଯ୍ୟବେକ୍ଷିତ ଯଥା ପାର୍ଲାମେଣ୍ଟ, ନ୍ୟାୟପାଳିକା, କାର୍ଯ୍ୟନିର୍ବାହୀ ସଂସ୍ଥା ଓ ସମ୍ବାଦପତ୍ର ଭାରତର ପାର୍ଲିଆମେଣ୍ଟ ଦୁଇ ସଦନ ବିଶିଷ୍ଟ। ଭାରତୀୟ ସମ୍ବିଧାନର ଧାରା ୧୬୯ ଅନୁଯାୟୀ ରାଜ୍ୟ ବିଧାନ ପରିଷଦ ଗଠନ ବା ଉଚ୍ଛେଦ କରାଯାଏ।

କେତେକ ବୃହତ୍ତ ରାଜ୍ୟରେ ଯଥା ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଓ ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ବ୍ୟବସ୍ଥାପକ ସଭା ଦୁଇ ସଦନ ବିଶିଷ୍ଟ ହୋଇଥିବା ବେଳେ, ଅଧିକାଂଶ ରାଜ୍ୟରେ କେବଳ ବିଧାନସଭା ରହିଅଛି। ୨୦୧୩ ମସିହାରେ ଆସାମରେ ଓ ୨୦୧୦ରେ ତାମିଲନାଡୁ ରାଜ୍ୟରେ ବିଧାନ ପରିଷଦ ଗଠନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇ କେନ୍ଦ୍ର ସରକାରଙ୍କ ସ୍ତରରେ ବିଚାରାଧିନ ଅଛି।

ପୂର୍ବରୁ ପଶ୍ଚିମ ବଙ୍ଗରେ ବିଧାନ ପରିଷଦ ଥିଲା। ରାଜ୍ୟ ସରକାରଙ୍କ ସୁପାରିଶକ୍ରମେ ୧୯୬୯ ମସିହାରେ ଏହା ଉଚ୍ଛେଦ ହୋଇଯାଇଅଛି।

ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ବିଧାନ ପରିଷଦରେ ସଭ୍ୟ ସଂଖ୍ୟା ୪୦ରୁ କମ୍ ହୋଇପାରିବ ନାହିଁ ଓ ଏହି ପରିଷଦର ସଭ୍ୟମାନେ ପରୋକ୍ଷ ଭାବେ ନିର୍ବାଚିତ ବା ମନୋନୀତ ହେବେ ଓ ସେମାନଙ୍କ କାର୍ଯ୍ୟକାଳ ୬ ବର୍ଷ ରହିବ। ପ୍ରତି ୨ ବର୍ଷ ଅନ୍ତରରେ ୧/୩ ଅଂଶ ସଭ୍ୟ ନିର୍ବାଚିତ ବା ମନୋନୀତ ହେବେ। ୧/୩ ଅଂଶ (ଏକ ତୃତୀୟାଂଶ) ସଭ୍ୟ ବିଧାୟକ ମାନଙ୍କ ଦ୍ୱାରା ନିର୍ବାଚିତ ହେବେ। ଏକ ତୃତୀୟାଂଶ ସଭ୍ୟ ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥା (ୟୁଏଲ୍‌ବି) ଯଥ- ଜିଲ୍ଲା ପରିଷଦ, ମୁନିସିପାଲିଟି ଓ ମହାନଗର ନିଗମ ଇତ୍ୟାଦିର ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ ହେବେ। ଏକ ଦ୍ୱାଦଶାଶଂ ସଭ୍ୟ ଉଚ୍ଚ ବିଦ୍ୟାଳୟ ଓ ତଦୁର୍ଦ୍ଧ ଶିକ୍ଷାନୁଷ୍ଠାନ ମାନଙ୍କ ଶିକ୍ଷକମାନଙ୍କ ଦ୍ୱାରା ନିର୍ବାଚିତ ହେବେ, ତତ୍‌ସହିତ ଏକ ଦ୍ୱାଦଶାଂଶ ରାଜ୍ୟର ସ୍ନାତକ ମାନଙ୍କ ଦ୍ୱାରା ନିର୍ବାଚିତ ହେବେ। ଅବଶିଷ୍ଟ ଏକ ଷଷ୍ଠାଂଶ ରାଜ୍ୟର ରାଜ୍ୟପାଳଙ୍କ ଦ୍ୱାରା ଶିକ୍ଷା, କଳା, ବିଜ୍ଞାନ, ସମବାୟ ଓ ସମାଜସେବୀ ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷ ମନୋନୀତ ହେବେ। ତାମିଲନାଡୁ ରାଜ୍ୟରେ ୩୯ଜଣ ଲୋକସଭା ସଦସ୍ୟ ଓ ୨୩୫ଜଣ ବିଧାନସଭା ସଦସ୍ୟ ଅଛନ୍ତି ଓ ଉକ୍ତ ରାଜ୍ୟର ବିଧାନପରିଷଦ ଗଠନ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ସକ୍ରିୟ ବିଚାରଧୀନ ଅଛି।

ଆମ ରାଜ୍ୟ ଓଡ଼ିଶାରେ ୨୧ଜଣ ଲୋକସଭା ସଦସ୍ୟ ଓ ୧୪୭ଜଣ ବିଧାନସଭା ସଦସ୍ୟ ଅଛନ୍ତି। ଓଡ଼ିଶାରେ ବିଧାନ ପରିଷଦ ଗଠନ ହେଲେ ନିର୍ବାଚିତ ଓ ମନୋନୀତ ସଭ୍ୟମାନଙ୍କ ସଂଖ୍ୟା ୪୯ ହେବ। ରାଜ୍ୟ ବିଧାନ ପରିଷଦର ସଭ୍ୟମାନେ ମାସିକ ପ୍ରାୟ ଟ. ୬୦,୦୦୦/-ଙ୍କା (ଷାଠିଏ ହଜାର ଟଙ୍କା) ବେତନ ଓ ଟ.୩୦,୦୦୦/-ଙ୍କା (ତିରିଶ ହଜାର ଟଙ୍କା) ଭତ୍ତା ପାଇବେ ଓ ରାଜ୍ୟ ରାଜଧାନୀରେ ପଦମର୍ଯ୍ୟାଦା ସମ୍ପୃକ୍ତ ଓ ଉପଯୁକ୍ତ ବାସଗୃହ ପାଇବେ।

୨୦୦୭ ମସିହାରେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟରେ ବିଧାନ ପରିଷଦ ଗଠନ ନିମିତ୍ତି ସମ୍ପୃକ୍ତ ରାଜ୍ୟମାନଙ୍କୁ ବିଧିବଦ୍ଧ ପ୍ରସ୍ତାବ ପଠାଇବା ପାଇଁ ଅନୁରୋଧ କରିଥିଲେ।

ଓଡ଼ିଶା ରାଜ୍ୟ ବିଧାନ ପରିଷଦ ଗଠନ ନିମିତ୍ତ ବିଧାନସଭାରେ ସର୍ବସମ୍ମତି କ୍ରମେ କିମ୍ବା ସଂଖ୍ୟାଧିକ ସଦସ୍ୟଙ୍କ ଦ୍ୱାରା ଗୃହୀତ ପ୍ରସ୍ତାବ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବେ। କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନୁମୋଦନ କ୍ରମେ ଏହି ପ୍ରସ୍ତାବ ସଂସଦରେ ଗ୍ରହଣ ହେବା ନିମିତ୍ତ ଉପସ୍ଥାପନ କରାଯିବ। ସଂସଦରେ ପାରିତ ପ୍ରସ୍ତାବ ମହାମହିମ ରାଷ୍ଟ୍ରପତି ଅନୁମୋଦନ କଲେ ବିଧାନ ପରିଷଦ ଗଠନ ନିମିତ୍ତ ପ୍ରକ୍ରିୟା ଆରମ୍ଭ ହେବ।

କେବଳ ଆର୍ଥିକ ବିଲ୍‌କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଲ୍ ଉପରେ ବିଧାନ ପରିଷଦରେ ବିତର୍କ ହୋଇପାରିବ। ବିଧାନ ପରିଷଦର ସଭ୍ୟମାନେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗନେଇ ପାରିବେ ନାହିଁ।

ସମ୍ବିଧାନ ପ୍ରଣୟନ ବେଳେ ଭାରତର ମହାମନୀଷୀ ଡ଼ଃ ରାଜେନ୍ଦ୍ର ପ୍ରସାଦ ଓ ଡ଼ଃ ଭୀମା ରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ବ୍ୟାପକ ତର୍କ, ଆଲୋଚନା, ତର୍ଜମା ଓ ପର୍ଯ୍ୟାଲୋଚନା ପରେ ଭାରତର ପାର୍ଲାମେଣ୍ଟ ଦୁଇ ସଦନ ବିଶିଷ୍ଟ ହେବା ନିମିତ୍ତ ଓ ବୃହତ ରାଜ୍ୟ ଗୁଡିକରେ ଦୁଇ ସଦନ ବିଶିଷ୍ଟ ବ୍ୟବସ୍ଥାସଭା ସୃଷ୍ଟି କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

ଭାରତର ବୃହତ ରାଜ୍ୟମାନଙ୍କରେ ଗଣତାନ୍ତ୍ରିକ ପ୍ରକ୍ରିୟା ଓ ଶାସନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଲୋକାଭିମୁଖୀ ଓ ଲୋକତାନ୍ତ୍ରିକ କରିବା ସକାଶେ ଦୁଇ ସଦନ ବିଶିଷ୍ଟ ବ୍ୟବସ୍ଥାପକ ବ୍ୟବସ୍ଥା ଉପଯୋଗ କରାଗଲେ ଭାରତରେ ଗଣତନ୍ତ୍ର ଓ କଷ୍ଟଲବ୍ଧ ସ୍ୱାଧୀନତା ସୁଦୃଢ଼ ହୋଇପାରିବ। ଆମ ରାଜ୍ୟରେ ରାଜ୍ୟ ସରକାର ବିଧାନ ପରିଷଦ ଗଠନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଉଦ୍ଦେଶ୍ୟ ପ୍ରଣୋଦିତ ଟିକା ଓ ଟିପ୍ପଣୀ, ଅଣସାମ୍ବିଧାନିକ ପ୍ରତିବାଦ ବା ପ୍ରତିରୋଧ କରାନଯାଇ ଜନଗଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଧିସମ୍ମତ କାର୍ଯ୍ୟକାରିତା ଏକାନ୍ତ ଜରୁରୀ।

# ମୋକ୍ଷ ପଥ

**ଯୋଗୀ ଗଣେଶ୍ୱର**

ଭାଗ-୬

"ନୋହିବାରୁ ପୁତ୍ର ବଳାରାଜନରେ ରାଜା
କଲେ ନିମଡୋହି।
ନିମଡୋହି ବୋଲି ଘର ତୋଳିଦେଲେ
ନିମବନ ମଧ୍ୟେ ନେଇ ॥"

ମୁକ୍ତାଦେଈ ଗୋବିନ୍ଦଙ୍କ ମୁଖକୁ ଚାହିଁ ଅଶ୍ରୁଭରା ନୟନରେ ଜୀବନର ଦୁଃଖ କାହାଣୀ ଶୁଣାଇଲେ। କହିଲେ-ହେ'ପୁତ୍ର,ପ୍ରାରବ୍ଧ କର୍ମ ଫଳ କାରଣରୁ ତୋର ଯେପରି ଅଳ୍ପ ବୟସରେ ମୃତ୍ୟୁଯୋଗ ଆସି ପହଞ୍ଚିଲା, ସେହିପରି ଆମ୍ଭ ପିତା ମାତାଙ୍କର ପ୍ରାରବ୍ଧ ପାପ ଯୋଗୁଁ ପୁତ୍ର ସନ୍ତାନ ଜାତ ହେଲା ନାହିଁ। ଏହି କାରଣରୁ ଆମ୍ଭେ ରାଜରାଣୀ ହୋଇ ଭିକାରୁଣୀ ଭଳି ଜୀବନ ବିତାଉଥିଲୁ। ତୋତେ କୋଳରେ ଧରିବା ପାଇଁ କେତେ କଷ୍ଟ ସହ୍ୟ କରିଛି ତାହା ଶ୍ରବଣ କଲେ ମା'ର ହୃଦୟ କଥା ବୁଝି ପାରିବୁ। ସେଇ ଯନ୍ତ୍ରଣାର ଗାଥା ଏବେ ତୋତେ ସଂକ୍ଷିପ୍ତରେ କହିବୁ ମନ ଦେଇ ଶ୍ରବଣ କର ପୁତ୍ର। ତୋର ପିତା ମାଣିକଚନ୍ଦ୍ର ବଙ୍ଗଦେଶର ମହାରାଜା ଥିଲେ। ପୁତ୍ର ଆଶାରେ ସେ ଅନେକ ରାଣୀଙ୍କୁ ବିବାହ କରିଥିଲେ। ମାତ୍ର ସମସ୍ତେ ଅପୁତ୍ରିକ ଦୋଷରୁ ନିରାଶରେ ଜୀବନ ବିତାଉଥିଲେ। କୁଳରକ୍ଷା ନିମନ୍ତେ ରାଜା ମହାଚିନ୍ତାରେ ପଡ଼ି ଛଟପଟ ହେଲେ। ରାଜ ପାର୍ଷଦଗଣଙ୍କୁ ଡକାଇ ସମାଧାନର ବାଟ ଖୋଜିବା ପାଇଁ ସଭିଙ୍କୁ ପରାମର୍ଶ ଦେଲେ। ସାମନ୍ତ ରାଜା ଭାଲଚନ୍ଦ୍ରଙ୍କ ଭାଗ୍ୟବତୀ ରାଜକୁମାରୀ ମୁକ୍ତାଙ୍କୁ ବିବାହ କଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ରାଜଗୁରୁ ସୂଚାଇ ଦେଲେ। ରାଜଗୁରୁଙ୍କ ପରାମର୍ଶକ୍ରମେ ମାଣିକଚନ୍ଦ୍ର ଆମ୍ଭ ପିତା ଭାଲଚନ୍ଦ୍ରଙ୍କ ନିକଟକୁ ଦୂତ ହସ୍ତରେ ଚିଟାଉ ପଠାଇଲେ। ବିବାହ ଚିଟାଉ ପାଇ ଆମ୍ଭ ପିତା ମାତା ପ୍ରସ୍ତାବକୁ ସାଦରେ ଗ୍ରହଣ କଲେ। ତହିଁପରେ ମୂଲ୍ୟବାନ ଉପଢୌକନ, ଅଷ୍ଟରତ୍ନ,ଦାସଦାସୀ, ବହୁ ସଂଖ୍ୟାରେ ହସ୍ତୀ,ଅଶ୍ୱ ଦେଇ ମାଣିକଚନ୍ଦ୍ରଙ୍କ ସହିତ ଆମ୍ଭଙ୍କୁ ବିବାହ କରାଇଲେ। ଏପରି ସାତ ବର୍ଷ ବିତିଗଲା। ତୋର ପିତା କେବଳ ପୁତ୍ର ଆଶାରେ ବିବାହ କରିଥିବାରୁ ଦୈବମତେ ଆମ୍ଭର ସାତଗର୍ଭ ଯାଏଁ କେବଳ ଦୁହିତା ଜନ୍ମ ନେଲେ। ତହିଁପରେ ରାଜାଙ୍କ ମନରେ ଆମ୍ଭ ପ୍ରତି ଅବିଶ୍ୱାସ, ଅନାଦର ଭାବ ସୃଷ୍ଟି ହେଲା। ରାଜଗୁରୁଙ୍କ ବଚନ ମିଥ୍ୟା ପ୍ରମାଣିତ ହେବାରୁ ରାଜା କ୍ରୋଧ ପ୍ରକାଶ କରି ଆମ୍ଭ ଉପରେ ଦାଉ ସାଧିଲେ। ଅଭାଗିନୀ ନାରୀର ସଂସ୍ପର୍ଶରେ ଅନାବଶ୍ୟକ ବ୍ରହ୍ମକ୍ଷୟ ଦୋଷରେ ରାଜା ନିଜକୁ ଧିକ୍ ମଣିଲେ। ଏପରି ନାରୀ ରାଣୀହଂସପୁରରେ ବାସ କରିବା ଯୋଗ୍ୟ ନୁହେଁ କହି ଆମ୍ଭଙ୍କୁ ବହୁ ଧିକ୍କାର ବଚନରେ ଯନ୍ତ୍ରଣା ଦେଲେ।

ମୁକ୍ତାଦେଈ ବାଷ୍ପରୁଦ୍ଧ କଣ୍ଠରେ ପୁଣି କହିଲେ-ହେ'ପୁତ୍ର, ନରପତିମାନଙ୍କ ମସ୍ତିଷ୍କ ବିଚଳିତ ହେଲେ ସେମାନେ ଧର୍ମ ଅଧର୍ମ କିଛି ବୁଝନ୍ତି ନାହିଁ। ଯାହା ମନକୁ ଆସିଲା ତାହା କରି ପକାନ୍ତି। ପୁତ୍ରବତୀ ନ ହେବାରୁ ତୋର ପିତା ପତ୍ନୀର ମର୍ଯ୍ୟାଦା ଉଲ୍ଲଘଂନ କରି କ୍ରୋଧ ପ୍ରକାଶ କଲେ। ନିମଡୋହି ନାରୀ କହି ରାଜନଗରରୁ ନିର୍ବାସନ କରିଦେଲେ ! ଘୋରବଣ ମଧ୍ୟରେ ଥିବା ନିମବୃକ୍ଷ ତୋଟାରେ ରଖାଇଲେ। ପତିବ୍ରତା ନାରୀ ସ୍ୱାମୀଙ୍କ ଇଚ୍ଛା ପୂରଣ ନିମନ୍ତେ ସବୁ କଷ୍ଟ ସ୍ୱୀକାର କରିଥାଏ। ସେହିପରି ସ୍ୱାମୀଙ୍କ ଆଜ୍ଞା ପାଳନ କରି ଆମ୍ଭେ ନିର୍ବାସିତା ବନ୍ଦିନୀ ଭାବରେ ଏକାକିନୀ ବଣ ଭିତରେ ପତ୍ରକୁଡ଼ିଆରେ ବାସ କଲୁ। ରାଜରାଣୀ ହୋଇ ଜଙ୍ଗଲରେ ପଡ଼ିଖାଇ ବହୁ ଦୁଃଖରେ କାଳ ବିତାଇଲୁ। ନିଷ୍ଠୁରପଣରେ ତୋର ପିତା ଅତି ନିକୃଷ୍ଟ ଖାଦ୍ୟ ବ୍ୟବସ୍ଥା କରି କଏଦୀ ପରି ରଖାଇଥିଲେ। ଦିନକୁ ସେରଟିଏ ଖୁଦ, ବାଇଗଣ ଭୁଣ୍ଡି, ପରିବା ଚୋପା, କଳମଲଟା ଶାଗ ଆମ୍ଭ କ୍ଷୁଧା ମେଣ୍ଟାଇବା ପାଇଁ ଖଞ୍ଜା ଯାଇଥିଲା। ତେଲ ସିନ୍ଦୁର ଅଭାବରେ ଆମ୍ଭ ମଥାର ଚୂଟି ବୀଭତ୍ସ ଦିଶୁଥିଲା। ଅଙ୍ଗବସ୍ତ୍ର ବିନା ବୃକ୍ଷର ବକ୍‌ଳ ପରିଧାନ କରୁଥିଲୁ।

ଚକ୍ଷୁରୁ ଝରି ଆସୁଥିବା ଲୁହ ପୋଛି ମୁକ୍ତା ଦେଇ ପୁଣି କହିଲେ-ହେ'ପୁତ୍ର, ରାଜଜେମା ହୋଇ ଯନ୍ତ୍ରଣା ଜର୍ଜରିତ ଜୀବନ ବିତାଇବା ଆମ୍ଭ ପକ୍ଷେ ସମ୍ଭବ ହେଲା ନାହିଁ। ଆମ୍ଭ ବାପଘରକୁ ଡଗର ପଠାଇ ସବୁ ଘଟଣା ଜଣାଇଲୁ। ଡଗରଠାରୁ ସମ୍ବାଦ ପାଇ ଆମ୍ଭ ପିତା ଭାଲଚନ୍ଦ୍ର ଓ ମାତା ମଉନାଦେଈ ଦୁଃଖରେ ଭାଙ୍ଗି ପଡ଼ିଲେ। ଅଲିଅଳୀ ସୁକୁମାରୀ କନ୍ୟାର ବନବାସ ଯନ୍ତ୍ରଣାକୁ ସହ୍ୟ କରି ପାରିଲେ ନାହିଁ। ଡଗର ହସ୍ତରେ ସୁନାମୁଣ୍ଡା ପଠାଇଲେ। ଏହି ସୁନାକୁ ଭଙ୍ଗାଇ ସେଇ ବଣ ମଧ୍ୟରେ ରାଣୀପ୍ରାସାଦ ନିର୍ମାଣ କରିବା ପାଇଁ ପରାମର୍ଶ ଦେଲେ। ଡଗରଠାରୁ ସବୁ ବାର୍ତ୍ତା ଶ୍ରବଣ କରି ସୁନା ଗ୍ରହଣ କଲୁ। ସେଇ ସୁବର୍ଣ୍ଣକୁ ଧରି ଆମ୍ଭେ ବଙ୍ଗ ବଜାରକୁ ଗଲୁ। ବଣିଆ ଗୃହରେ ଭଙ୍ଗାଇ ଲକ୍ଷ ଲକ୍ଷ ମୁଦ୍ରା ଆଣିଲୁ। ତାହାକୁ ବ୍ୟୟ କରି ନିମବଣରେ ଏକ ସୁଉଚ୍ଚ ପ୍ରାସାଦ ନିର୍ମାଣ କଲୁ। ତୋର ପିତା ଯେଉଁପରି ନବରରେ ବାସ କରୁଛନ୍ତି,ସେହିପରି ନବର ତୋଳାଇ ହସ୍ତୀ, ଘୋଡ଼ା,ସୈନ୍ୟ ସାମନ୍ତ ବଳ ରଖାଇଲୁ। ତୋର ପିତା ପାଳିଥିବା ଶୁଆସାରୀ ଭଳି କୌତୁକିଆ ଶୁଆସାରୀ ପୋଷିଲୁ। ତହିଁପରେ ସେଇ ବଣରେ ରାଜସୁଖରେ କାଳାତିପାତ କଲୁ। ଏକଦିନେ ତୋର ପିତା ମୃଗୟା ଉଦ୍ଦେଶ୍ୟରେ ବଣକୁ ଯାଇଥିଲେ। ସେଇ ବେଳାରେ ଆମ୍ଭ ସାରୀ ଡାକ ଦେଲା- ମଣିମା, ମଣିମା, ଗୁହାରି ଶୁଣିବା ହେଉ। ଭବଜଳେ ଭାସିଗଲି ଅଭାଗିନୀର ଡାକ ଶୁଣିବା ହେଉ। ସାରୀର ବଚନ କର୍ଣ୍ଣରେ ପଡ଼ିବାରୁ ରାଜା ଚକିତ ହୋଇ ପଡ଼ିଲେ। କାହାର ପୋଷା ସାରୀ ଏପରି ମର୍ମଭେଦୀ ବାକ୍ୟ କହି ପାରୁଛି, ତାହାର ସନ୍ଧାନ ନେବା ପାଇଁ ସୈନ୍ୟମାନଙ୍କୁ ପଠାଇଲେ। ଅନୁସନ୍ଧାନ କରିବା ପରେ ସେନାପତି ଆସି କହିଲେ- ହେ' ମଣିମା, ଯାହାଙ୍କୁ ନିମଡୋହି କହି ନିର୍ବାସନ ଦଣ୍ଡ ଦେଇଥିଲ, ସେଇ ରାଣୀ ମୁକ୍ତାଦେଈଙ୍କ ନବରର ସାରୀ ମୁଖରୁ ଏହି ବାଣୀ ଶୁଭୁଥିଲା ବୋଲି ଆମ୍ଭେ ପ୍ରମାଣ ସଂଗ୍ରହ କରିଛୁ। ଆହୁରି କଥାଏ ଶୁଣିବା ହେଉ ମଣିମା, ରାଣୀ ମୁକ୍ତାଦେଈ ତୁମ୍ଭ ନବର ଠାରୁ ଆହୁରି ସୁନ୍ଦର ସୁନାରୂପା ଖଚିତ ମହଲ ତୋଳି ନିମବଣରେ ବାସ କରୁଛନ୍ତି ! ତାଙ୍କ ସିଂହଦ୍ୱାର ତୁମ୍ଭ ସିଂହଦ୍ୱାର ଠାରୁ ଅଧିକ ମନୋହର, ଶକ୍ତିଶାଳୀ ! ତାଙ୍କ ସୈନ୍ୟବଳଙ୍କୁ ଆମ୍ଭେ ପ୍ରତିହତ କରିବା ସମ୍ଭବ ହେଲା ନାହିଁ। ବାହ୍ୟଭାଗରୁ ସ୍ୱର୍ଗ ଭଳି ପ୍ରାସାଦ ଦେଖିବା ପରେ ତୁମ୍ଭଙ୍କୁ ଆସି ଜଣାଇଲୁ। ହରି ଓଁ ତତ୍‌ସତ।

*ଦୂରଭାଷ-୯୬୬୮୬୩୧୨୫୭*



ଉପନ୍ୟାସ

ଡ. ମୌସୁମୀ ପରିଡ଼ା

# ଅମୁହାଁ ଦେଉଳ

ଭାଗ-୩୪

**ତୁ** ବି ମୋତେ ଅନ୍ୟମାନଙ୍କ ପରି ଏତେ ପର ଭାବୁଛୁ? ହଁ ଭୁଲ୍ କରିଛି। ମାନିଯାଉଛି ମାଆ। ପାରୋ ପାଖକୁ ଯାଇ ତାକୁ ବି ଭୁଲ୍ ମାଗିବି। ହେଲେ ଆଗେ ତୁ କ୍ଷମା କରିଦେ'। ନହେଲେ ବଂଚିବି କେମିତି? ତୁ ମୁହଁ ମୋଡିକି ଶୁଅନା ମାଆ। କଥା କହ। ମାଆର କୋଟରାଗତ ଆଖିଟା ବି କେମିତି ଫୁଲିଯାଇଛି। ନାକଟା ଲାଲ୍ ଦିଶୁଛି। ସେ ଶିରାଳ ମୁହଁର ଶିରା ଗୁଡାକ ଆଗଠାରୁ ଆହୁରି ବେଶୀ ଫୁଲିଉଠିଛନ୍ତି। ମାଆ ସବୁ ଆଶା ହରାଇ ଦେଲେ ଏମିତି କାନ୍ଦେ। ଯେତେବେଳେ ତା ପୁଅକୁ ସେ ଅଲଗା ବାଟରେ ଯିବାର ଦେଖେ ଏମିତି ଦୁଃଖୀ ହୋଇଯାଏ। ସେତେବେଳେ ଦେବା ଓରଫ୍ ଦେବୁ ବା ଦେବଦାସ ମନକଷ୍ଟ କରେ। ଭାବେ ସେ ମାଆ କୋଳରେ କାହିଁ ଜନ୍ମ ହେଲା ଯେ ସବୁବେଳେ ସେ ମାଆକୁ କଷ୍ଟ ଓ ଅପମାନ ହିଁ ଦିଏ। ତା ପାଇଁ ମାଆ ଦୁଃଖୀ ହେଉଛି ସବୁବେଳେ। କେତେ କଷ୍ଟ କରୁଛି..ପେଟପାଟଣା ପାଇଁ। ତା ସହିତ ଏକମାତ୍ର ଅନ୍ଧଲଉଡି ଦେବଦାସକୁ ନେଇ ଆଖିରେ କେତେ ସ୍ୱପ୍ନ। ହେଲେ ତାକୁ ଯେତେବେଳେ ଏ ଗାଁ ପିଲା ବାତେରା ଡହରାଙ୍କ ଭଳି ହେଉଥିବାର ଦେଖିଦିଏ ସେତେବେଳେ ତା ଭିତରଟା ଚହଲିଯାଏ। ସ୍ୱପ୍ନମାନେ ମରିଯା'ନ୍ତି ଆଖିତଳୁ। ସେ ଖାଲି କାନ୍ଦେ। ମନପଡେ ତା ଦୁଃଖକଷ୍ଟର ଦିନସବୁ। ଯନ୍ତ୍ରଣାର କଳାରେ ଆହୁରି କଳା ରାତିସବୁ ତା ଆଗେ ନାଚି ଉଠନ୍ତି କାଳିସୀ ଲାଗିବା ପରି!

ତା ବାପା ମରିଯିବା ପରେ କେମିତି ଛାତିକୁ ପଥର କରି ଲଢିଛି ସ୍ଥିତି ସହିତ। କେମିତି ତାକୁ ବଂଚାଇରଖିଛି କିଛି ଗୋଟେ ଆଶାରେ! ଆଜି ତା ଏକୋଇର ବଳା ବିଶିକେଶନ ଦେବୁ କେମିତି ଅମଣିଷ ପାଲଟିଗଲା! ଗଣ୍ଡେ ଦାନା ପାଇଁ ସେ ପରଦୁଆରେ ଖଟୁଛି। ମଣିଷ ପାଇଁ ଖାଦ୍ୟ ନିହାତି ଜରୁରୀ। ହେଲେ ଜଣକୁ ଏମିତି ଖାଇବା କଂସା ପାଖୁ ଉଠାଇ ତଡିଦେଲା ଘରୁ! ଭିକାରିକୁ ବି ଭିକ ଦେବାକୁ ମନା କରନ୍ତିନି। ସେ ତ ତା ସାଙ୍ଗ ଥିଲା! ଏତେ ରାଗ କଣ ପାଇଁ? ଏ ରାଗ କଣ ତାକୁ ସଂସାରରେ ପ୍ରତିଷ୍ଠିତ କରାଇଦେବ କେବେ? ଆଖିରୁ ଲୁହ ଶୁଖୁନଥିଲା। ତା ଦେବୁ ଭିତରେ ଏତେ ନିର୍ମମତା ଆସିଲା କୁଆଡୁ? ଅନେକ ସମୟ ବିତିଗଲା! ଦେବୁ ମାଆ ନୀରବତା ଆଉ ସହିନପାରି ପୁଣି ଡାକିଲା

ମାଆ..ଦେଖିଲୁ..ସେତେବେଳୁଁ କାନ ଧରି ଆଣ୍ଠେଇଛି। ଏମିତି ଭୁଲ୍ କେବେ କରିବିନି। ବିଦ୍ୟାରାଣ। ଆଖି ଛୁଉଁଛି। ଉଠି ଯାଆ ମାଆ। ଖାଇବା ଚାଲ୍। ଗୋଧୂଳି ସମୟ ହେବାକୁ ଥାଏ କିଛି ସମୟ ବାକି। ମନକୁ ବୁଝାଇ ମିନି ଉଠିଲା ସପରୁ..ସତରେ ସେ କାନ୍ଦୁଥିଲା ଏତେ ସମୟ ଧରି। ଯାଆ ଖାଇବୁ। ବାଢି ଦେଇଥିଲି ତ ତୋ ପାଇଁ।

ଆଉ ତୁ..? ପଚାରିଲା ଦେବା।

ମୋ ପେଟର ଭୋକ ସେ ପାରୋ ନେଇ ଚାଲିଗଲା।

ଏଥର ତାକୁ ମନା କରିଦେବି ମୋ ଘରକୁ ଆସିବନି। ତା କୁନି ମନକୁ ବୁଝିବାକୁ କିଏ ଅଛି! ରାକ୍ଷସ ପାଲଟିଯାଇଥିବା ମୋ ପୁଅ ତ ତାକୁ କୁକୁର ବିଲେଇ ଭଳି ବ୍ୟବହାର କରୁଛି। ଟିକେ ସ୍ନେହ ପାଇଁ ସେ ଏତେ ଦୂରରୁ ଧାଇଁ ଆସେ ରେ ଦେବୁ। ତାର କଣ ଅଭାବ ଅଛି ଜାଣୁ? କେବଳ ମାଆର ଅଭାବ। ମୁଁ ତାର ମାଆ ନୁହଁ। ହେଲେ ଟିକେ ଶ୍ରଦ୍ଧାବୋଳା କଥା ପଦେରେ ଯଦି କାହାର ଏତେ ଖୁସି କହିଦେଲେ କ୍ଷତି କଣ! ମୋତେ ବି ତା ଗାଲୁଗାଲୁ କଥା ଖୁବ୍ ଭଲଲାଗେ। ଭାରି ସରଳ ଝିଅଟେ। ପାଖରେ ପୋଷା ବିଲେଇଟେ ପରି ଖୁଡୀ ଖୁଡୀ ହେଉଥାଏ। କେତେ କଣ କହେ। ଯାବତୀୟ ସୁଖଦୁଃଖ ସେ ଏଇଠି ହୁଏ।

ହେଲେ ତୁ କଣ କଲୁ? ତୋ ମାଆର ସ୍ନେହରେ ସେ ଭାଗୀ ହେଉଛି ବୋଲି ଘରୁ ତଡିଦେଲୁ? ତା ବି ଖାଇବା କଂସା ପାଖରୁ। ସେ ବି ବିଚାରୀ ଲଢେଇ କଲାନି। ପ୍ରତିବାଦ କଲାନି ମୋ ପାଖେ ତୋ ବିରୁଦ୍ଧରେ। ଉଠିକି ଚାଲିଗଲା ଯେ ପଛକୁ ବି ଚାହିଁଲାନି। ହେଲେ ମୁଁ ଦେଖିଛି ତା ଆଖିରୁ ଲୁହ ଝରୁଥିଲା। କୋହର ବରଫ ଖଣ୍ଡଟେ ଧରି ସେ ଧାଇଁଲା। କାଳେ ତରଳି ଆମକୁ ଭସାଇନେବ ବୋଲି! ଭାରି ଦୁଃଖୀଟିଏ ସେ..! ବାପାର ନଜର ନାହିଁ ତା ଆଡେ। ଏମିତି ବୁଲିବୁଲି ସ୍ନେହ ଗୋଟାଉଥାଏ। ଯୋଉଠି ମିଳିଗଲା ସେଇଠି ଅଟକିଯାଏ ଦଣ୍ଡେ। ସେଭଳି ପିଲା ଉପରେ ତା ରାଗୁ କିପରି? ସେ ତ କାହାକୁ ଦୁଃଖ ଦେଇ ବି ଜାଣେନି!

କଥାଦେଲି ପରା-ତାକୁ ଆଉ କିଛି କହିବିନି ବାଧିଲା ପରି!

ସତ କହୁଛୁ?

ହଁ..ତୋ ରାଣ। ଦେବୁର ଉତରରେ ସନ୍ତୁଷ୍ଟ ହୋଇ ମିନି ଉଠିଲା ସପରୁ। ସେ ଜାଣେ ତା ପୁଅ ତା ରାଣ ପକାଇ କେବେ ଭୁଲ୍ କରିବନି। ସମୟ ଢେର୍ ବିତି ଯାଇଥିଲେ ବି ଦୁହେଁ ମିଶିକି ଖାଇଲେ। ମାଆ ଅବଶ୍ୟ ଭଲକି ଖାଇପାରିଲାନି। ଭୋକ ମରିଯାଇଥିଲା କିମ୍ବା ପାରୋ କଥା ଭାବୁଥିଲା।

ସେଦିନ ତା ବାପାଠୁ ଖୁବ୍ ଗାଳି ଖାଇଥିଲା ପାରୋ। କିନ୍ତୁ ଦେବଦାସ ତାକୁ ଏମିତି ହଇରାଣ କରିଛି ବୋଲି ଜମାରୁ କହିଲାନି। କହି ଦେଇଥିଲେ ବୋଧେ ବାପା ମିନି ଖୁଡୀ ସହିତ ଖୁବ୍ ଝଗଡା କରିଥାନ୍ତେ। ଯାହା ସେ ସହିପାରିନଥାନ୍ତା। ମିନି ଖୁଡୀ ସହିତ ତାର ଗୋଟେ ଅତୁଟ ସଂପର୍କ ବଢିଯାଇଛି ଯା'ଭିତରେ। ତା ଭିତରୁ ସେ ବାରି ପାରୁଛି ମମତାର ବାସ୍ନା। ତା ମାଆ ଥିଲେ ଏମିତି ହୋଇଥାନ୍ତା ବୋଧେ! ସେଥିପାଇଁ କିଛି ନା କିଛି ବାହାନାରେ ସେ ଯାଏ ମିନିଖୁଡୀ ପାଖକୁ।

ଦେବଦାସ ନଥିଲେ ମିନିଖୁଡୀ ସହିତ ଖାଇବାକୁ ଜିଦ୍ କରେ। ଗୋଟେ କଂସାରେ ପଖାଳ ଖାଇବା ବେଳେ ଲାଗେ-ମିନି ଖୁଡୀ ମୋ ମାଆ ହୋଇଥାନ୍ତା କି! ସେତେବେଳେ ଦେବଦାସ ଉପରେ ଖୁବ୍ ଈର୍ଷା ହୁଏ। କେତେ ଭାଗ୍ୟ ତାର! ପୁଣି ଭାବେ ଦେବଦାସର ନିଜ ମାଆ ହେତୁ ତାକୁ ବି କେତେ ଈର୍ଷା ଲାଗୁନଥିବ ପାରୋ ଉପରେ! ତେଣୁ ସେ ତା ଉପରେ ରାଗିପାରେନି। ସେ ବି ତା ଯାଗାରେ ଥିଲେ ବୋଧେ ଏମିତି ଈର୍ଷା କରିଥାନ୍ତା! ମାଆଟା ସବୁଠୁ ନିଜର ପରା! କିନ୍ତୁ ଦେବାଟା ତାଠୁ ବେଶୀ ଭାଗ୍ୟବାନ୍।

ଦେବଦାସ କିନ୍ତୁ ସେଦିନ କଥା ପାଇଁ ଚିନ୍ତିତ ଥିଲା। ମାଆକୁ ଦେଇଥିବା କଥା ରହିରହି ଖୁବ୍ ମନେପଡୁଥିଲା। ସେଥିପାଇଁ ସେଦିନ ସନ୍ଧ୍ୟାରେ ସେ ପାରୋ ଘର ଆଡକୁ ଯାଇଥିଲା। ଭାବିଲା ତାକୁ ଭୁଲ୍ ମାଗିବ। ପାରୋ ବାହାରେ ଫୁଲଗଛରେ ପାଣି ଦେଉଥିଲା। ଟିକିଟିକି ଫୁଲମାନଙ୍କୁ ଦେଖି ଆତ୍ମହରା ହେଉଥିଲା। ଗୁଣୁଗୁଣୁ ହେଉଥିଲା ସେ ଫୁଲମାନଙ୍କ ପାଖରେ। ଅପରାହ୍ଣର ସୁନେଲି କିରଣରେ ସେ ଆନମନା ଲାଗୁଥିଲା। ଲାଗୁଥିଲା ପାରୋ ଗୋଟେ ଚଢେଇ ପାଲଟିଯାଇଛି। ତାର କୁନି କୁନି ଡେଣାରେ ସେ ତାଙ୍କ ଅଗଣାସାରା ଫଙ୍ ଫଙ୍ ହୋଇ ଡେଉଁ ବୁଲୁଛି! ତା ଭିତରେ ଏତେ ଭଲ ଭାବନା ବେଳେବେଳେ କୋଉଠୁ ଆସି ଭରି ହୋଇଯାଏ ଯେ! ତାକୁ ଦେଖିକି ପାରୋ କିନ୍ତୁ ଦୌଡିକି ପଳାଇଲା। ସେ ପଛରୁ ଡାକିଲା-

ଏ ପାରୋ..ଟିକେ ଶୁଣିଲୁ।

ନାଇଁ ସଂଧ୍ୟାବେଳ ହୋଇଗଲାଣି। ବାପା ଡାକୁଛି। ସଂଜ ଦେବି।

ଟିକେ ଶୁଣିଯାଆ।

ନାଇଁ ..ନାଇଁ। ବାପା ମାରିବ।

ତୋ ବାପା ତୋତେ ମାରେ?

ତା କଥାରୁ ବାହାରିଗଲେ ମାରେ। ସ୍ୱଭାବ ସୁଲଭ ଢଙ୍ଗରେ କହିଲା ସେ।

ତୋତେ କାଟେନି? ଦେବଦାସର ପ୍ରଶ୍ନରେ ଫେଁ କିନା ହସିଦେଲା ପାରୋ।

ମାଡଟା ଦେହକୁ ମଧୁର ଲାଗେ କି? ମୁଁ କିନ୍ତୁ ଜାଣିନଥିଲି। ହଉ ତୁ ଯାଆ।

ମାଆ ତୋତେ ଖୋଜୁଥିଲା।

ନାଇଁ ଯିବିନି ଆଉ ସେଠିକୁ।

କାଇଁ ମୁଁ ତୋ ଉପରେ ରାଗିଲି ବୋଲି?

ନାଇଁ।

ତେବେ?

(କ୍ରମଶଃ...)



# ବାପା



ହରେକୃଷ୍ଣ ଦାସ

୨

**ସା**ରା ଜୀବନ
ପୁତ୍ରମୋହରେ ଘାଣ୍ଟିହେଇ
ଭିଟାମାଟି କାମୁଡି ପଡିରହି
ଜଳକା ହେଇଯାଇଥିବା
ଗୋଟେ ଅସହାୟ ମଣିଷ ତମେ।
ଏବେ କାଉ, କୁକୁରଙ୍କ ପେଟରେ
ମପା ଚାଲିଛି ତୁମରି ଭୋକ।
ତୁମେ ଫଟୋରେ ଅଛ କି ନା, ଜାଣେନି,
କାଲି କିନ୍ତୁ ଖାଇବାକୁ ଦେଲାବେଳେ
ସାମ୍ନାରେ ବସିପଡିଥିଲ,
ମୁଣ୍ଡ ନୁଆଁଇଦେଇଥିଲି ମୁଁବି,
ସତରେ ଆଉଁସି ଦବ କାଳେ!

ଅନେକଥର ରାତିରେ
ତମ ସହ କଥା ହେଲା ବେଳେ
ତମ କାନ୍ଦୁରା ମୁହଁ ଖୁବ ବିକଳ ଦିଶେ।
ମୋ କାନ୍ଦୁରା ମୁହଁ ଦେଖି ନପାରିବ ବୋଲି
ତମଠୁଁ ମୁହଁ ଲୁଚାଏ ସିନା
ସବୁ କାଳେ ଧରାପଡିଯାଏ।
କେତେବେଳେ ଜଳଜଳ ଚାହିଁରହି
ଦୁଃଖୀ ଦୁଃଖୀ ଦିଶ ତ କେତେବେଳେ
କୋହ ଢ଼ୋକି ପିଠି ଆଉଁସି ଦେଇ
ହଠାତ୍ ଉଭେଇଯାଅ।

କେମିତିକା ଘରେ ଏବେ ଅଛ
ଦିହ ଜଗି ଖାଉଛ କି ନାହିଁ
ବର୍ଷା କାକର ଦିନେ ଜାକେଟ ପିନ୍ଧୁଛ କି ନା, ଆଜି
ଯାବତୀୟ ଚିନ୍ତା ମୋ ଝିଅର
ଆଖି ପୁରେଇ ତମକୁ
ଭଲକରି ଦିନେ ବି ଯିଏ ଦେଖିନି।
ଏବେ ତମେ ଖୁବ୍ ମନେପଡ,
ମନେପଡ ବୋଲି ତମକୁ ଖୋଜିହୁଏ
କାଉ କୁକୁରଙ୍କ ଉଦାସ ଆଖିରେ।
ଆଖିରେ ନିଦ ଆଙ୍କିଦେଉଥିବା
ସ୍ୱପ୍ନମାନଙ୍କ କଅଁଳ ଛୁଆଁରେ
ଡରୁଆ ରାତିରେ ଛାତିତଳେ ମୁଣ୍ଡ ପିଟୁଥିବା
ଅବୁଝା କୋହରେ
ଲୁଚଉଥାଏ ମୋ ଲୁହ
ଯାହା ତୁମେ ବାରମ୍ୱାର
ପଢ଼ିନିଆ କାଳେ।

(ଅଧ୍ୟାପକ, ଇଂରାଜୀ ବିଭାଗ)
ନିଆଳି କଲେଜ, ନିଆଳି,କଟକ
ମୋ-୯୮୬୧୩୪୫୬୫୮

---



ଲୀନା ମହାନ୍ତି

**ବେ**ଳେବେଳେ ଏମିତି କାହିଁ ହୁଏ
ଆପଣାର ହେଇକି ବି କିଏ ବୁଝେନା ମନକଥା
ଆଉ କିଏ କିଛି ସମୟର ଚିହ୍ନାରେ ମନ ବୁଝିନିଏ!
ବେଳେବେଳେ ଏମିତି କାହିଁକି ହୁଏ
ନିଜଲୁହ ଚାପି କିଏ ଭୁଲିଯାଏ ନିଜଖୁସି
ଭଲ ପାଉଥିବା ମଣିଷ ପାଇଁ ସବୁ ତ୍ୟାଗ କରିଦିଏ!
ବେଳେବେଳେ ଏମିତି କାହିଁ ହୁଏ
କହିବାକୁ ଇଚ୍ଛାଥାଏ ମନଖୋଲି ସବୁ
ହେଲେ ଅକୁହା କଥା ସବୁ ଛାତିତଳେ ଚାପି ହୋଇଯାଏ।
ଏସବୁପରେ ଜୀବନରେ ଗୋଟିଏ ସତ୍ୟ ହେଉଛି ମୃତ୍ୟୁ
ଇଚ୍ଛାଥିଲେ ବି ନା କେହି ଅଟକାଇପାରେ ତାକୁ
ନା ଯାଇପାରେ ନିଜର ସେ ପ୍ରିୟଲୋକ ପାଖକୁ
ସମୟର ଡୋରିରେ ତା ପାଦ ବନ୍ଧା ହୋଇଥାଏ।

ଆସେନି ଏ ମୃତ୍ୟୁ ବେଳେ ବେଳେ
ଆସିଥାଏ ଥରେ ଏ ସବୁ ଜୀବନରେ
ହଜିଯାନ୍ତି ଜୀବନରୁ ନିଜ ଲୋକମାନେ
ପ୍ରିୟଜନ ମାନଙ୍କୁ ଲୁହ ନଈରେ ଭସେଇ ଦେଇଯାଏ।

ମୋ - -୯୮୬୧୯୪୮୮୬୨





କୁନାବାପାଙ୍କ କୁନିକଥା ୪୭

**ଭା**ରତରେ ବର୍ତ୍ତମାନ ନଦୀକୁ ନେଇ ବହୁ ଆଲୋଚନା ପର୍ଯ୍ୟାଲୋଚନା, ଅଭିଯାନ ଆନ୍ଦୋଳନ ଆଦି ଚାଲିଛି। ତେବେ ଓଡ଼ିଶା ବା ପଛରେ ରହିବ କେମିତି। ଓଡ଼ିଶାରେ ବି ଏବେ ମହାନଦୀକୁ ନେଇ ରାଜନୀତି ସରଗରମ ରହିଛି। ରାଜ୍ୟ ସରକାର ପଡୋଶୀ ରାଜ୍ୟର ବନ୍ଧ ନିର୍ମାଣକୁ ବିରୋଧ କରି କେନ୍ଦ୍ର ଓ ପଡୋଶୀ ରାଜ୍ୟର ଶାସନରେ ଥିବା ପଦ୍ମ ଦଳିଆଙ୍କୁ ଦାୟୀ କରୁଥିବା ବେଳେ ରାଜ୍ୟର ପଦ୍ମଦଳିଆ ରାଜ୍ୟ ସରକାରଙ୍କୁ ଦାୟୀ କରୁଛନ୍ତି। ତେବେ ଘଟଣାଟି ପ୍ରଭାବିତ କରୁଛି ସାଧାରଣ ଜନତାଙ୍କ ଜୀବନକୁ। ତେଣେ ଛତିଶଗଡ଼ ପାଣି ଅଟକେଇଛି, ଆଉ ରାଜ୍ୟରେ ବହୁଥିବା ଅଳ୍ପ ପାଣିକୁ ବନ୍ଧେଇବାକୁ କେହି କିଛି କରୁନାହାନ୍ତି। ଏମିତି ଅନେକ ବାଦ ବିସମ୍ବାଦକୁ ନେଇ ଚର୍ଚ୍ଚା ଚାଲିଛି ସବୁଠି। କୁନାବୋଉ ସେଦିନ କୁନାବାପାଙ୍କୁ କହୁଥିଲେ, ଯାଇ ଟିକେ ଦେଖିଆସ କଟକ ପାଖରେ ମହାନଦୀ ଅଛି ନା ଦୂରେଇ ଯାଇଛି। ନଦୀକୁ ନେଇ ଯୋଉ ଦୋଷ ଲଦାଲଦି ହଉଛନ୍ତି ଏଇ ଦୁଇ ସରକାର, ବସିକି ସମାଧାନର ବାଟ କାଢ଼ନ୍ତେନି। କଥାଟା ଠିକ, ହେଲେ ଏଥିପାଇଁ ଦୁଇ ଦଳଙ୍କ ଭିତରେ ସମାଧାନ କରିବାର ସ୍ପୃହା ନଥିବା ଭଳି ଲାଗୁଛି।

ସଂଧ୍ୟାରେ ଓମଫେଡ ଛକରୁ କ୍ଷୀର ଆଣିବାକୁ ଯାଇଥିଲେ କୁନାବାପା। ସେଠି ଘରପାଖ ପତିବାବୁ ଠିଆ ହୋଇ ଚା' ପିଇବାକୁ ବାଧ୍ୟ କରିଲେ, ଆଉ ଓମଫେଡ ଦୋକାନି କେଶବକୁ କହିଲେ, ଆରେ କେଶୀ ପାଣି ଟିକେ ଦେଖିକି ଖର୍ଚ୍ଚକରେ, ଖାଲି କ୍ଷୀରେରେ ଚା'କରେ, ମହାନଦୀ ଶୁଖିଲାଣି, ପାଣି ଅଭାବ, ନହେଲେ ତୋ ଯୋଗୁ ପାଣି ଛାଡି ଖାଲି କ୍ଷୀର ପିଇବାକୁ ପଡିବ। ପେଟୁଆ ପାଢ଼ୀବାବୁ କହିଲେ, ନାଇଁମ ଭାଇନା, ସେ ଛତିଶଗଡ଼ ପାଣି ଅଟକେଇ ରଖିଛି, ତା'ବନ୍ଧ ଭାଙ୍ଗିଦେଲେ, ଖାଲି ପାଣି ବଳକା ହେବ। ବଡ ପାଟିଆ ପ୍ରଧାନ ବାବୁ କହିଲେ, ବୁଝିଲେ କି ପାଢ଼ୀବାବୁ, ଛତିଶଗଡ଼ କେଡ ବଲୁଆ କହିଲ, ମହାନଦୀଟାକୁ ରୋକିଦେଲା ଯେ ଆମ ସରକାର ଖାଲି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ତେଣେ ପାଣି ସମୁଦ୍ରକୁ ବୋହୁଛି, ଆଉ ବନ୍ଧ ନବାନ୍ଧି ଇଏ ଯାର ତାର ଦୋଷ ଖୋଜୁଛନ୍ତି। କେଶବ କହିଲା ସାଆରେ, ସତରେ କ'ଣ ମହାନଦୀ ଶୁଖିଗଲାଣି? କୁନାବାପା କହିଲେ ସେଥିପାଇଁ ତ ଚାଲିଛି ମହାନଦୀ ମହାନାଟକ। ଖାଲି କାଦୁଅ ଫିଙ୍ଗାଫିଙ୍ଗି। ତା' ପରେ କ୍ଷୀର ଘରେଦେଇ ଚାଲିଲେ ରେଗୁଲାର ଖଟିଆଡେ। ଖଟିରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଆଗମନ ଓ ମହାନଦୀ ମହାନାଟକର ମୋଡକୁ ନେଇ ଚର୍ଚ୍ଚା ଜୋର ଧରିଥାଏ। ଗେଡା ଦିଲନ ବାବୁ କହୁଥାନ୍ତି, ପଦ୍ମ ଦଳିଆ କହୁଛନ୍ତି ଛତିଶଗଡ଼ରେ ତାଙ୍କ ସରାର ବ୍ୟାରେଜ କରି ପାଣିର ସଦୁପଯୋଗ କରୁଛନ୍ତି ଆଉ ଆମ ସରକାର ଖାଲି ଦରବୁଢ଼ା ହୀରାକୁଦ ଉପରେ ନିର୍ଭର କରୁଛନ୍ତି। ବାବୁରା ବାଲୁଆ ବେହେରା ବାବୁ କହିଲେ, ଆହେ ଯିଏ ପ୍ରକୃତରେ ମହାନଦୀ ଆନ୍ଦୋଳନ କରୁଥିଲେ, ସେମାନେ କହୁଛନ୍ତି, ମହାନଦୀ ପୋତା ଚାଲିଛି ଦୁଇ ପାଖରୁ, ଆଉ ପ୍ଲଟିଙ୍ଗ ହେଇ ବିକ୍ରି ହେଉଛି। ପେଟୁଆ ଦାଶବାବୁ କହିଲେ, ସତକଥା, ଆଗ ମହାନଦୀ ପଠାରେ ଅଳିଆ ଗଦେଇ ତାକୁ ପୋତୁଛନ୍ତି। ତା'ପରେ ସେଇ ଯାଗାରେ ବିଲ୍ଡିଙ୍ଗ କରି କୋଟିପତି ହେବେ। ମାଇଗୁଲିଆ ପଣ୍ଡାବାବୁ କହିଲେ, ଇଏ ନଦୀକୁ ନେଇ ଏତେ ଟଣା ଓଟରା ହେଲେ ସେଇଟା ମହାନଦୀରୁ ନୀଳନଦୀ ହୋଇଯିବନି ତ? ପ୍ରଜାପତିଆ ନିଶବାଲା ମହାନ୍ତିବାକୁ କହିଲେ, ଏଇଟା ହେଉଛି ହଟ୍‌କେ। ସବୁ ନଦୀକୁ ଯୋଡି ଭାରତସାରା ଜଳାଭାବ ଦୂରକରିବେ କହି ଚାଲିଶି ପଚାଶେ ବର୍ଷ ତଳେ ସରକାର କ୍ଷମତାକୁ ଆସିଥିଲେ। ଶଙ୍ଖ ଦଳିଆ ସମୁଦ୍ରକୁ ପାଣିଛାଡି ଶଙ୍ଖ ଫୁଙ୍କିଲା ବେଳକୁ ପଦ୍ମ ଦଳିଆ ପାଣି ରୋକି ଓଡ଼ିଶାରେ ପଦ୍ମ ଫୁଟେଇବା ଚକ୍କରରେ। ଆଉ ହାତବାଲାଙ୍କ ହାତରେ କିଛି ନାହିଁ, ସେ କେବଳ କେନ୍ଦ୍ର ସହାୟତା ଭିକ୍ଷା କରିବାରେ ବ୍ୟସ୍ତ। ତେବେ ସ୍ୱୟଂ ପଦ୍ମପତି ନରଇନ୍ଦ୍ର ଏବେ ଓଡ଼ିଶା ଆସୁଛନ୍ତି, ସିଏ ବଡଭାଇ ସଦୃଶ ଯଦି ଏଇ ମାମଲାରେ ମୁଣ୍ଡ ଖେଳାନ୍ତେ, ହେଲେ ତାଙ୍କ ଆଗରେ ଏବେ ପେଟ୍ରୋଲ ଡିଜେଲର ଚିନ୍ତା। ତେବେ ଏଇଥର ସିଏ କଟକରେ ମହାନଦୀ ନିଆଁରେ ପାଣିଛାଡି ଲିଭେଇବା ନା ପେଟ୍ରୋଲ ନିଆଁ ଧାସରେ ଝାଉଁଳିବେ ଦେଖିବାକୁ ବାକି ରହିଲା। ସର୍ବେ ଭବନ୍ତୁ ସୁଖୀନଃ।

- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪

# ଗୁମି ସାଆନ୍ତା

ମନୋଜ ମହାନ୍ତି

**ଗୁ**ମି ସାଆନ୍ତା ଜହ୍ନା ମଞ୍ଜି ବୁଣିଲା ବେଳକୁ ନାଇଡୁ ହାତ ମାରିଥିଲା ପିଠିରେ। ହେ.... ଦେଖ୍ ଗୁମି ମୋ ପାଖରୁ ମଞ୍ଜି ନେଲୁ, ସାର ବି ନେବୁ ଆଉ ଓଷ ବି ଦେବି ଗୋଟେ ଟଙ୍କା ମାଗିବି ନାହିଁ!! ଜହ୍ନା ଭାଙ୍ଗିବୁତ ହିସାବ କିତାବ ତୋ ସାଂଗରେ। ଦେଖ୍ ସାର କି ଓଷ ଆଉ କେଉଁଠୁ ନେବୁ ନାହିଁ। ଗୁମି କୋଡିରେ ମାଟି ହାଣି ମଂଜି ପକାଇ କହିଲା ହେଲା ତେବେ ହିସାବ କରିବା ଦଶରା ଗଲେ କାର୍ତ୍ତିକ ମଗଶିର୍ କୁ.... ଏବେ ଏତେ ତନ୍ଦ୍ରା କାଇଁ। ଦେଖ୍ ତୋର ଆଗରେ ତୋର୍ ଦେଲା ମଂଜି ବୁଣୁଚି। ଗଛ ନହେଲେ ଜହ୍ନା ନଫଳିଲେ ମୋର ଖେତ ମାଡ଼ିବୁ ନାଇଁ। ନାଇଡୁ ଖେଂକାରିଲା ହାଇଦ୍ରାବାଦର ହାଇବ୍ରିଡ୍ ମଂଜି ଦେଇଚି... ତୁଇ ଗମାତ କର୍ ନାଇ। ଦେଖିବୁ ତୋର ଜହ୍ନା କେମ୍‌ତି ଜନ୍ ହସିଲା ଦେକେ ହସିବ। ଗୁମି ଜାଣେ ଏଇ ଯେଉଁ ଜଂଗଲି ମାଟି, ଜଂଗଲି ପାଣି ଏଥିରେ ନହେବା ମଂଜିବି ଗଛ ହେବ ଫଳ ଫଳିବ। କେଉଁ ସାର... କେଉଁ ଓଷ...। ଏଇଟା ଦଶ ବର୍ଷ ଆଗର ଘଟଣା...।

XXXXXX



ଆଗ କାଇଁ ଏତେ ଜହ୍ନା ଚାଷ ନଥିଲା ଯାହା ଉମରକୋଟ୍ ପଟକୁ ବଂଗାଳି ସବୁ ଆରମ୍ଭ କରିଥିଲେ। ସେପଟୁ ଜଂଗଲ ପଦାହେଇ ମକା କିଆରୀ ହସିଲା। ଟ୍ରକ୍ ଟ୍ରକ୍ ମକା ମଂଜି ଚାଲାଣ କରି ବଂଗାଳି ଚାଷୀଙ୍କର ଅଂଟା ଜୋର ହେଲା। ବେପାର ପାଇଁ ଉମରକୋଟ୍ ପେଣ୍ଠଜାଗା ହେଲା। ଜହ୍ନା ମଂଜି, ସାର, ଓଷ ଦୋକାନ ଖୋଲିଲା। ନାଇଡୁ ଆସିଲା, ଅଗ୍ରୱାଲ୍ ଆସିଲା, ବିହାର ପଟୁ ଗୁପ୍ତା ଆସି ଆଡ୍ଡା ଜମେଇଲା। ମକା ଚାଷ ଯେତିକି ବଢ଼ିଲା ଜଂଗଲ ସେତିକି କମିଲା। ଗୁପ୍ତା କହିଲା କାଟରେ ଜଂଗଲ ତମେ ଆଦିବାସୀ... ସର୍କାର କେଉଁ ଉଗାଇ ଦେବ ତୁମକୁ... ଚାଷ କର... ଜହ୍ନା ଲଗାଅ ତମ ପଛରେ ଆମେ ଅଛୁ। କେଇଟା ବର୍ଷ ଜହ୍ନା, ଜହ୍ନା ହେଇ ଲୋକେ ବାୟା ହେଲେ। ଧାନ, ମୁଗ, ବିରି, କାନ୍ଦୁଲ, କାଂଗ, ଗୁର୍ଜି, ମାଣ୍ଡିଆ ସବୁ ହଜିଲା ଦିନ ହେଇ ରହିଗଲା। ଯେଉଁଠି ଜଂଗଲ ଡଂଗର ତରା ଜମିର ବର୍ଷାଦିନିଆ ଉମରକୋଟ୍‌ର ବିରି ପ୍ରସିଦ୍ଧ ଥିଲା ତା'ର ନାଁ ରହିଲା ନାହିଁ।

ଗୁମିର ଗାଁ ଭିତରେ ଗୁପ୍ତା ଦୋକାନ ଖୋଲିଲା। ସୁଜି, ଅଟା ଖାଇବା ସେଇ ଶିଖାଇଲା। ସଲପ ପେଣ୍ଡ୍ରମର ନିଶାକୁ କେଉଁ ନିଶା ବୋଲିବ.... ପାଉଚ୍ ମଦ କଳାହାଣ୍ଡି ପଟୁ ଚୋରାରେ ଆଣି ବିକିଲା। ଲୋକେ ମାତିଲେ ଗୁପ୍ତା ବିହାର ପଟୁ ଆସି ଏଠି ରଜା ବୋଲାଇଲା। ପାପଡାହାଣ୍ଡି ପଟକୁ ନାଇଡୁର ପାରାନ୍ତା ବେପାର। ମଂଜି ନିଅ, ସାର ନିଅ, ଓଷ ନିଅ କଳନ୍ତର ସାଂଗରେ ଶୁଝ ପୁରା ଚାରିମାସ ପରେ। ନାଇଡୁ ବୁଝାଇ ଥିଲା ଦେଖ ଉମରକୋଟ୍‌ର ଚାଷୀ କୁ ଚାଷୀ କହିବ ଏଇ ମୁଗ, ବିରି, ମାଣ୍ଡିଆ କୋଦରେ କେତେ ଡାବୁରେ ଗୁମି?? ସାଇ ସାଇ ବୁଲାଇ ବିକିଲେ ଲୋକ ନେବ ନାଇ। ଜହ୍ନା କରିବୁତ ମଗଶିର୍ ମାସକୁ ଡାବୁରେ ଡାବୁ!! ଗୁମି ବି ମାତିଲା... ଲୋକେ ମାତିଲେ ଜଂଗଲ ପଦା କରି ଜହ୍ନା ଫଳେଇଲେ.... ଏବକୁ ମାଟି ଶୁଣୁ ନାଇଁ... ମଂଜି ଶୁଣୁ ନାଇଁ... ସାର-ଓଷରେ କେଉଁ ଆଗପରି ଜହ୍ନା ପୃଷ୍ଟ ହେଉ ନାହିଁ। ଋଣ କର୍ଜ ବଢୁଚି.... ଜଂଗଲ କମିଲା ଠୁ ବର୍ଷାର ଠିକଣା ନାଇ। ଅଦିନ ବର୍ଷାରେ ଜହ୍ନା କିଆରୀରୁ ଅମଳ ହଜୁଚି।

ନାଇଡୁ କେବେ ଆସିଲା ପାପଡାହାଣ୍ଡି ତା'ର ମନେ ନାହିଁ। ଏବକୁ ଜଂଗଲଠୁ ବି ଉଚ୍ଚା ନାଇଡୁର ତିନି ମାହାଲା ଘର। ଏକ ଏକର କେତେ ସେଂଟ୍ ଜଂଗଲ ଜମି ଯା' ସର୍କାର ଦେଇଥିଲା ସେଥିରେ ଋଣ ଖାତା ବି ସୋସାଇଟି ଦେଇଥିଲା। ଋଣ ଖାତା ସବୁ ବନ୍ଧା ପଡ଼ିଚି ନାଇଡୁ ପାଖରେ। ତା' ଗାଁରେ ସବୁ ଲୋକର ଋଣ ଖାତା ନାଇଡୁ ପାଖରେ। ସୋସାଇଟି ଯେବେ ଋଣ ଦିଏ ତ ଗୁମି ଟିପ ଚିହ୍ନ ଦେଇ ବୁଢା ଆଙ୍ଗୁଠିକୁ ମୁଣ୍ଡରେ ଘଷି କାଳି ଛଡାଏ, ବାସ୍ ତା' ପରେ ଡାବୁ କିଏ ନେଲା କିଏ ଶୁଝିଲା.... ଋଣ ଛାଡ଼ ହେଲେ କେତେ ହେଲା ତା'ର ହିସାବ ଗୁମି ପାଖରେ ନଥାଏ। ଆମପାଣିରୁ ପାପଡାହାଣ୍ଡି ଯାଏ ମହାଜନ ମାନଙ୍କ ପାଖରେ ବନ୍ଧକ ରହିଚି ସୋସାଇଟିର ଋଣ ଖାତା, କିଷାନ କାର୍ଡ ତା'ର ଟେର କିଏ ପାଏ ନାହିଁ। ଗୁମିତ ସାଧାରଣ ପଢ଼ିଲେଖି ନଜାଣିଥିବା ମୂର୍ଖ ଚାଷୀଟିଏ! କିଷାନ କ୍ରେଡିଟ୍ କାର୍ଡରେ ଋଣ ଖାତାର ଋଣ ଦୁଇ ପରସେଂଟ ସୁଧରେ ଭୋଗ କରେ ମହାଜନ।

ଗୁମି ଭାବେ ଜଂଗଲ ଥିଲା ଭଲଥିଲା। ମହୁଲ ଥିଲା, ସର୍ଗି ଫୁଲଥିଲା, ମାଣ୍ଡିଆ ଥିଲା, ଗୁର୍ଜିଥିଲା, ଦେଶୀ ଧାନ ଥିଲା ମୁଗ ବିରିରେ ପୁରୁଥିଲା ପାପଡାହାଣ୍ଡି, ନବରଂଗପୁର, ଉମରକୋଟ୍‌ର ହାଟ। ଏବକୁ ଜହ୍ନାକୁ ଛାଡ଼ିଲେ ଆଉ କେଉଁ ଚାଷ କିଏ ଜାଣେ ନାହିଁ।

ଜହ୍ନା ଭାଂଗିଲା ବେଳକୁ ନାଇଡୁ, ଗୁପ୍ତା କି ଅଗ୍ରୱାଲା ଓଜନ କଂଟା ବସ୍ତା ଧରି ଖଳା ତରାତରା ହେବେ ତାଗିଦ୍ ଗୁମି ସାଆନ୍ତା ମନୋଜ ମହାନ୍ତି କରିବେ। ହେ... ଗୁମି ମଂଜି ପାଇଁ, ସାର ପାଇଁ, ଓଷ ପାଇଁ କେଉଁ ଡାବୁ ଦେଇଥିଲୁ କି? ଜହ୍ନା ଆଉ କା'କୁ ବିକିବୁତ ପୋଲିସ୍‌କୁ କହି ମାମୁ ଘରେ ଢୁକାଇ ଦେବି। ସେଇଟା କାଏଂ ତୋର ନାନାର ଡାବୁ ଥିଲା?? ଓଜନ କରିନେଲା ବେଳକୁ ବି ଠକେଇ। କେଉଁ ଗୁମି କି ତା'ପରି ଚାଷୀ ପାଟି ଫିଟାଇ ପାରେ?... ପିଠି ଉପରେ ମାଗଣା ଋଣର ବୋଝ। ସୁଧ ମୂଳ ଗଣିଲା ବେଳକୁ ପିଠିରୁ ଗୋଟେ ପ୍ରସ୍ତ ଚମଡା ଉଠିଯାଏ। ଯା' ବଳିଲା ମାସେ କି ଦୁଇମାସ ପରେ ମହାଜନ ଘରେ ବାରଣ୍ଡାରେ ହାତଯୋଡ଼ି ବସ...!! ଗୁମି ପଚାରି ପାରେ ନାହିଁ ତା' ଡାବୁର ସୁଧ ଦେବ କିଏ?? ତା'ର ଡାବୁ କାଏ ଡାବୁ ନୁହେଁ??

ଏବେ ଶୁଣୁଚି ସେପଟେ ଉମରକୋଟ୍ ପଟେ ଆଉ ଜହ୍ନା ହେଉନାହିଁ। ଇଉକାଲିପଟାସ୍ ଲଗାଇଲାଣି ସର୍କାର। ଯେଉଁ ଶାଳବଣ ଥିଲା ସେସବୁ ହଜିଲାଣି.... ଜହ୍ନାଖେତ ବି ହଜିବ....। କଳାହାଣ୍ଡି ପଟୁ ଲୋକ ହାଇଦ୍ରାବାଦ ଯାଉଥିଲେ ଇଟା ଗଢ଼ିବାକୁ ଏବେ ତାଙ୍କ ଆଡକୁ ରୋଗଟା ମାଡ଼ିବସିବା ଉପରେ। ଏବେ ତ ମାଟି ଶୁଣୁ ନାଇ, ଜଳବାୟୁ ବଦଳି ଗଲାଣି... ମୌସୁମୀ ଆସୁନାଇ ଠିକଣାରେ। ଏଇ ପାପଡ଼ାହାଣ୍ଡିରୁ ହଠାତ୍ ଲୋପ ପାଇଗଲା ଚମ୍ପା ଫୁଲର ବଣ। ଠିଆ ଠିଆ ସବୁ ଗଛ ବେଳକୁ ମରିଗଲା। କାଇଁ ଏସବୁ ଉତ୍ପାତ ପକୃତୀର?? ଏ ପାଇଁ ଦାୟୀ କିଏ?? ଗୁମି... ନାଇଡୁ.... ଗୁପ୍ତା..... ଅଗ୍ରୱାଲ... ସର୍କାର.... ନା ସୋସାଇଟି ଯିଏ ଋଣ ଦିଏ... କିଏ?? ଗୁମି ପାଖରେ ପ୍ରଶ୍ନ ସ୍ଥିର ହୋଇଯାଏ... ସମାପ୍ତ ହୋଇ ଯାଏ। ସେ ହିଁ ତ ଦାୟୀ। ନିଜ ହାତରେ କାଟିଚି ଜଂଗଲ... ଛାଡ଼ି ଆସିଚି ପୁରୁଣା ଚାଷ... ପୁରୁଣା ନିଶା... ଏବେ ଦୁଃଖ କଲେ କାଏଟା ଲାଭ!! ଗୁମି ଭାବେ ଏବେ ଖେତଖଳା ଛାଡ଼ି ଭାଗିବତ... କୁଆଡ଼େ?? ହାଇଦ୍ରାବାଦ ଗଲେ ହାତ କାଟିବ ନାଇଡୁ... କଳାହାଣ୍ଡିର, ବଲାଙ୍ଗିରର ଦାଦନ ଦୁଃଖ କଣ କ'ମ୍ ପିଡ଼ାଦାୟକ!!

କିଏ ଜଣେ ବୁଝାଇଥିଲା ଋଣ ଖାତାରେ ସର୍କାର ତୋତେ କମ୍ ସୁଧରେ ଡାବୁ ଦେଉଚି... ତୋତେ ଠକୁଚି ନାଇଡୁ। ସଲପ ନିଶା ଆଉ କେଉଁ କାମ ଦେଲାକି.... ଗୁପ୍ତାଠୁ ପାଉଚ୍ ପିଇ ନାଇଡୁ ଘରେ ରାଟୁ କରିଥିଲା। ବୁଝାଇଥିଲା ନାଇଡୁ ସୋସାଇଟି ସେକ୍ରେଟାରୀ ତୋର ମୁହଁକୁ ଦେଖି ଋଣ ଦେଲାକି? ଦେଖ୍ ତୋର ଜହ୍ନାଖେତକୁ ଦେଖି ସହି ନପାରି ତୋର ମୋର ଭିତରେ କିଏ ଫେଂଚି କରିଚି। ଛାଡ଼ ସେକଥା ନେ ପଚାଶ.... ଯା' ଗୁପ୍ତା ପାଖୁ ବୁଲି ଆସିଲେ ବୁଝିଯିବ ମନ। ଗୁମି ଦେଖିଲା ଜହ୍ନାଫୁଲ ପରି ତା' ସ୍ତ୍ରୀର ହସ... କାନ ନାକର ବନ୍ଧା ପଡ଼ିଲା ସିନା ଏବେ ଜହ୍ନା ମଂଜିରେ ଯେମ୍‌ତି ଛାଇବ ସୁନାରଂଗର ଖୁସି। ଏ ବର୍ଷ କିଣି ଆଣିବ ହଜିଲା ଦିନ... ହଜିଲା ସୁନା... ବାରମାସିଆ ଗୀତ। ଘରେ ପହଂଚିଲା ବେଳକୁ ଘୁ ଘୁ ପବନ ଝର୍‌ଝର୍ ମେଘ.... ମଗୁସିର ମାସକୁ ବର୍ଷା.... ସେପଟେ ପାଚିଲା ଫସଲ କାନ୍ଦୁଚି ଜହ୍ନା ଗଛରେ। ଏମ୍‌ତି ତ ଉଜୁଡ଼ା ସହି ସହି କାଇଁ ବର୍ଷ ପରେ ବର୍ଷ ବିତିଚି। ସ୍ୱର ଉଜୁଡ଼େ... ଫସଲ ଉଜୁଡ଼େ.... ହସ ଉଜୁଡ଼େ। ନାଇଡୁ ପରି ମଥାଟେକା ଘର ଖଣ୍ଡେ କେଉଁ ଥାଏକି, ହସିପାରେ ମନଖୋଲି ବିନା ସଲପ ରସରେ କି ପାଉଚ୍ ନିଶାରେ!!

ପାଞ୍ଚଦିନ ପରେ....।

ଜହ୍ନା ଖେତରୁ ଜହ୍ନା ଭାଂଗିଲା ଗୁମି.... ଖରା ଦେଲା... ମଂଜି ଛଡ଼େଇଲା, ବସ୍ତାରେ ଭରିଲା ବେଳକୁ ନାଇଡୁ କେଜି କଂଟା ଧରି ଖଳାରେ। ମଂଜି ଓଜନ ହେଲା, ଲୋଡ୍ ହେଲା ଗାଡ଼ି ଡାଲାରେ। ହିସାବ ଖାତା ଧରି ବୁଝାଇ ଦେଲା ନାଇଡୁ ଏଇଟା ଡିସ୍‌କଲର୍ ମଂଜି... ଅଧା ଦାମ୍‌ରେ ଉଠିବରେ ଗୁମି। ବେପାରୀ ତୋର ନାନା ନାଇ ମୋର ନାନା ନାଇ!! ମଂଜି ପାଇଁ ଡାବୁ, ସାର ପାଇଁ ଡାବୁ, ଓଷ ପାଇଁ ଡାବୁ ଆଉ କଳନ୍ତର ଟା ତିନିମାସର ଲେଖୁଚି... ପନ୍ଦର ଦିନ ଛାଡ଼ି ଦେଉଚି। ସବୁ ଗଲା ପରେ ତୋତେ ଦେବି କାଏଟା ଆଉ ମୁଁ ନେବି କାଏଟାରେ ଗୁମି...?? ବେପାରୀ ତ ଶୁଣିବ ନାଇ ତୋର ଦୁଃଖ କି ମୋର ଦୁଃଖ। ଗୁମି କାନ୍ଦି ପାରିଲା ନାଇ କି ଉଠି ପାରିଲା ନାହିଁ ଖଳାରୁ।

ଲୋକେ ଦେଖୁଥିଲେ ଗୁମି ସକାଳୁ ସଂଜ ଘୁରି ବୁଲୁଥିଲା ନାଇଡୁ ଘରୁ ନିଜଗାଁକୁ ଯେମ୍‌ତି ବାରଘଂଟାରେ ଥରେ ସକାଳ ହେଉଥିଲା.... ବାରଘଂଟାରେ ଥରେ ସଂଜ ହେଉଥିଲା...। ଗୁମି କ'ଣ ହାଇଦ୍ରାବାଦ ଯିବାକୁ ଯୋଜନା କରୁଥିଲା କି?? କେଜାଣି....!!

ଜୁନାଗଡ଼, କଳାହାଣ୍ଡି-୭୬୬୦୧୪
ମୋ- ୯୪୩୭୩୨୮୭୫୮

# ବରିଷ୍ଠ ଲେଖକ ବିନୟ ରଞ୍ଜନ ପ୍ରଧାନ ସମ୍ବର୍ଦ୍ଧିତ

**ସୁବର୍ଣ୍ଣପୁର :** ଜଗତସିଂପୁର ଜିଲ୍ଲା କାନ୍ତାରର ହାଇସ୍କୁଲ ପଡିଆ ଠାରେ ୨୩ତମ ନବକାକଳୀ ପାଳନ କରାଯାଇଛି । ଏହି ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାର ବରିଷ୍ଠ ଲେଖକ ତଥା ସାମ୍ବାଦିକ ବିନୟରଞ୍ଜନ ପ୍ରଧାନ ୨୩ତମ ନବକାକଳୀ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି । ଶ୍ରୀଯୁକ୍ତ ପ୍ରଧାନ କବିତା ଓ ଗଳ୍ପ ଲେଖାରେ ସୁବର୍ଣ୍ଣପୁର ଜିଲ୍ଲା ରେ ବେଶ୍ ପରିଚିତ । ତାଙ୍କ ଜିବନ କାଳ ଭିତରେ ସେ ୧୫୦ରୁଉର୍ଦ୍ଧ କବିତା ଓ ଗଳ୍ପ ରଚନା କରିଛନ୍ତି । ୧୯୮୯ରେ ସେ ଟିକି ଦୁନିଆଁ ସାହିତ୍ୟ ସମ୍ମାନ,ରାଉରକେଲାରେ ବୈଶାଖି ପୁରସ୍କାର ସହିତ ସେ ଅନେକ ଯାଗାରେ ସମ୍ମାନିତ ହେବାର ଗୌରବ ଅର୍ଜନ କରିଛନ୍ତି ।

# ମୋଦିଙ୍କ ସଭାକୁ ଆସିଲେନି ବିଜୟ ଓ ଦିଲୀପ

**କଟକ :** ବିଜେପିର ୪ ବର୍ଷର ପୂର୍ତ୍ତି ଅବସରରେ କଟକରେ ଆୟୋଜିତ ଜନକଲ୍ୟାଣ ସମାବେଶରେ ବରିଷ୍ଠ ବିଜେପି ନେତା ଦିଲୀପ ରାୟ ଓ ବିଜୟ ମହାପାତ୍ରଙ୍କୁ ଦେଖିବାକୁ ମିଳି ନ ଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଇଥିଲେ । ମାତ୍ର ଏହି କାର୍ଯ୍ୟକ୍ରମରେ ଉଭୟ ହେଭିୱେଟ୍ ନେତାଙ୍କ ଅନୁପସ୍ଥିତି ଦଳରେ ଥିବା ଅର୍ନ୍ତଦ୍ୱନ୍ଦ୍ୱକୁ ପଦାରେ ପକାଇଦେଇଛି ବୋଲି କର୍ମୀଙ୍କ ମହଲରେ ଚର୍ଚ୍ଚା ହୋଇଥିଲା । ପ୍ରଧାନମନ୍ତ୍ରୀ ମୋଦିଙ୍କ କଟକ ଗସ୍ତରେ ରାଜ୍ୟ ବିଜେପି ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିବାବେଳେ ପ୍ରଧାନମନ୍ତ୍ରୀ ପୂର୍ବଭାରତ ଅଭିଯାନର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ବସନ୍ତ ପଣ୍ଡା, କନକବର୍ଦ୍ଧନ ସିଂହଦେଓ, ବିଶ୍ୱଭୂଷଣ ହରିଚନ୍ଦନ, ପ୍ରତାପ ଷଡ଼ଙ୍ଗୀ, ସମ୍ବିତ ପାତ୍ର, ସୁରମା ପାଢ଼ୀ, ଜୁଏଲ୍ ଓରାମ, ମନମୋହନ ସାମଲ, ଅରୁଣ ସିଂ, ଗରିଧାରୀ ଗମାଙ୍ଗ, ସୁରେଶ ପୁଜାରୀ, ଅରୁଣ ସିଂ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ସମସ୍ତ ନେତା ଉପସ୍ଥିତ ଥିବାବେଳେ ଏହି ଦୁଇ ନେତା ଏଠାକୁ ନ ଆସିବା ନେଇ କଳ୍ପନା ଜଳ୍ପନା ସୃଷ୍ଟି ହୋଇଛି । ପୂର୍ବରୁ ଶ୍ରୀ ରାୟ ଓ ଶ୍ରୀ ମହାପାତ୍ର ଦଳରେ କୋଣଠେସା ହୋଇ ରହିଥିବା ଆଲୋଚନା ହେଉଛି । ବ୍ରାହ୍ମଣୀ ସେତୁ ଓ ରାଉରକେଲାରେ ସୁପର ସ୍ପେସାଲିଷ୍ଟି ଡାକ୍ତରଖାନା ପ୍ରତିଷ୍ଠାକୁ ନେଇ ଶ୍ରୀ ରାୟ ଦଳଠାରୁ ଦୂରେଇ ରହିଥିବାବେଳେ ରାଜ୍ୟସ୍ୱାର୍ଥ ପ୍ରସଙ୍ଗରେ ଶ୍ରୀ ମହାପାତ୍ରଙ୍କ ନିଜସ୍ୱ ବିଚାରଧାରା ଯୋଗୁ ସେ ଦଳରେ ଗୁରୁତ୍ୱ ହରାଇଥିବା ସଭାସ୍ଥଳରେ ଉପସ୍ଥିତ କର୍ମୀଙ୍କ ମହଲରେ ଆଲୋଚନା ହେଉଛି । ତେବେ ସଭାକୁ ନ ଆସିବା ନେଇ ଶ୍ରୀ ମହାପାତ୍ର ସ୍ୱୀକାର କରିବା ସହ ଏହାର କାରଣ ରାଜ୍ୟବାସୀ ଜାଣିଛନ୍ତି ବୋଲି କହିଛନ୍ତି ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

**ଖୋରଧା :** ଖୋରଧା ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କିପରି କରାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ବନ୍ୟା ବାତ୍ୟା ସମୟରେ ବାସସ୍ଥାନ ହରାଇଥିବା ଲୋକମାନଙ୍କୁ କିପରି ଥଇଥାନ କରାଯିବ ସେ ବିଷୟରେ ସଚେତନ କରାଇବାକୁ ଜିଲ୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କୁ ଉଚ୍ଚ ସ୍ଥାନମାନଙ୍କରେ ତଥା ବାତ୍ୟା ଆଶ୍ରୟ ସ୍ଥଳ ସ୍କୁଲ ଗୃହମାନଙ୍କରେ ଥଇଥାନ କରିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା କିପରି ଦୂରିଭୂତ ହେବ ସେଥି ନିମନ୍ତେ ଦୃଷ୍ଟି ଦେବାକୁ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବର୍ଷା ଜଳର ରେକର୍ଡ଼ିଂ କରି ତାହାର ସମସ୍ତ ସୂଚନା ଜିଲ୍ଲା କାର୍ଯ୍ୟାଳୟକୁ ପଠାଇବା ସହିତ ଦୁର୍ବଳ ନଦୀ ତଥା କେନାଲ ବନ୍ଧ ପ୍ରଭୃତି ଗୁଡ଼ିକର ମରାମତି ବନ୍ୟା ପୂର୍ବରୁ କରାଯିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ବାତ୍ୟ ଆଶ୍ରୟ ସ୍ଥଳ ସବୁ ଚିହ୍ନଟ କରାଯାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ଦ୍ୱାରା ପର୍ଯ୍ୟାପ୍ତ ପରିମାଣର ରିଲିଫ ସାମଗ୍ରୀ ମହଜୁଦ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା । ଦେଶୀ ଡ଼ଙ୍ଗା, ମଟର ଚାଳିତ ଡ଼ଙ୍ଗା ଗୁଡ଼ିକ ମରାମତି କରାଯାଇ ସାମ୍ଭାବ୍ୟ ବନ୍ୟା ବାତ୍ୟା ପୂର୍ବରୁ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ନଳ ନର୍ଦ୍ଦମା ଗୁଡ଼ିକ ପରିଷ୍କାର ପରିସ୍କାର ରଖିବା ସହିତ ଜଳ ନିଷ୍କାସନ ସ୍ଥାନ ମାନଙ୍କରେ ପରିଷ୍କାର ରଖିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଆଭ୍ୟନ୍ତରିଣ ଦୁର୍ଗମ ଅଞ୍ଚଳମାନଙ୍କରେ ବନ୍ୟା ପୂର୍ବରୁ ଖାଦ୍ୟ ପଦାର୍ଥ ମହଜୁଦ ରଖିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟା ଦ୍ୱାରା ସଂକ୍ରମିତ ହୋଇଥିବା ଭିନ୍ନକ୍ଷମ ବ୍ୟକ୍ତି ତଥା ଗର୍ଭବତୀ ମହିଳାଙ୍କର ଉପଯୁକ୍ତ ଥଇଥାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରାଣୀମାନଙ୍କର ରୋଗୀ ପ୍ରତିଶୋଧକ ବ୍ୟବସ୍ଥା କରିବା ପାଇଁ ସି.ଡି.ଭି.ଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବୈଠକରେ ଚିଲିକା, ବେଗୁନିଆ ତଥା ଖୋରଧାର ବିଧାୟକ ତଥା ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରଜିତ୍ ମିଶ୍ର ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

# +୨ ବିଜ୍ଞାନରେ ମହର୍ଷି ଗୁରୁକୁଳ ଛାତ୍ରୀ ହିରଣ୍ମୟୀ ଜିଲ୍ଲା ଟପ୍ପର

## ତ୍ରିବେଣୀ କଲେଜ ପଦ୍ମପୁରର ୧୦୦% ଛାତ୍ରଛାତ୍ରୀ କୃତକାର୍ଯ୍ୟ

**ରାୟଗଡା :** ଯୁକ୍ତ ୨ ବିଜ୍ଞାନରେ ରାୟଗଡା ଜିଲ୍ଲାରେ ପାସ ହାର ୬୭ ପ୍ରତିଶତ ଥିବାବେଳେ ପଦ୍ମପୁର ତ୍ରିବେଣୀ କଲେଜ ସମ୍ପୂର୍ଣ୍ଣ ୧୦୦ ପ୍ରତିଶତ ରଖି ସମସ୍ତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଚଳିତ ବର୍ଷ ଜିଲ୍ଲାରୁ ସର୍ବମୋଟ ୧୬୨୬ ଆବେଦନ କରିଥିଲେ କିନ୍ତୁ ୧୫୯୧ ଜଣ ହିଁ ପରିକ୍ଷା ଦେଇଥିଲେ । ସେଥିମଧ୍ୟରୁ ଅସାଧୁ ଉପାୟରେ ପରିକ୍ଷା ଦେଉଥିବା ୨୦ ଛାତ୍ର ଛାତ୍ରୀ ଧରାପଡିଥିଲେ । ପ୍ରକାଶିତ ଫଳାଫଳ ଅନୁସାରେ ୧୦୬୬ ଜଣ ପାସ କରିଛନ୍ତି ସେଥିମଧ୍ୟରୁ ୧୫୨ ଜଣ ପ୍ରଥମ ଶ୍ରେଣୀ ୨୪୪ ଦ୍ୱିତୀୟ ଶ୍ରେଣୀ ୬୬୦ ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି ୧୦ ଜଣ କମ୍ପାର୍ଟମେଣ୍ଟରେ କୃତକାର୍ଯ୍ୟ ହୋଇଛନ୍ତି ଜିଲ୍ଲାର ସମସ୍ତ ସରକାରୀ ମହାବିଦ୍ୟାଳୟର କୃତକାର୍ଯ୍ୟ ହାର ନୈରାଶ୍ୟ ଜନକ ଥିବାବେଳେ ବେସରକାରୀ କଲେଜ ର ପରିମାଣ ବହୁତ ଉଚ୍ଚକୋଟିର ରହିଛି ଗୁଣୁପୁର ମହର୍ଷି ଗୁରୁକୁଳ ଯୁକ୍ତ ୨ ବିଜ୍ଞାନ ଛାତ୍ର ଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି ଜିଲ୍ଲାର ପ୍ରଥମ ୧୦ ଜଣଙ୍କ ମଧ୍ୟରୁ ଏହି ଅନୁଷ୍ଠାନ ର ୮ ଜଣ ପିଲା ରହିଛନ୍ତି ସେଥିମଧ୍ୟରୁ କଲେଜର ହିରଣ୍ମୟୀ ସେନାପତି ୫୦୪ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି ସେହିପରି ଏହି ଗୁରୁକୁଳ କଲେଜର ଗୀତାଞ୍ଜଳୀ ଦଶ ୪୯୦ ରଖି ଦ୍ବିତୀୟ ତପସ୍ୱିନୀ ପଣ୍ଡା ୪୮୯ ରଖି ୪ର୍ଥ ଅଭିଶେଖ ପାଣିଗ୍ରାହୀ ୪୮୭ ରଖି ୫ମ, ବୃନ୍ଦାବନ ଚନ୍ଦ୍ର ପାଣିଗ୍ରାହୀ ଓ ଲିପୁନ କର୍ଣ୍ଣ ଯୁଗ୍ମଭାବେ ୪୭୩ ରଖି ୭ମ ରେ ଲଲାଟ ପ୍ରିୟ ୪୬୮ ରଖି ୮ମ ଗାୟତ୍ରୀରାଣୀ ପଣ୍ଡା ୪୬୭ ରଖି ୯ମ ମନୋଜ କାମପାଲି ୪୬୬ ରଖି ୧୦ମ ଯୁକ୍ତ ୨ ଶାନ୍ତିନିକେତନ ମହାବିଦ୍ୟାଳୟର କ ଭିନିସା ୪୯୩ ରଖି ୨ୟ ପଦ୍ମପୁର ତ୍ରିବେଣୀ କଲେଜ ର ପବନ କୁମାର ୪୮୦ ରଖି ୬ ସ୍ଥାନ ଅଧିକାର କରିଛନ୍ତି ଗୁଣୁପୁର ମହର୍ଷି ଗୁରୁକୁଳ କଲେଜର ମୋଟ ୧୬୨ ଜଣ ପିଲାଙ୍କ ମଧ୍ୟରୁ ୧୫୩ ଜଣ ଉତିର୍ନ୍ନ ହୋଇଛନ୍ତି ସେଥିମଧ୍ୟରୁ ୬୧ ପ୍ରଥମ ଶ୍ରେଣୀ, ୪୯୨ ଶ୍ରେଣୀ, ୪୪ ୩ୟ ଶ୍ରେଣୀ ଉତିର୍ନ୍ନ ହୋଇଛନ୍ତି ବୋଲି ସଭାପତି ସନ୍ତୋଷ ପଣ୍ଡା ଜଣାଇଛନ୍ତି । ଅନ୍ୟପକ୍ଷରେ ରାୟଗଡା ସ୍ୱୟଂ ଶାସିତ କଲେଜରୁ ୨୬୯ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ କିନ୍ତୁ ୧୫୨ ଉତୀର୍ଣ୍ଣ ହୋଇଛନ୍ତି । ସେଥିମଧ୍ୟରୁ ୧୫ ଜଣ ପ୍ରଥମ ୮୧ ୨ୟ ଶ୍ରେଣୀରେ ୮୧ଜଣ ୩ୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି । ଯାହା ଅନୁଷ୍ଠାନ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ତ୍ରିପାଠି ସୂଚନା ଦେଇଛନ୍ତି ସେହିପରି ଭାରତୀ କଲେଜରୁ ୪୯ ଜଣଙ୍କ ମଧ୍ୟରୁ ୩୫ ଜଣ ପାସ ହୋଇଛନ୍ତି ୨ ଜଣ ପ୍ରଥମ ଶ୍ରେଣୀରେ ୧୫ ଜଣ ୨ୟ ଶ୍ରେଣୀରେ ଏବଂ ୧୮ ୩ୟ ଶ୍ରେଣୀରେ ଉତିର୍ନ୍ନ ହୋଇଛନ୍ତି । ଗୁଡାରି କଲେଜରୁ ୫୭ ଜଣକ ମଧ୍ୟରୁ ୨୨ ଜଣ କୃତକାର୍ଯ୍ୟ ୨ୟ ଶ୍ରେଣୀରେ ୧ ଜଣେ ୩ୟ ଶ୍ରେଣୀରେ ୨୧ ଜଣ, ରାୟଗଡା ମହିଳା ମହାବିଦ୍ୟାଳୟରୁ ୭୧ ଜଣଙ୍କ ମଧ୍ୟରୁ ୨୧ ଜଣ ୧ମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିବା ବେଳେ ୨ୟ ଶ୍ରେଣୀରେ ୧ ଜଣେ ଓ ୩ୟ ଶ୍ରେଣୀରେ ୨୦ ଜଣ ଗୁଣୁପୁର ସରକାରୀ ମହାବିଦ୍ୟାଳୟରୁ ୧୩୭ ଜମକ ମଧ୍ୟରୁ ୬୦ ଜଣ ସେଥିମଧ୍ୟରୁ ୧ଜଣେ ପ୍ରଥମ ୨ୟ ଶ୍ରେଣୀରେ ୧୬ ଜଣ ୩ୟ ଶ୍ରେଣୀରେ ୪୩ ଜଣ ଗୁମୁଡା ମହାବିଦ୍ୟାଳୟରୁ ୨୩ ଜଣକ ମଧ୍ୟରୁ ୧୦ ଜଣ ସେଥିମଧ୍ୟରୁ ୨ ଜଣ ପ୍ରଥମ ୧ ଜଣ ୨ୟ ୭ ଜଣ ୩ୟ ସେହିପରି ପଦ୍ମପୁରସ୍ଥ ତ୍ରିବେଣୀ ବିଜ୍ଞାନ ମହାବିଦ୍ୟାଳୟରୁ ୫୮ ଜଣ ଛାତ୍ର ଛାତ୍ରୀ ପରିକ୍ଷା ଦେଇଥିବା ବେଳେ ସମ୍ପୂର୍ଣ୍ଣ ୫୮ ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେଥି ମଧ୍ୟରୁ ୨୮ ଜଣ ପ୍ରଥମ ଶ୍ରେଣୀରେ୨୦ ଜଣ ୨ୟ ଶ୍ରେଣୀରେ ୧୦ ଜଣ ୩ୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିବାର ସୂଚନା । ସାଗର କାନ୍ତ ଜେନା ଜଣାଇଛନ୍ତି ସରକାରୀ ମହାବିଦ୍ୟାଳୟ ମାନଙ୍କର ସମସ୍ତ ପ୍ରକାର ସୁବିଧା ଥିବା ସମୟରେ ଛାତ୍ର ଛାତ୍ରୀଙ୍କ କୃତକାର୍ଯ୍ୟ ହାର ବହୁ ପରିମାଣରେ କମିବାରୁ ଅଭିଭାବକ ମହଲରେ ଘୋର ଚିନ୍ତାର କାରଣ ହୋଇଛି ଏଠି ପ୍ରତି ଉଚ୍ଚ କତୃପକ୍ଷ ଦୃଷ୍ଟି ଦେବା ନିମନ୍ତେ ଜନସାଧାରଣରେ ଦାବି ହେଉଛି ।


୧· ହିରନ୍ମୟୀ ସେନାପତି, ମହର୍ଷି ଗୁରୁକୁଳ


୨· କେ· ଭିନିସା, ଶାନ୍ତିନିକେତନ


୩· ଗୀତାଞ୍ଜଳି ଦାସ, ମହର୍ଷି ଗୁରୁକୁଳ

# ସରକାରଙ୍କ ନିୟନ୍ତ୍ରଣ ବାହାରେ ବଜାର ଦର

**ଖୋରଧା :** ଦିନକୁ ଦିନ ଦରଦାମ୍ କମିବା ପରିବର୍ତ୍ତେ ବଢି ବଢି ଚାଲିଛି । ବ୍ୟବସାୟୀମାନଙ୍କ କହିବା ଅନୁଯାୟୀ ଉତ୍ପାଦନ କମ ହେଉଥିବା ବେଳେ ଆମଦାନୀ ମଧ୍ୟ ହ୍ରାସ ପାଇଛି । ଏହା ପରେ ସବୁ ଦରଦାମ୍ ବଢି ଚାଲିଛି । ଏବେ ଠାରୁ ପନି ପରିବା ଦର ବଢି ଚାଲିଥିବା ବେଳେ ଆଗକୁ କଣ ପରିସ୍ଥିତି ହେବ ତାହାକୁ ନେଇ ଖାଉଟି ଚିନ୍ତାରେ ପଡ଼ିଛନ୍ତି । ଆଳୁ କିଲୋ ଗ୍ରାମ ପ୍ରତି ୧୮ ଟଙ୍କାରେ ପହଞ୍ଚିଛି । କେବଳ ଆଳୁ ନୁହେଁ କଞ୍ଚା ପନିପରିବା ଦର ମଧ୍ୟ ବଢିଛି । ଗତ ସପ୍ତାହ ତଳେ ଯେଉଁ ସବୁ ପନିପରିବା ଦର ୩୦ ଟଙ୍କା ଭିତରେ ଥିଲା ତାହା ଏବେ ୫୦ ଟଙ୍କା ଛୁଇଁଛି । କେବଳ ପନି ପରିବା ନୁହେଁ ଡ଼ାଲି, ଚିନି, ଖାଇବା ତେଲ, ସୁଜି, ଅଟା ଦର ମଧ୍ୟ ପୂର୍ବ ଅପେକ୍ଷା ବୃଦ୍ଧି ପାଇଛି । ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଅବଗତ ଥିଲେ ମଧ୍ୟ ଦର ନିୟନ୍ତ୍ରଣ କରିବାରେ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି ।

# ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଉତ୍କୃଷ୍ଟ ଫଳାଫଳ

**ବରଗଡ଼ :** ୨୦୧୮ ଇଞ୍ଜିନିୟରିଂ ଫଳାଫଳରେ ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଛାତ୍ରଛାତ୍ରୀ ଉତ୍କୃଷ୍ଟ ସଫଳତା ହାସଲ କରିଛନ୍ତି । ପରୀକ୍ଷା ଦେଇଥିବା ସମସ୍ତ ୩୬ଜଣ ଛାତ୍ରଛାତ୍ରୀଙ୍କ ୧୦୦% ସଫଳତା ସହ ୬ଜଣ ୯ ଏସ୍‌ଜିପିଏରୁ ଉର୍ଦ୍ଧ୍ୱ, ୨୬ଜଣ ୮ଏସ୍‌ଜିପିଏ ରୁ ୯ଏସ୍‌ଜିପିଏ ମଧ୍ୟରେ ଏବଂ ୪ଜଣ ୭ରୁ ୮ ଏସ୍‌ଜିପିଏ ମଧ୍ୟରେ ମାର୍କ ରଖି ସଫଳ ହୋଇଛନ୍ତି । କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ସ୍ମୃତିରେଖା ମହାନ୍ତି ଏବଂ ସିଭିଲ୍ ଇଞ୍ଜିନିୟରିଂ ବିଭାଗର ସଙ୍ଗୀତା ସ୍ୱାଇଁ ୯.୨୨ଏସ୍‌ଜିପିଏ ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସିଭିଲ୍ ଇଞ୍ଜିନିୟରିଂ ବିଭାଗର ହାସ୍ୟମୟୀ ବେହେରା ଓ ପ୍ରିୟଦର୍ଶିନୀ ପସାୟତ ୯.୦୯ଏସ୍‌ଜିପିଏ, କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ଲିଜା ପ୍ରିୟଦର୍ଶିନୀ ତିର୍କୀ ୯.୦୯ଏସ୍‌ଜିପିଏ, ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ଶଶାଙ୍କ ଶେଖର ବେହେରା ୯.୦୫ଏସ୍‌ଜିପିଏ ମାର୍କ ସହ ସଫଳତାର ଶୀର୍ଷରେ ଅଛନ୍ତି । ସୂଚନାଯୋଗ୍ୟ ଯେ, ବିକାଶରୁ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଛାତ୍ରଛାତ୍ରୀ ବିଭିନ୍ନ ଅଗ୍ରଗାମୀ କମ୍ପାନୀମାନଙ୍କରେ ପ୍ଲେସ୍‌ମେଣ୍ଟ ସଫଳତା ପାଇବା ସହିତ ଆନ୍ତର୍ଜାତୀୟ ସ୍ତରରେ ଅନେକ ରିସର୍ଚ୍ଚ ପେପର୍ ପ୍ରକାଶ କରି ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ ଠାରୁ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଏହି ଅନନ୍ୟ ସଫଳତାରେ ଅନୁଷ୍ଠାନର ଡାଇରେକ୍ଟର ଏଡ୍‌ମିନିଷ୍ଟ୍ରେସନ୍ ଶ୍ରୀଯୁକ୍ତ ଡି.ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଶ୍ରୀଯୁକ୍ତ ଜି.ଭାସ୍କର ରାଓ, ଡାଇରେକ୍ଟର ଏକାଡେମିକ୍ସ ଶ୍ରୀଯୁକ୍ତ ଭି.ଶ୍ରୀନିବାସ ତଥା ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ସମସ୍ତ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଅନୁଷ୍ଠାନର ଚେୟାରମେନ୍ ଶ୍ରୀଯୁକ୍ତ ଡି.ମୂରଲୀ କ୍ରୀଷ୍ଣା ଶିକ୍ଷାନୁଷ୍ଠାନକୁ ବିଶ୍ୱାସ କରିଥିବା ସମସ୍ତ ଅଭିଭାବକ ତଥା କଠୋର ପରିଶ୍ରମ କରିଥିବା ଛାତ୍ରଛାତ୍ରୀ, ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଅଧକ୍ଷ ଇଂ.ଅଜୟ ମହାପାତ୍ର ଏବଂ କୋଅର୍ଡିନେଟର ଇଂ.ପୂର୍ଣ୍ଣେନ୍ଦୁ ମିଶ୍ର, ସମସ୍ତ ବିଭାଗର ମୁଖ୍ୟ, ଏକାଡେମିକ୍ କୋଅର୍ଡିନେଟର୍ ତଥା ସମସ୍ତ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଜନପଥ ନୁହେଁ ...

ସରକାର ଅମଳରେ ଆଉ ୧୦ କୋଟିରୁ ଉର୍ଦ୍ଧ୍ୱ ପରିବାରକୁ ନୂତନ ଗ୍ୟାସ ସଂଯୋଗ ଦିଆଯାଇ ପାରିଛି । ଏଥି ମଧ୍ୟରେ ଉଜ୍ୱଳା ଯୋଜନାରେ ମାଗଣାରେ ୪କୋଟି ପରିବାରକୁ ଗ୍ୟାସ୍ ସଂଯୋଗ ଦିଆଯାଇଛି । କେବଳ ଓଡ଼ିଶାର ୨୫ ଲକ୍ଷ ମହିଳା ଏହି ଯୋଜନାରେ ସାମିଲ ହୋଇଛନ୍ତି । ଜିରୋ ବାଲାନ୍ସରେ ତାଙ୍କ ସରକାର ଅମଳରେ ଜନଧନ ଯୋଜନାରେ ୩୨କୋଟି ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲାଯାଇଛି । ୧୯କୋଟି ଲୋକଙ୍କୁ ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନାରେ ସାମିଲ କରାଯାଇପାରିଛି । ଅଟଳ ପେନ୍‌ସନ୍ ଯୋଜନା, ସାମାଜିକ ସୁରକ୍ଷା ଯୋଜନା ଆଦିରେ ଦେଶର କୋଟି କୋଟି ଲୋକ ଉପକୃତ ହେଉଛନ୍ତି । ଆୟୁଷ୍ମାନ ଭାରତ ଯୋଜନାରେ ୫୦କୋଟି ଲୋକଙ୍କୁ ସ୍ୱାସ୍ଥ୍ୟବୀମାର ସୁବିଧା ପ୍ରଦାନ କରାଯାଇଛି । କେବଳ ଗରିବ ନୁହେଁ, ନିମ୍ନବର୍ଗ ଓ ମଧ୍ୟମ ବର୍ଗ ପରିବାରର ଆୟ ଏବଂ ଜୀବନଧାରଣର ମାନବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୁଦ୍ରା ଯୋଜନା ଓ ସ୍କିଲ ଇଣ୍ଡିଆ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏଲଇଡ଼ି ବଲ୍‌ବର ଦାମ ହ୍ରାସ କରାଯାଇ ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯିବା ଦ୍ୱାରା ସାଧାରଣ ଲୋକେ ବିଦ୍ୟୁତ୍ ବିଲ୍ ବାବଦରେ ତାଙ୍କ ସରକାର ସମୟରେ ଲୋକେ ୪୦ହଜାର କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି । ଇତିମଧ୍ୟରେ କେନ୍ଦ୍ର ସରକାର ୭ କୋଟି ଏଲଇଡ଼ି ବଲ୍ କମ୍ ଦାମରେ ଯୋଗାଇ ଦେଇଛନ୍ତି ଏବଂ ୩୨ ଲକ୍ଷରୁ ଉର୍ଦ୍ଧ୍ୱ ଏଲଇଡ଼ି ଲାଇଟି ବିଭିନ୍ନ ପୌର ସଂସ୍ଥାକୁ ଯୋଗାଇ ଦିଆଯାଇଛି । ସରକାରୀ ଚାକିରୀ କ୍ଷେତ୍ରରେ ସାକ୍ଷାତକାର ବ୍ୟବସ୍ଥାର ଉଚ୍ଛେଦ କରାଯିବା ପରେ କେବଳ ଲିଖିତ ପରୀକ୍ଷା ଦେଇ ମେଧାବୀ ଛାତ୍ରଛାତ୍ରୀମାନେ ନିଯୁକ୍ତି ପାଉଛନ୍ତି । ଫଳରେ ନିଯୁକ୍ତି କ୍ଷେତ୍ରରେ ଦୁର୍ନୀତି ହ୍ରାସ ପାଇଛି । ଉନ୍ନତ ଓ ପ୍ରଯୁକ୍ତି ବିଦ୍ୟାର ଆର୍ଥିକ ଉପଯୋଗ ନିମନ୍ତେ ପାଇପ ଯୋଗେ ଗ୍ୟାସ୍ ଯୋଗାଣ ଓ ଡିଜିଟାଲ ଇଣ୍ଡିଆର ପ୍ରଚଳନ କରାଯାଇଛି । ଶ୍ରୀ ମୋଦି କହିଥିଲେ ଯେ, ବିକଶିତ ସହରର ଉନ୍ନତିକରଣ ପାଇଁ ସ୍ମାର୍ଟସିଟିର ଯୋଜନା ଓ ୧୧ଟି ବଡ଼ ସହରରେ ମେଟ୍ରୋ ଟ୍ରେନର ପ୍ରଚଳନ ଆଦି ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ପୁନଶ୍ଚ କଳାଧନ ରୋକିବା ପାଇଁ କେନ୍ଦ୍ରସରକାରଙ୍କ ପଦକ୍ଷେପ ଫଳପ୍ରଦ ହୋଇଛି । ଫଳରେ ୨ଲକ୍ଷ ୩୬ହଜାର ସନ୍ଦିଗ୍ଧ କମ୍ପାନୀ ସେମାନଙ୍କ କାରବାର ବନ୍ଦ କରିଦେଇଛନ୍ତି ଓ ତାଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇଛି । କଳାଧନ ଠୁଳ କରିଥିବା ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବେନାମୀ ସମ୍ପତି ଜବତ, ଋଣ ଖିଲାପକାରୀ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଭ୍ରଷ୍ଟାଚାରୀଙ୍କ ବିରୋଧରେ ପଦକ୍ଷେପ ନିଆଯାଇଛି । ଅନ୍ୟପକ୍ଷରେ ସଚ୍ଚୋଟ ନାଗରିକଙ୍କ ଆୟକର ଫେରି ପାଇବା (ରିଫଣ୍ଡ) ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି । ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଥିବାରୁ ଦେଶର ନକ୍ସଲ ଅଧ୍ୟୁଷିତ ଜିଲ୍ଲା ସଂଖ୍ୟା ୧୨୬ରୁ ୯୦କୁ ହ୍ରାସ ପାଇଛି । ସମଗ୍ର ଦେଶରେ ଏକ ପ୍ରକାର କର ବ୍ୟବସ୍ଥା ପାଇଁ ଜିଏସଟି ସଫଳ ରୂପାୟନ, ଉତ୍ତମ ସରକାର ଓ ସ୍ୱଚ୍ଛ ପ୍ରଶାସନ ଯୋଗାଇ ଏହି ସରକାର ନିଜ ପ୍ରତିଶ୍ରୁତି ରକ୍ଷା କରିଛନ୍ତି । ବିଜେପିର ଏହି ସଫଳତା ଯୋଗୁ ଜନସାଧାରଣ ସରକାରଙ୍କ ଉପରେ ଆସ୍ଥା ପ୍ରକଟ କରି ୫ଟି ରାଜ୍ୟର ଶାସନ କ୍ଷମତାରେ ଥିବା ବିଜେପି ଏବେ ୨୦ରାଜ୍ୟରେ ସରକାର ଗଢ଼ି ପାରିଛି । ବିଜେପିର ଏହି ଉତ୍‌ଥାନରେ ଈର୍ଷାନ୍ୱିତ ହୋଇ କେତେକ ଆଞ୍ଚଳିକ ଦଳ ଓ ମୁଖ୍ୟ ବିରୋଧୀ କଂଗ୍ରେସ ଦଳ ଏକାଠି ହୋଇଛନ୍ତି । ଏମାନଙ୍କ ବିରୋଧରେ ଭ୍ରଷ୍ଟାଚାର ଓ ଦୁର୍ନୀତି ଥିବାରୁ ୫ଟି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେଲରେ ଅଛନ୍ତି । ପୂର୍ବରୁ କେନ୍ଦ୍ରରେ ସରକାର ଗଢ଼ିଥିବା କଂଗ୍ରେସ ପରିବାର ଭିତ୍ତିକ ଶାସନ ଚଳାଇଥିବା ବେଳେ ବିଜେପି ସାଧାରଣ ପରିବାର ଲୋକଙ୍କ ହାତରେ କ୍ଷମତା ଅର୍ପଣ କରିଛି । ଏବେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ସେ ନିଜେ ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଥିଲେ । ଗରିବ ହଟାଓ କହି କଂଗ୍ରେସ ସାଧାରଣ ଲୋକଙ୍କୁ ପ୍ରତାରିତ କରି ଢେର ଦିନ ଶାସନ କ୍ଷମତାରେ ରହିଥିଲେ ମଧ୍ୟ ଦେଶର ଗରୀବୀ ହଟିନଥିଲା । ଏଣୁ ତାଙ୍କ ସରକାର ଗରିବ ଲୋକଙ୍କ ପାଇଁ ବହୁ ଯୋଜନା ହାତକୁ ନେଇଛି । ଅନ୍ୟପକ୍ଷରେ ଓଡ଼ିଶାର ଉନ୍ନତି ପାଇଁ କେନ୍ଦ୍ର ସରକାର ଭୁବନେଶ୍ୱରରେ ଏମ୍‌ସ, ବ୍ରହ୍ମପୁରରେ ଆଇଜର ଓ ସମ୍ବଲପୁରରେ ଆଇଆଇଏମ ଭଳି ଜାତୀୟସ୍ତରର ପ୍ରତିଷ୍ଠାନ ସ୍ଥାପନ କରିଛନ୍ତି । ପାରାଦ୍ୱୀପର ଆଇଓସିଏଲ ପ୍ରତିଷ୍ଠା ପାଇଁ ପୂର୍ବର କେନ୍ଦ୍ର ସରକାର କାଳକ୍ଷେପଣ ନୀତି ଗ୍ରହଣ କରିଥିବା ତାଙ୍କ ସରକାର ଏହାର ସଫଳ ରୂପାୟନ କରିଛନ୍ତି ବୋଲି ଶ୍ରୀ ମୋଦି କହିଥିଲେ । ଓଡ଼ିଆରେ ଜୟ ଜଗନ୍ନାଥ । ଓଡ଼ିଶାର ମୋର ପ୍ରିୟ ଭାଇ ଭଉଣୀମାନଙ୍କୁ ମୋର ନମସ୍କାର । କଟକ ସହରର ପବିତ୍ରମାଟିକୁ ମୋର ଭୂମିଷ୍ଠ ପ୍ରଣାମ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଆରେ କହିବାବେଳେ ସଭାସ୍ଥଳରେ ଉପସ୍ଥିତ ଦଳୀୟ କର୍ମୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ଓଡ଼ିଶାକୁ କର୍ମଭୂମି କରିଥିବା ମହାନ ଜନନାୟକ ମଧୁବାବୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, କର୍ମବୀର ଗୌରୀଶଙ୍କର ରାୟ, ଉତ୍କଳମଣୀ ଗୋପବନ୍ଧୁ ଦାସ, ଉତ୍କଳକେଶରୀ ହରେକୃଷ୍ଣ ମହତାବ, ବାଗ୍ମୀ ବିଶ୍ୱନାଥ କର, ଭକ୍ତକବି ମଧୁସୂଦନ ରାଓ, ମା' ରମାଦେବୀ ଓ ଡକ୍ଟର ରାଧାନାଥ ରଥଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

### ଜୁନ୍ ୬ ସୁଦ୍ଧା ...

ପୂର୍ବରୁ ଏହା ସେଠାରେ ପହଞ୍ଚିବ । ଆକଳନ ଅନୁଯାୟୀ ମୌସୁମୀ ଆସନ୍ତା ୨୯ରେ କେରଳ ଛୁଇଁବ । କେବଳ ସେତିକି ନୁହେଁ, କେରଳ ଉପରେ ମୌସୁମୀ ପ୍ରବାହ ଜୋରଦାର ହୋଇ ଅଧିକାଂଶ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହେବ ବୋଲି ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ପକ୍ଷରୁ କୁହାଯାଇଛି । ଏବର୍ଷ ମୌସୁମୀ ସ୍ୱାଭାବିକ ହେବ ବୋଲି ଆଇଏମ୍‌ଡି ଏବଂ ଘରୋଇ ପାଣିପାଗ ସଂସ୍ଥା ଆକଳନ କରିଛନ୍ତି । ପାଣିପାଗ ସଂସ୍ଥାର ଆକଳନ ଅନୁଯାୟୀ ଆରବ ସାଗର ଓ ବଙ୍ଗୋପସାଗର ଉପରେ ଥିବା ଘୂର୍ଣ୍ଣିବଳୟ ଖୁବ୍‌ଶୀଘ୍ର ଅଧିକ ଘନୀଭୂତ ହୋଇ ମୌସୁମୀ ପ୍ରବାହକୁ ଅଧିକ ତୀବ୍ରତର କରିବାରେ ସହାୟକ ହେବ । ଏହାଦ୍ୱାରା କେରଳ ଓ ଶ୍ରୀଲଙ୍କା ସମେତ ବଙ୍ଗୋପସାଗର ଓ ଆରବ ସାଗରର କିଛି ଭାଗକୁ ଅଗ୍ରସର ହେବ । ଏହା ପରେ ମୌସୁମୀ କେରଳ, କର୍ଣ୍ଣାଟକା, ତାମିଲନାଡୁ ଏବଂ ଉପଦ୍ୱୀପ ଅଞ୍ଚଳର ବାକି ଭାଗ ଆଡ଼କୁ ଅଗ୍ରସର ହେବ । ଏଥିମଧ୍ୟରେ ଚେନ୍ନାଇ ଓ ବେଙ୍ଗାଲୁରୁ ଭଳି ବଡ଼ ସହରଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ରହିଥିବା ଆଇଏମ୍‌ଡି ପକ୍ଷରୁ କୁହାଯାଇଛି । ଆସନ୍ତା ୨୯ରେ ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳ ଉପକୂଳ ଛୁଇଁବାକୁ ଥିଲା ବେଳେ ୨୮ ତାରିଖ ପର୍ଯ୍ୟନ୍ତ କେରଳର କେତେକ ଭାଗରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଏହାକୁ ପ୍ରାକ୍ ମୌସୁମୀ ବର୍ଷା ବୋଲି ଧରାଯିବ । ଆସନ୍ତା ୨୬ ତାରିଖ ରାତି ୧୧.୩୦ ପର୍ଯ୍ୟନ୍ତ କେରଳ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ହେବା ସହ ପ୍ରବଳ ବେଗରେ ପବନ ବହିବାର ସମ୍ଭାବନା ରହିଛି । ପଶ୍ଚିମ - କେନ୍ଦ୍ର ଆରବ ସାଗର ଉପରେ ପ୍ରବଳ ଘୂର୍ଣ୍ଣିଝଡ଼ ଯୋଗୁ ସମୁଦ୍ର ଅଶାନ୍ତ ରହିବ । ସେଥିଲାଗି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ପାଇଁ ସତର୍କ କରି ଦିଆଯାଇଛି । ଜାତୀୟ ଜରୁରି କାର୍ଯ୍ୟାନୁଷ୍ଠାନ କେନ୍ଦ୍ର (ଏନ୍‌ଇଆର୍‌ସି) ପକ୍ଷରୁ କେରଳ ସମେତ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ ଆଲର୍ଟ ଜାରି କରାଯାଇଛି । ଏ ବର୍ଷ ସ୍ୱାଭାବିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ଏହା ହେଲେ ଚାଷବାସ ଭଲ ହେବ ଏବଂ ଉତ୍ପାଦନ ବଢ଼ିଲେ ଆର୍ଥିକ ଅଭିବୃଦ୍ଧିରେ ତାହା ସହାୟକ ହେବ ବୋଲି ସରକାର ବେଶ୍ ଆଶାବାଦୀ ହୋଇଉଠିଛନ୍ତି ।

### ଏବେ ପୂର୍ଣ୍ଣ ...

ଶିକ୍ଷାନୁଷ୍ଠାନର ୧୫,୭୩୮ ଜଣ କର୍ମଚାରୀଙ୍କୁ ଏହି ସୁବିଧା ମିଳିବ । ଗତ ଜାନୁଆରୀ ୧ ତାରିଖ ଠାରୁ ଏହି ବର୍ଦ୍ଧିତ ଦରମା ପିଛିଲା ଭାବରେ ଲାଗୁ କରାଯିବ । ସେହିପରି ଗତ ଡିସେମ୍ବର ୧ ତାରିଖ ସୁଦ୍ଧା ୬୦,୭୪ ଓ ୧୦୦ ପ୍ରତିଶତ ବ୍ଲକଗ୍ରାଣ୍ଟ୍ ପାଉଥିବା କର୍ମଚାରୀମାନଙ୍କୁ ସମାନୁପାତିକ ହାରରେ ଏହି ଗ୍ରାଣ୍ଟ-ଇନ୍-ଏଡ୍ ମିଳିବ । ସରକାରୀ ଅଧିକୃତ ପୌରସଂସ୍ଥା ବିଦ୍ୟାଳୟ କର୍ମଚାରୀଙ୍କ ସେବା ସମ୍ବନ୍ଧରେ ସ୍କୁଲର ସ୍ୱୀକୃତି ଅଥବା ଉକ୍ତ କର୍ମଚାରୀଙ୍କ ନିଯୁକ୍ତି ସମୟ ଅନୁସାରେ ବରିଷ୍ଠତା ନିର୍ଦ୍ଧାରଣ କରାଯିବ । ଅନ୍ୟ ଏକ ପ୍ରସ୍ତାବ ଅନୁସାରେ ଓଡ଼ିଶା ୱାଟରୱାର୍କସ୍ ନୀତି ଅନୁଯାୟୀ ସହରାଞ୍ଚଳରେ ଥିବା ଷ୍ଟାଣ୍ଡ ପୋଷ୍ଟ(ଜଳ ସ୍ତମ୍ଭ) ଗୁଡ଼ିକ ପାଇଁ ସଂପୃକ୍ତ ପୌରସଂସ୍ଥାଗୁଡ଼ିକୁ ଦେବାକୁ ପଡୁଥିବା ଦେୟ ସମ୍ପୂର୍ଣ୍ଣ ଭାବରେ ଛାଡ଼ କରାଯାଇଛି । ଏହାଦ୍ୱାରା ସହରାଞ୍ଚଳ କର୍ତ୍ତୃପକ୍ଷଙ୍କ ଉପରେ ବକେୟା ଥିବା ୪୦.୫ କୋଟି ଟଙ୍କା ଟିକସ ଛାଡ଼ କରାଯାଇଛି । ଚଳିତ ବର୍ଷ ପାଇଁ ମଧ୍ୟ ୫.୧୦ କୋଟି ଟଙ୍କା ଜଳକର ଛାଡ଼ କରାଯିବା ନେଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । କେନ୍ଦ୍ରାପଡ଼ା, ଅନୁଗୁଳ ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ୪୩୨ କୋଟି ଟଙ୍କା ବ୍ୟୟରେ ୪ଟି ଗ୍ରାମାଞ୍ଚଳ ପାଇପ୍ ପାଣି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହାକୁ ୨ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି । ବନ୍ୟା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ହୀରାକୁଦ ବନ୍ଧର ବାମ ପାର୍ଶ୍ୱସ୍ଥିତ ଗାନ୍ଧିପାହାଡ଼ ନିକଟରେ ସ୍ପିଲ୍ ୱେ ନିର୍ମାଣ ଟେଣ୍ଡରକୁ ଅନୁମୋଦନ ଦିଆଯାଇଛି । ଟାଟା ପ୍ରୋଜେକ୍ଟ ଦ୍ୱାର ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ୩୬୯ କୋଟି ଟଙ୍କା ବ୍ୟୟ କରାଯିବ । ଅନ୍ୟପକ୍ଷରେ ଦକ୍ଷତା ଓ ଖଣି ବିଭାଗରେ ନୂଆ ନିଯୁକ୍ତି ନେଇ କ୍ୟାବିନେଟର ମଞ୍ଜୁରୀ ମିଳିଛି । ହାଇକୋର୍ଟଙ୍କ ସୁପାରିସ୍ ଅନୁସାରେ ଓଡ଼ିଶା ନ୍ୟାୟିକ ସେବା ଶିକ୍ଷାନବିସ ଦୁଇ ବର୍ଷରୁ ଏକ ବର୍ଷକୁ ହ୍ରାସ କରାଯାଇଛି । ଶୁଭେନ୍ଦୁ କୁମାର ରାୟଙ୍କୁ ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟ ପଦବୀରେ ନିଯୁକ୍ତିକୁ ନେଇ ରାଜ୍ୟ କ୍ୟାବିନେଟ୍‌ର ମୋହର ଲାଗିଛି ।

### ମହାନଦୀ ବଞ୍ଚିବା ...

ରାଜନୈତିକ ଆନ୍ଦୋଳନରେ ସୀମିତ ହୋଇ ରହିନାହିଁ । ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ମହାନଦୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ କେନ୍ଦ୍ରର ବିଜେପି ସରକାର ଚୁପ୍ ରହିବା ଦୁଃଖର କଥା । ଓଡ଼ିଶାର ବିଜେପି ନେତାମାନେ ଛତିଶଗଡ଼ର କାମକୁ ସମର୍ଥନ କରୁଛନ୍ତି । ଆଉ ଓଡ଼ିଶା ଆସି ଏଠାରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ସେମାନଙ୍କର ଦୋମୁହାଁ ନୀତି ଲୋକ ଜାଣିସାରିଲେଣି । ଯଦି ବିଜେପି ନେତାଙ୍କର ଓଡ଼ିଆଙ୍କ ପ୍ରତି, ଓଡ଼ିଶା ପ୍ରତି ଦରଦ ଅଛି, ତେବେ ଛତିଶଗଡ଼ ସରକାରର କାମକୁ ବିରୋଧ କରନ୍ତୁ । ସେମାନେ ଛତିଶଗଡ଼ର ବିଜେପି ସରକାରକୁ ବିରୋଧ କରିପାରିବେ କି ? ବିଜୁ ଜନତା ଦଳ ସରକାର ମହାନଦୀ ପାଇଁ ସୁପ୍ରିମ୍‌କୋର୍ଟ ଯାଇଥିଲା ଏବଂ ଆମ ଦାବି ଫଳରେ ଆଜି ଟ୍ରିବ୍ୟୁନାଲ୍ ଗଠନ କରାଯାଇଛି । ମହାନଦୀକୁ ଏକ ନଦୀ ଭାବରେ ବଞ୍ଚି ରହିବାକୁ ହେଲେ ତା'ର ୫୦୦ କିଲୋମିଟର ବେସିନ୍‌ରେ ଖରାଦିନେ ଜଳ ପ୍ରବାହକୁ ଜାରି ରଖିବାକୁ ହେବ । ମହାନଦୀ ଉପରେ ନିର୍ଭର କରୁଥିବା ସାତକୋଶିଆ, ଚିଲିକା, ଭିତରକନିକା ଆଦି ଜୈବ ବିବିଧତାର ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆମ ଚାଷୀ, ମତ୍ସ୍ୟଜୀବୀ ଓ ମହାନଦୀ ପାଣି ଉପରେ ନିର୍ଭର କରୁଥିବା କୋଟି କୋଟି ଓଡ଼ିଆଙ୍କ ଜୀବନ ଜୀବିକାର ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ମହାନଦୀର ସୁରକ୍ଷା ପାଇଁ ଓଡ଼ିଶାବାସୀ ଆଜି ଏକାଠି ହୋଇଛନ୍ତି । ମହାନଦୀ ଜରିଆରେ ଆମ ଜୀବନ ଜୀବିକା ଉପରେ ହୋଇଥିବା ଏ ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଏହି ସଭାରେ ମହାନଦୀ ସୁରକ୍ଷା ଅଭିଯାନର ନେତୃତ୍ୱ ନେଇଥିବା ଦଳର ଉପ-ସଭାପତି ତଥା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ଆମର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାନଦୀ ସୁରକ୍ଷା ଲାଗି ଓଡ଼ିଶାବାସୀ ଏକ ହେବାକୁ ଯେଉଁ ଆହ୍ୱାନ ଦେଇଥିଲେ, ତଦନୁଯାୟୀ ଗୋଟିଏ ପଟେ ମୁଁ ଏବଂ ଅନ୍ୟପଟେ ବନ୍ଧୁ ଦେବୀ ମିଶ୍ରଙ୍କ ନେତୃତ୍ୱରେ ଯାତ୍ରାରମ୍ଭ ହୋଇଥିଲା । ଏଥିରେ ଦେଖିବାକୁ ମିଳିଛି, ଏହି ଯାତ୍ରାକୁ ମହାନଦୀ ଅବବାହିକା ଅଞ୍ଚଳବାସୀ ଅଭୂତପୂର୍ବ ସମର୍ଥନ ଦେଇଛନ୍ତି । କିନ୍ତୁ ଯେଉଁ ବିଜେପି ନେତାମାନେ ଏଇ ମାଟିରେ ଜନ୍ମ ହୋଇ ଓଡ଼ିଶାର ହୋଇପାରିଲେ ନାହିଁ, ସେମାନଙ୍କ ମୁଖା ଖୋଲିଯାଇଛି । ବିଜେପି ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାନଦୀ ଶୁଖିଯିବା ପରେ ଯେପରି ଆସନ୍ତାକାଲି ଏଠାକୁ ଆସି କାର୍ଯ୍ୟକ୍ରମ ରଖିଛନ୍ତି, ସେଥିରେ ମୁଁ ତାଙ୍କୁ ଅନୁରୋଧ କରୁଛି, ଏଠାରେ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ମନ୍‌କି ବାତ୍ ଶୁଣିକରି ଯାଆନ୍ତୁ । ଦଳର ଅନ୍ୟତମ ଉପ-ସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ସ୍ୱାଧୀନୋତ୍ତର ଦେଶରେ ପ୍ରଥମେ ନିର୍ମିତ ବନ୍ଧଗୁଡିକରୁ ହୀରାକୁଦ ଅନ୍ୟତମ । ଏହାର ନିର୍ମାଣ ସହ ଯେଉଁ ନିଷ୍ପତ୍ତି ନିଆଯାଇଥିଲା, ତା'ହେଉଛି ମହାନଦୀର ୬୦ ଭାଗ ଜଳ ଓଡ଼ିଶା ଓ ୪୦ ଭାଗ ଜଳ ତତ୍କାଳୀନ ମଧ୍ୟପ୍ରଦେଶ ରାଜ୍ୟ ବ୍ୟବହାର କରିବ । ପରେ ଛତିଶଗଡ଼ ଗଠନ ସହିତ ଏଠାରେ ବିଜେପି ସରକାର ଷଡ଼ଯନ୍ତ୍ର କରି ଓ କୌଣସି ନିୟମକୁ ଭ୍ରୁକ୍ଷେପ ନକରି ଉପରମୁଣ୍ଡରେ ବ୍ୟାରେଜ୍ କରିବାରୁ ଓଡ଼ିଶାରେ ମହାନଦୀ ଚିରସ୍ରୋତାରୁ କ୍ଷୀଣସ୍ରୋତା ହେଲା ଏବଂ ଅଣମୌସୁମୀ ବେଳେ ଜଳପ୍ରବାହ କମିଲା । ମହାନଦୀ ଅବବାହିକାରେ ଆମ ରାଜ୍ୟର କୃଷିଜୀବୀ ଓ ମତ୍ସ୍ୟଜୀବୀ ପ୍ରଭାବିତ ହେଲେ । ଆମର ହକ୍ ପାଇବାକୁ ହେଲେ ମହାନଦୀ ମହାସଂଗ୍ରାମକୁ ଆଗେଇ ନେବାକୁ ପଡିବ । ବରିଷ୍ଠ ନେତା ତଥା ବିଧାୟକ ଦାମୋଦର ରାଉତ କହିଥିଲେ, ୬୪ବର୍ଷ ତଳେ ମଧ୍ୟପ୍ରଦେଶ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ମହାନଦୀ ଉପରେ ଜବାହରଲାଲ ନେହରୁଙ୍କ ଶୁଭ ପ୍ରଦାନ ପରେ ହୀରାକୁଦ ବନ୍ଧ ନିର୍ମାଣ ହୋଇଥିଲା । ଉଦ୍ଦେଶ୍ୟ ଥିଲା, ବିଦ୍ୟୁତ ଉତ୍ପାଦନ, ବନ୍ୟା ନିୟନ୍ତ୍ରଣ ଓ ଜଳ ସେଚନ ହୋଇପାରିବ । କିନ୍ତୁ ବର୍ତ୍ତମାନ ଛତିଶଗଡ଼ ସରକାର ତଳ ମୁଣ୍ଡରେ ଥିବା ଜନସାଧାରଣଙ୍କ ସ୍ୱାର୍ଥକୁ ଅଣଦେଖା କରି ଓ ସମ୍ବିଧାନକୁ ବେଖାତିର କରି ଏକାଧିକ ବ୍ୟାରେଜ୍ ନିର୍ମାଣ କରିଚାଲିଲା । ଚଳିତବର୍ଷ ମହାନଦୀ ବ୍ୟାରେଜ୍‌ରେ ପାଣି ରହିଲା ନାହିଁ । ତାଳଦଣ୍ଡା କେନାଲ ଉପରେ ନିର୍ଭର କରେ ପାରାଦୀପ ସହର । ଏ ବର୍ଷ କେନାଲରେ ପାଣି ଆସିଲା ନାହିଁ, ଏଠାରେ ହାହାକାର ପଡିଗଲା । କେନ୍ଦ୍ର ସରକାରଙ୍କ ଦ୍ୱାରା ଏଠାରେ ଆଇଓସିଏଲ୍ ତୈଳ ବିଶୋଧନାଗାର ତିଆରି ହୋଇଛି । ୪ଦିନ ପରେ ଆମେ ଦେଖିଲୁ ଯେ ନଦୀରେ ଯେତେ ପ୍ରକାର ମାଛ ଥିଲେ ସବୁ ମରିକରି ଭାସିଲେ । ଉପର ମୁଣ୍ଡରେ ମହାନଦୀର ପାଣିକୁ କେମିକାଲ୍ କମ୍ପାନୀମାନେ ବ୍ୟବହାର କରି ମହାନଦୀକୁ ଛାଡ଼ିଲେ ନଦୀର ସବୁ ଜୀବ ମରିଯିବେ ଏବଂ ଲୋକେ ମୃତ୍ୟୁମୁଖରେ ପଡିବେ । ଏହାକୁ ଆଧାର କରି ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଜନଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଛନ୍ତି ବୋଲି ଡା. ରାଉତ କହିଥିଲେ । ପାରାଦୀପ ଠାରେ ଅନୁଷ୍ଠିତ ଏହି ମହାନଦୀ ମହାସଂଗ୍ରାମ ଦ୍ୱିତୀୟ ପର୍ଯ୍ୟାୟ ସୁରକ୍ଷା ଅଭିଯାନର ଉଦ୍‌ଯାପନୀ ସମାରୋହରେ ଦଳର ଉପ-ସଭାପତି ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ସଭା ପରିଚାଳନା କରିଥିବା ବେଳେ ବିଧାୟକ ତଥା ବରିଷ୍ଠ ନେତା ଦାମୋଦର ରାଉତ, ଦଳର ଉପ-ସଭାପତି ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ସ୍ନେହାଙ୍ଗିନୀ ଛୁରିଆ, ସାଧାରଣ ସଂପାଦକ ସଂଜୟ କୁମାର ଦାସବର୍ମା, ଅରୁଣ କୁମାର ସାହୁ, ପ୍ରଣବ ପ୍ରକାଶ ଦାସ, ବିଧାୟିକା ପ୍ରମିଳା ମଲ୍ଲିକ, ରାଜଶ୍ରୀ ମଲ୍ଲିକ, ରାସେଶ୍ୱରୀ ପାଣିଗ୍ରାହୀ, ପ୍ରଶାନ୍ତ ମୁଦୁଲି, ବେଦ ପ୍ରକାଶ ଅଗ୍ରୱାଲ୍, ସାଂସଦ କୁଳମଣି ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ ଏବଂ ଦଳର ସଂପାଦକ ବିଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପାତ୍ର, ବିଧାୟିକା ରୀତା ସାହୁ, ସମୀର ରଞ୍ଜନ ଦାଶ, ପୂର୍ବତନ ବିଧାୟକ ଅନୁପ ସାଏ, ଚଳଚ୍ଚିତ୍ର ନିଗମ ଅଧକ୍ଷ କୁନା ତ୍ରିପାଠୀ, ବିଜେଡି ରାଜ୍ୟ ସଂପାଦକ ସମ୍ବିତ ରାଉତରାୟ, ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରିୟଦର୍ଶିନୀ ବିଶ୍ୱାଳ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।



**ଭାଗବତ ପରିଡା, ବାଲେଶ୍ୱର**

ମହାନଦୀ ଓଡ଼ିଶାର ବଡନଦୀ, କେବଳ ମହାନଦୀ ହିଁ ଓଡ଼ିଶାର ଜୀବନରେଖା କହିବା ବାହୁଲ୍ୟ ହେବ। ତା'ସହିତ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ସାଳନ୍ଦୀ, ବୈତରଣୀ, ବିରୂପା, ବ୍ରାହ୍ମଣୀ, କାଠଯୋଡି, ଋଷିକୂଲ୍ୟା ଇତ୍ୟାଦି ନଦୀମାନେ ମଧ୍ୟ ଓଡ଼ିଶାର ଜୀବନରେଖାକୁ ପ୍ରଭାବିତ କରିଥାନ୍ତି। ଓଡ଼ିଶା ସରକାରଙ୍କ ମହାନଦୀ ବଞ୍ଚାଅ ଆନ୍ଦୋଳନ ଆରମ୍ଭ ହୋଇଥିଲା ବିଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ, ତା'ମାନେ ପୂର୍ବରୁ ସବୁ ଠିକ୍ଠାକ୍ ଥିଲା...? ଏବେ ଏହି ଆନ୍ଦୋଳନ ବ୍ୟାପକ କରିଛନ୍ତି ରାଜ୍ୟ ସରକାର। ମହାନଦୀର ଉପର ମୁଣ୍ଡରେ ଅନେକ ଗୁଡିଏ ବନ୍ଧ/ଆନିକଟ ନିର୍ମାଣ କରି ଛତିଶଗଡ଼ ନିଜ ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ଯଥେଷ୍ଟ ଯତ୍ନବାନ ଅଛି ବୋଲି କୁହାଯାଏ। କିନ୍ତୁ ଆମ ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କ'ଣ କ'ଣ ପଦକ୍ଷେପ ନେଇଛନ୍ତି? ଛତିଶଗଡ଼ ମାଟିବନ୍ଧ ତ ବାନ୍ଧି ନାହିଁ ଯେ ୬ମାସ ଅବା ବର୍ଷକରେ ସମ୍ପୂର୍ଣ୍ଣ କରି ଦେଇଛି...? ବିଗତ ୧୦/୧୨ ବର୍ଷ ତଳେ ବନ୍ଧ ବାନ୍ଧିବା କାମ ଆରମ୍ଭ କରିଛି ପଡୋଶୀ ଛତିଶଗଡ଼। ସେତେବେଳ କେନ୍ଦ୍ରରେ ୟୁପିଏ ସରକାର ଥିଲା, ରାଜ୍ୟ ସରକାର ନିଜର ଦାବି ଉତ୍ଥାପନ କରିଥିଲେ କି? ସୁପ୍ରିମ୍କୋର୍ଟର ଦ୍ୱାରସ୍ଥ ହୋଇଥିଲେ କି? ବିଧାନସଭାରେ ଖୋଦ ମୁଖ୍ୟମନ୍ତ୍ରୀ । ଜଳସମ୍ପଦ ମନ୍ତ୍ରୀ ବିବୃତି ପ୍ରଦାନ କରିଥିଲେ ଯେ, ଛତିଶଗଡ଼ ଶହେ ବନ୍ଧ ବାନ୍ଧୁ ଓଡ଼ିଶାର କିଛି ପ୍ରଭାବ ପଡିବ ନାହିଁ। ଏବେ କାହିଁକି ପ୍ରଭାବ ପଡିଛି? ରାଜ୍ୟ ସରକାର ନିଜର ଦୁର୍ଗୁଣକୁ ଖୋଜି ବାହାର କରନ୍ତୁ, ଆଉ ଓଡ଼ିଶାବାସୀଙ୍କୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ଗତ କିଛିଦିନ ଧରି ରାଜ୍ୟ ସରକାର / ବିଜେଡି 'ମହାନଦୀ ବଞ୍ଚାଅ' ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛନ୍ତି, ସତେ ଯେମିତି ଲାଗୁଛି ମହାନଦୀ ଅପେକ୍ଷା 'ବିଜେଡି ବଞ୍ଚାଅ' ଆନ୍ଦୋଳନ ଚାଲିଛି। ମହାନଦୀକୁ ଅଧିକ ରାଜନୈତିକ ମୁଦ୍ଦା କରିଛି ବିଜେଡି। ଜନ ସମସ୍ୟା ନିଶ୍ଚିତ ଭାବେ ରହିଛି, କିନ୍ତୁ ସରକାର ଏ କାଦୁଅ ଫିଙ୍ଗା ରାଜନୀତି ନ କରି ଓଡ଼ିଶାର ସମସ୍ତ ନଦୀ ମାନଙ୍କରେ ବ୍ୟାରେଜ ଅବା ସଂଯୋଗୀକରଣ କରି ଓଡ଼ିଶାକୁ 'ସଦା ସବୁଜ' ରାଜ୍ୟରେ ପରିଣତ କରିବା ପାଇଁ ଯତ୍ନବାନ ହୁଅନ୍ତୁ, ତାହାଦ୍ୱାରା ଓଡ଼ିଶା ଭାରତ ବର୍ଷରେ ଅଗ୍ରଣୀ ରାଜ୍ୟର ଭୂମିକା ନିର୍ବାହ କରିବ, ଏଥିରେ ସନ୍ଦେହ ନାହିଁ।



**ଅକ୍ଷୟ ଦାସ**
**ଆଇନଜୀବୀ**

ମହାନଦୀର ପ୍ରଥମେ ସୁରକ୍ଷା ହେବା ନିତ୍ୟାନ୍ତ ଆବଶ୍ୟକ। କିଛିମାତ୍ରାରେ ବିଭିନ୍ନ ରାଜନୈତିକ ଦଳ ଲୋକଦେଖାଣିଆ ଆନ୍ଦୋଳନ ଜରିଆରେ ନିଜର ଓ ନିଜ ରାଜନୈତିକ ଦଳର ଫାଇଦା ନିମନ୍ତେ ଏ ଆନ୍ଦୋଳନ ସଂଘଟିତ କରୁଛନ୍ତି। ମାତ୍ର ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ଓ ମହାନଦୀ ବ୍ୟାରେଜ ନିର୍ମାଣ ଦ୍ୱାରା କ୍ଷତିଗ୍ରସ୍ତ ବାସିନ୍ଦାମାନଙ୍କ ସୁରକ୍ଷା କଥାକୁ ଚିନ୍ତା କରି ସମସ୍ତ ବ୍ୟକ୍ତିବିଶେଷ ମଧ୍ୟ ଏ ଦିଗରେ ଯତ୍ନବାନ ହେବା ଜରୁରୀ ଅଟେ।



**ସଂଯୁକ୍ତା ପାଣିଗ୍ରାହୀ**
**ସମାଜସେବୀ, ଭୁବନେଶ୍ୱର**

ପ୍ରକୃତରେ ଏହା ଏକ ଜନସମସ୍ୟା କିନ୍ତୁ ତାକୁ ରାଜନୀତିକ ମୁଦ୍ଦା କରି ଦିଆଯାଇଛି। ମହାନଦୀକୁ ନେଇ ଛତିଶଗଡ଼ ହେଉ କି ଓଡ଼ିଶା କେହି କୃଷକ ତଥା ଅନ୍ୟମାନଙ୍କ ପାଇଁ କାନ୍ଦୁ ନାହାନ୍ତି। ଦୁଇଜଣଙ୍କ ଲକ୍ଷ୍ୟ ଗୋଟିଏ କମ୍ପାନୀ ଗୁଡିକୁ କିଭଳି ଜଳ ବିକିବେ। ଆଗକୁ ଓଡ଼ିଶା ବିକୁଥିଲା ଏବେ ବିକିପାରୁନି। ତଥ୍ୟ କହୁଛି ଭିତରେ ଏହି ଦୁଇ ରାଜ୍ୟର ସଲାସୁତୁରା ଚାଲିଛି। ଫଳରେ ଛତିଶଗଡ଼ ବାରାକ ତିଆରି କରୁଛି। ନହେଲେ ବାରାକ ତିଆରି ଆରମ୍ଭ ବେଳକୁ ଚୁପ୍ ରହିଥିବା ବିଜେଡି ବାରାକ ସରିଲା ବେଳକୁ ପାଟି କରୁଛି କାହିଁକି। ଏଥିରେ କାହାର କିଛି ଲାଭ ହେଉ କି ନହେଉ କିଛି ସମାଜସେବୀଙ୍କର କିନ୍ତୁ କଢେପୁଅ ବାର। ଯଦି ଓଡ଼ିଶା ପ୍ରକୃତରେ ମହାନଦୀ ଚାହୁଁଛି ତେବେ ଏତେ ହୋ ହଲ୍ଲା ନକରି ମହାନଦୀର ତଳେ ମାନେ ଓଡ଼ିଶାରେ କିଛି ବନ୍ଧ ବା ବାରାକ କରିଦେଉ। ବର୍ଷାଦିନେ ପାଣିକୁ ଆସିବାକୁ ନଦେଉ। ଛତିଶଗଡ଼ ପାନେ ପାଇବା ସହିତ ପାଣି ଭାଗବାଣ୍ଟ ପାଇଁ ବାଟ ପାଇବ ନାହିଁ। ଏହାଦ୍ୱାରା ଓଡ଼ିଶାର ଖରାଦିନେ ପାଣି ସମସ୍ୟା ମଧ୍ୟ ସମାଧାନ ହୋଇଯିବ, କିନ୍ତୁ କିଛି ନକରି ଖାଲି ରାଜନୀତି ମୁଦ୍ଦା କଲେ ଲୋକ ପ୍ରକ୍ୟତରେ ତଥ୍ୟ କ'ଣ ଜାଣିଛନ୍ତି।

**ଅନିଲ କୁମାର ମହାନ୍ତି, ବାଲେଶ୍ୱର**



ମହାନଦୀ ଓଡ଼ିଶାର ଜୀବନଧାରା। ୧୪ଟି ଜିଲ୍ଲାର ଅଧିବାସୀ ମହାନଦୀ ଉପରେ ନିର୍ଭର କରନ୍ତି। ମହାନଦୀ ଛତିଶଗଡ଼ରୁ ବାହାରିଛି, ଓଡ଼ିଶାପଟେ ପ୍ରବାହିତ ହୋଇ ସମୁଦ୍ରରେ ମିଶିଛି। ଉପରମୁଣ୍ଡରେ ବ୍ୟାରେଜ କରିବା ଫଳରେ ତଳମୁଣ୍ଡ (ଓଡ଼ିଶା) କ୍ଷତିଗ୍ରସ୍ତ ହେବ ଏଥିରେ କେହି ବି ଦ୍ୱିମତ ନୁହଁ। ୨୦୦୮ ମସିହା ସେପ୍ଟେମ୍ବର ମାସରେ ଓଡ଼ିଶା ସରକାରଙ୍କୁ ଚିଠି ଲେଖି ଛତିଶଗଡ଼ରେ ନିର୍ମାଣ ହେଉଥିବା ବ୍ୟାରେଜ ସମ୍ପର୍କରେ ଜଣାଇଥିଲେ ଛତିଶଗଡ଼ ସରକାର। କେବଳ ଏତିକି ନୁହେଁ ୨୦୦୮ ମସିହା ଜୁଲାଇ ୧୪ରେ ପ୍ରକଳ୍ପ ବାବଦରେ ଓଡ଼ିଶା ସରକାରଙ୍କୁ ଲେଖିଥିବା ଚିଠିକୁ ମଧ୍ୟ ଆଟାଚ୍ କରାଯାଇଥିଲା। ଯେଉଁଠି ସ୍ପଷ୍ଟ ହେଉଛି ଯେ, ପ୍ରକଳ୍ପ ବିଷୟରେ ଜାଣି ସୁଦ୍ଧା ଚୁପ୍ ବସିଥିଲେ ରାଜ୍ୟ ସରକାର। କିନ୍ତୁ ରାଜ୍ୟ ସରକାରଙ୍କ ମୁଖପାତ୍ର ପ୍ରତାପ ଦେବ ମିଡିଆରେ କହିଥିଲେ ଯେ, ଓଡ଼ିଶା ପ୍ରକଳ୍ପ ବିଷୟରେ ଅବଗତ ନଥିଲା। ପ୍ରଶ୍ନ ଉଠୁଛି, ୨୦୧୬ ସୁଦ୍ଧା ଓଡ଼ିଶା ସରକାର କେମିତି ଜାରିପାରିଲେ ନାହିଁ, ଜଳସେଚନ ମନ୍ତ୍ରୀ, ହୀରାକୁଦ ଚିଫ୍ ଇଞ୍ଜିନିୟର, ଗୁଇନ୍ଦା ବିଭାଗ କରୁଥିଲେ କ'ଣ? ୨୦୧୧ ମସିହା ଫେବୃଆରୀ ୫ ତାରିଖରେ ତତ୍କାଳୀନ ଜଳସମ୍ପଦ ସଚିବ, ସୁରେଶ ମହାପାତ୍ର ଏକ ଇଂରାଜୀ ଖବର କାଗଜକୁ ସାକ୍ଷାତକାରରେ କହିଲେ, ଯଦି ଛତିଶଗଡ଼ ୧୦୦ଟି ବ୍ୟାରେଜ କରେ ତା'ହେଲେ ଓଡ଼ିଶା ଉପରେ ପ୍ରଭାବ ପଡିବ ନାହିଁ। କାରଣ ଓଡ଼ିଶାମ ।ତ୍ର ୩୦ ଭାଗ ଜଳ ଜଳସେଚନ, ଶିଳ୍ପ ପାଇଁ ୧୦ ଭାଗ ବ୍ୟବହାର କରୁଛି। ବାକି ୬୦ ଭାଗ ଜଳ ସମୁଦ୍ରରେ ମିଶୁଛି। ଛତିଶଗଡ଼ ସରକାର ନିଜ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଏତେ ଗୁଡିଏ ପ୍ରୋଜେକ୍ଟ କରିବା ସମୟରେ ଆମ ସରକାର କାହିଁକି ଉକ୍ତ ୬୦ ଭାଗ ଜଳକୁ ଅଟକାଇବା ପାଇଁ କିଛି ପ୍ରୋଜେକ୍ଟ କରୁନାହାନ୍ତି। ପୋଲାଭରମ ସମୟରେ ତତ୍ପର ଥିବା ସରକାର ଏବେ କାହିଁକି ସୁପ୍ରିମ୍କୋର୍ଟରେ ନ୍ୟାୟିକ ଲଢ଼େଇ ଲଢୁନାହାନ୍ତି। ଏହାର କାରଣ ଓଡ଼ିଶା ସରକାରଙ୍କ ପାଖରେ କିଛି ବି ତଥ୍ୟ ନାହିଁ। ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଏମିତି ଆନ୍ଦୋଳନ କରି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି।



**ଇଂ.ସଚ୍ଚିଦାନନ୍ଦ ବାରିକ**

ମହାନଦୀ ବିବାଦ ବହୁତ ପୁରୁଣା। ଆଜିକୁ ବହୁତ ବର୍ଷ ହେଲା ଓଡ଼ିଶା ଏବଂ ଛତିଗଡ଼ ମଧ୍ୟରେ ବିବାଦର କାରଣ ହୋଇଛି। ଓଡ଼ିଶା ୧୯୩୬ ମସିହାରୁ ସ୍ୱତନ୍ତ୍ର ହେଲା ପରେ ମହାନଦୀ ପାଣିକୁ ବ୍ୟବହାର କରି ଆସିଛି। ମହାନଦୀକୁ ନେଇ ହୀରାକୁଦ ଡ୍ୟାମ ମଧ୍ୟ ତିଆରି ହୋଇଛି। ସେତେବେଳେ ଛତିଶଗଡ ରାଜ୍ୟ ଗଠନ ହୋଇ ନଥିଲା ତାହା ମଧ୍ୟପ୍ରଦେଶ ଥିଲା। ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମଧ୍ୟ ବହୁତ ଚେଷ୍ଟା କରିଥିଲେ ଏହାର ସୁସମାଧାନ ପାଇଁ। ୨୦୦୦ ମସିହାରେ ଛତିଶଗଡ ରାଜ୍ୟ ଗଠନ ହେଲା ପରେ ବିଶେଷ କରି ରମଣ ସିଂ ସରକାରରେ ମହାନଦୀକୁ ଏକ ରାଜନୈତିକ ଅଭିସନ୍ଧି ଭାବେ ବ୍ୟବହାର କରଯାଉଛି। ସବୁ ଜାଣିଶୁଣି ମଧ୍ୟ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ତଥା ନିଜର ରାଜନୈତିକ ଫାଇଦା ପାଇଁ ଦୋମୁହାଁ ନୀତି ଅନୁସରଣ କରୁଛନ୍ତି। ସରକାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏବେ ଭାରତ ବର୍ଷରେ ଅନେକ ଜଳ ବିବାଦର ସୂତ୍ରପାତ ହୋଇଛି ଏବଂ ଏହାର ସମାଧାନ ପାଇଁ ଅନେକ ଟ୍ରିବ୍ୟୁନାଲ ଗଠନ ହୋଇଛି ତଥାପି ସମାଧାନର ସୂତ୍ର ବାହାରିପାରିନାହିଁ। ଉଦାହରଣ ସ୍ୱରୂପ ଏବେ କାବେରୀ ଜଳ ବିବାଦ ଯାହା କର୍ଣ୍ଣାଟକ, କେରଳ, ତାମିଲନାଡୁ ଏବଂ ପଣ୍ଡିଚେରିରେ ବିବାଦର ସୂତ୍ରପାତ ହୋଇଛି ଏବଂ ଏଥିରେ ମୁଖ୍ୟତଃ କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ବଚସା ଜୋର ଧରିଛି ଯାହା ଏବେ ସୁପ୍ରିମ୍କୋର୍ଟରେ ପହଞ୍ଚିଛି। ଏହାର ସମାଧାନ ପାଇଁ ସୁପ୍ରିମ୍କୋର୍ଟଙ୍କ ତାଗିଦ ସତ୍ତ୍ୱେ କେନ୍ଦ୍ରରେ ଥିବା ବିଜେପି ସରକାର କର୍ଣ୍ଣାଟକରେ ନିର୍ବାଚନ ଥିବା ହେତୁ ଜାଣିଶୁଣି ବିଳମ୍ବ କରୁଛନ୍ତି। ଏବେ ଦେଖାଯାଉଛି କେନ୍ଦ୍ର ସରକାର କ୍ଷମତା ଲୋଭରେ ଭୋଟ ହାତେଇବା ପାଇଁ ସମସ୍ତ ସରକାରୀ କଳକୁ ଜନତାଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜର ଫାଇଦା ପାଇଁ ବ୍ୟବହାର କରୁଛନ୍ତି ଏବଂ କାବେରୀ ଜଳବିବାଦର ଆବଶ୍ୟକୀୟ ଦସ୍ତାବିଜ ଦାଖଲ କରିବାରେ ବିଳମ୍ବ କରିଛନ୍ତି। ଏବେ ଆସିବା ମହାନଦୀ ଜଳବିବାଦକୁ ରମଣ ସିଂ ସରକାର ଆସିଲା ପରେ ବିଜେପିକୁ ଆଡଭାଟାଇଜ କରିବାକୁ ଯାଇ ଓଡ଼ିଶା ସରକାରଙ୍କୁ ନ ଜଣାଇ ମହାନଦୀର ଉପର ମୁଣ୍ଡରେ ବ୍ୟବସାୟିକ ଫାଇଦା ପାଇଁ ଅନେକ ଗୁଡିଏ ବ୍ୟାରେଜ ନିର୍ମାଣ କରୁଛନ୍ତି ଯାହାଦ୍ୱାରା ଓଡ଼ିଶା ମହାନଦୀ ଜଳ ପାଇବାରେ କ୍ଷତିଗ୍ରସ୍ତ ହେବ ଆଉ ଜଳ ପ୍ରବାହ କମିଯିବ। ଏଥିପାଇଁ ଓଡ଼ିଶା ସରକାର ଛତିଶଗଡ଼ ସରକାରଙ୍କୁ ବାରମ୍ବାର କହିବା ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ନୀତିନ ଗଡକାରୀଙ୍କ ଦୃଷ୍ଟି ଆକର୍ଷଣ କରି ରିଭର ଡିସ୍ପୁଟ ଆକ୍ଟ-୧୯୫୬ ଅନୁଯାୟୀ ଏକ ଟ୍ରିବ୍ୟୁନାଲ ଗଠନ କରିବାକୁ ଅନୁରୋଧ କଲେ ଏବଂ ଏହାକୁ ମନ୍ତ୍ରୀ ଅଗ୍ରାହ୍ୟ କରି ଦୁଇ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା କରିବାକୁ କହି ଏଡାଇ ଚାଲିଛନ୍ତି ଏପରିକି ସୁପ୍ରିମ୍କୋର୍ଟଙ୍କ କହିବା ପରେ ବି ଦିନ ଗଡାଇ ଚାଲିଛନ୍ତି ଯାହା ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ଦର୍ଶାଉଛି। ଏହାର ସମାଧାନ କେବଳ ଲୋକେ ଚାହିଁଲେ କରିପାରିବେ କାରଣ ସମସ୍ତ ରାଜନୈତିକ ଦଳ ଏହାକୁ ଏକ ରାଜନୈତିକ ମୁଦ୍ଦା ଭାବେ ବ୍ୟବହାର କରୁଛନ୍ତି ଏବଂ ଚାଷୀମାନଙ୍କ ଲାଭକୁ ଆଖିବୁଜି ଦେଉଛନ୍ତି। ତେଣୁ ଏଥିପାଇଁ ଲୋକେ ରାଜନୀତି ଛାଡି ଆଗେଇ ଆସିଲେ ହିଁ ଏହାର ସମାଧାନ ସମ୍ଭବ। ଏଥିରେ କେନ୍ଦ୍ର ସରକାର ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ଲୋକଙ୍କ ହିତକୁ ଆଖିଆଗରେ ରଖି ନିୟମ ପ୍ରଣୟନ କରିବା ଉଚିତ ଏବଂ ଏହାକୁ ଦଳମତ ନିର୍ବିଶେଷରେ ସବୁ ରାଜ୍ୟ ମାନିବା ଉଚିତ।

# ସିବିଏସ୍ଇ ଦ୍ୱାଦଶ ବିଜ୍ଞାନରେ ରାହୁଲଙ୍କୁ ୮୮.୪%



**ରାୟଗଡ଼ା :** ସିବିଏସ୍ଇ ଦ୍ୱାରା ପରିଚାଳିତ ଦ୍ୱାଦଶ ବିଜ୍ଞାନରେ ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ବିଦ୍ୟାଳୟର ୨୦ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହା ହେଉଛି ଏହି ବିଦ୍ୟାଳୟର ପ୍ରଥମ ଦ୍ୱାଦଶ ବ୍ୟାଚ୍। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉତ୍ତମ ଶିକ୍ଷାଦାନ ଓ ଛାତ୍ରଛାତ୍ରୀଙ୍କ ଅଦମ୍ୟ ପରିଶ୍ରମ ଯୋଗୁ ଏଭଳି ସଫଳତା ମିଳିଥିବା ବିଦ୍ୟାଳୟର ଅଧ୍ୟକ୍ଷ କହିଛନ୍ତି। ଏମ୍. ନିରଜା (୯୩.୮, ପ୍ରଥମ), ରାହୁଲ ନିଶଙ୍କ (୮୮.୪, ଦ୍ୱିତୀୟ), ପି.ଯଶୋବନ୍ତ (୮୭.୬, ତୃତୀୟ), ଆଶୁତୋଷ ମହାପାତ୍ର (୭୮.୬, ଚତୁର୍ଥ) ଓ ପଞ୍ଚମ ସ୍ଥାନରେ ପି.ପବନ କୁମାର (୭୬.୪)। ଏହି ବିଦ୍ୟାଳୟର ତିନିଜଣ ଛାତ୍ରଛାତ୍ରୀ ମୋଟ ୫ଶହ ମାର୍କରୁ ୪ଶହରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି।

# ବିଜେପି କାର୍ଯ୍ୟାଳୟରେ ବୋମାମାଡ : ୨ ଅଟକ

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିନିକିଆ ଓଡ଼ିଶା ଗସ୍ତ ସରିଛି କି ନାହିଁ ଖାରବେଳନଗର ଅଞ୍ଚଳରେ ଥିବା ବିଜେପି ରାଜ୍ୟ କାର୍ଯ୍ୟାଳୟ ଉପରକୁ ବୋମାମାଡ଼ ହୋଇଛି। ଦୁଇ ଯୁବକ ୨ଟି ବୋମା ରାଜ୍ୟ କାର୍ଯ୍ୟାଳୟକୁ ଫୋପାଡ଼ିଛନ୍ତି। ବୋମା ପକାଇଥିବା ଦୁଇ ଯୁବକଙ୍କୁ ବିଜେପି କର୍ମୀମାନେ କାବୁ କରିନେଇଛନ୍ତି। ବୋମା ଫୋପାଡ଼ିଥିବା ଯୁବକ ଦ୍ୱୟ ବାରଙ୍ଗ ଅଞ୍ଚଳର ପିନାକୀ ମହାନ୍ତି ଓ ବିଶ୍ୱଜିତ୍ ମଲ୍ଲିକ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଛି। ଥାନା ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଆଜି ଉକ୍ତ ଦୁଇ ଅଭିଯୁକ୍ତ ଏକ ବାଇକ୍ରେ ଆସି ବିଜେପି ରାଜ୍ୟ କାର୍ଯ୍ୟାଳୟ ଆଗରେ ଠିଆ ହୋଇଥିଲେ। ହଠାତ୍ ସେମାନେ ସାଙ୍ଗରେ ଆଣିଥିବା ଦୁଇଟି ବୋମାକୁ କାର୍ଯ୍ୟାଳୟ ଭିତରକୁ ମାଡ଼ କରିଥିଲେ। ବୋମା ଶବ୍ଦରେ କାର୍ଯ୍ୟାଳୟ ଭିତରେ ଥିବା ନେତା ଓ କର୍ମୀ ଭୟଭୀତ ହୋଇଯାଇଥିଲେ। ବାହାରେ ଥିବା କିଛି କର୍ମୀ ଉଭୟଙ୍କୁ କାବୁ କରି ନେଇଥିଲେ। ଅଟକ ଥିବା ପିନାକୀ ପୂର୍ବରୁ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ ଧମକ ଦେଇଥିଲେ। ଆହୁରି ମଧ୍ୟ ଦଳୀୟ କାର୍ଯ୍ୟାଳୟ ଭିତରେ ବସନ୍ତଙ୍କ ମୁଣ୍ଡରେ ପ୍ଲାଷ୍ଟିକ ବନ୍ଧୁକ ଲଗାଇ ଦେଇଥିଲେ। ପିନାକୀ ଜଣେ ବିଜେପି କର୍ମୀ ବୋଲି ପୁଲିସ କହିଛି। ଦଳୀୟ କର୍ମୀ ହୋଇ ବାରମ୍ବାର ପିନାକୀ ଏପରି କାର୍ଯ୍ୟ କାହିଁକି କରୁଛନ୍ତି ତାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି। ପୁଲିସ୍ ଏ ସମ୍ପର୍କରେ ଦୁଇ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ତୈଳଦର ବୃଦ୍ଧି ପ୍ରତିବାଦ : ୨୮ରୁ ବିଜେଡିର ରାଜ୍ୟବ୍ୟାପୀ ବିକ୍ଷୋଭ




**ଭୁବନେଶ୍ୱର :** ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ଚଳିତମାସ ୨୮ତାରିଖରୁ ୩ଦିନ ଧରି ରାଜ୍ୟବ୍ୟାପୀ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ସମସ୍ତ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ଜନସଚେତନା ସୃଷ୍ଟି କରାଯିବ। ବିଜେଡି ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଓ ଅରୁଣ ସାହୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ତୈଳଦର ବୃଦ୍ଧିକୁ ନେଇ କେନ୍ଦ୍ର ସରକାର ସ୍ପଷ୍ଟ ମତ ନରଖି ବରଂ ଲୋକମାନଙ୍କୁ ବିଭ୍ରାନ୍ତ କରିଚାଲିଛନ୍ତି। ନିଜ ଅପାରଗତାକୁ ଲୁଚାଇବାକୁ ବିଭିନ୍ନ ବାହାନା ନେଉଛନ୍ତି। ଏଭଳି ଛଳନା ଓ ଲୋକମାନଙ୍କ ସ୍ୱାର୍ଥ ସହ ଖେଳକୁ ଆଉ ବିଜେଡ଼ି ବରଦାସ୍ତ କରିବ ନାହିଁ । କେନ୍ଦ୍ର ସରକାର ଯୁକ୍ତିସଙ୍ଗତ ତଥା ଖାଉଟି ସ୍ୱାର୍ଥ ଅନୁକୂଳ ତୈଳ ଦର ଲାଗୁ ନକରିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଚେତାବନୀ ଦେଇଛନ୍ତି। ତୈଳଦର ବୃଦ୍ଧିକୁ ନେଇ ଆସନ୍ତା ୨୮ ତାରିଖ ଦିନ ଭୁବନେଶ୍ୱରସ୍ଥ ରାଜଭବନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ। ସେହିପରି ୨୮ରୁ ୩୦ ତାରିଖ ୩ଦିନ ବ୍ୟାପୀ ରାଜ୍ୟର ସମସ୍ତ ବ୍ଲକରେ ପ୍ରତିବାଦ ସଭା କରାଯିବା ସହ ଜନସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନିଆଯିବ ଏବଂ ସ୍ଥାନୀୟ ପ୍ରଶାସନ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଶ୍ରୀ ଦାସବର୍ମା ଏବଂ ଶ୍ରୀ ସାହୁ କହିଛନ୍ତି। ୨୦୧୫ ଜୁଲାଇ ୩୧ରେ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୪୯.୬୪ଡ଼ଲାର ଥିବା ବେଳେ ଦେଶରେ ପେଟ୍ରୋଲ ଓ ଡ଼ିଜେଲ ଲିଟର ପିଛା ଯଥାକ୍ରମେ ୬୪.୪୭ ଟଙ୍କା ଓ ୪୬.୧୨ଟଙ୍କା ଥିଲା। ସେହିପରି ୨୦୧୬ ଜାନୁୟାରୀ ୧୯ରେ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୨୮.୮୪ ଡଲାରକୁ ଖସିଯାଇଥିଲା, କିନ୍ତୁ ଏହି ଦର ହ୍ରାସର ସୁଫଳରୁ କେନ୍ଦ୍ର ସରକାର ସାଧାରଣ ଜନତାଙ୍କୁ ବଞ୍ଚିତ କରିଥିଲେ । ଆନୁପାତିକ ଭାବେ ପେଟ୍ରୋଲ ଓ ଡ଼ିଜେଲ ଦର ହ୍ରାସ ପାଇଲା ନାହିଁ। ୨୦୧୬ ଜାନୁୟାରୀ ୧୯ରେ ଲିଟର ପିଛା ପେଟ୍ରୋଲ ଓ ଡିଜେଲ ଦର ୫୯.୯୯ ଟଙ୍କା ଓ ୪୪.୭୧ ଟଙ୍କା ରହିଥିଲା । ଆଜି ପେଟ୍ରୋଲ ଦର ୭୫.୯୮ ଟଙ୍କା ଓ ଡ଼ିଜେଲ ଦର ଲିଟର ପିଛା ୭୩.୨୬ ଟଙ୍କାରେ ପହଞ୍ଚିଛି। ଯେତେବେଳେ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇଛି, ସେତେବେଳେ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କକୁ କମାଇବା ପରିବର୍ତ୍ତେ ୯ ଥର ବୃଦ୍ଧି କରିଛନ୍ତି।

# ଖୋରଧା ସହରରେ ଥିବା ଏଟିଏମ୍ରେ ଟଙ୍କା ଅଭାବ




**ଖୋରଧା :** ଏଟିଏମ୍ ଗୁଡ଼ିକରେ ଟଙ୍କାର ଅଭାବ ଜନିତ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ଧାରଣ କରିବାରେ ଲାଗିଛି। ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହରରେ ପରିସ୍ଥିତି ସାଙ୍ଘାତିକ ହେଲାଣି।ଅଧିକାଂଶ ଏଟିଏମ୍ ରେ ଟଙ୍କା ନାହିଁ। ଆଉ କେତେକ ଏଟିଏମ୍ ସଟର ମଧ୍ୟ ପଡ଼ିଗଲାଣି। ଫଳରେ ଲୋକେ ଆବଶ୍ୟକତା ସମୟରେ ଟଙ୍କା ଉଠାଇବା ପାଇଁ ଗୋଟିଏ ଏଟିଏମ୍ରୁ ଆଉ ଗୋଟିଏ ଏଟିଏମ୍କୁ ଧାଉଁଛନ୍ତି। ଗ୍ରାମାଞ୍ଚଳରୁ ସହରକୁ ଜରୁରୀ କାମରେ ଆସୁଥିବା ଲୋକମାନେ ଏହା ଦ୍ୱାରା ବେଶ ପ୍ରଭାବିତ ହେଉଛନ୍ତି। ଏଟିଏମ୍ ଗୁଡ଼ିକରେ ଆବଶ୍ୟକୀୟ ପରିମାଣର ଅର୍ଥ ବ୍ୟାଙ୍କ ଗୁଡ଼ିକ ପକ୍ଷରୁ ରଖାଯାଉ ନାହିଁ। ୨ ହଜାର ଟଙ୍କିଆ ନୋଟର ଅଭାବ ଯୋଗୁଁ ଏଟିଏମ୍ ଗୁଡ଼ିକରେ କେବଳ ୫ଶହ ୨ଶହ ଏବଂ ୧ଶହ ଟଙ୍କିଆ ନୋଟ୍ ରଖାଯାଉଛି। ଏଥିଯୋଗୁଁ ଟଙ୍କା ଶୀଘ୍ର ସରିଯାଉଛି। ବ୍ୟାଙ୍କ ଗୁଡ଼ିକ ମଧ୍ୟ ଏଟିଏମ୍ ଗୁଡ଼ିକର ଠିକ୍ ପରିଚାଳନା କରୁ ନାହାଁନ୍ତି। ଏଟିଏମ୍ରେ ଟଙ୍କା ଶେଷ ହେବା ପୂର୍ବରୁ ବ୍ୟାଙ୍କ ଅଧିକାରୀଙ୍କ ନିକଟରେ ବାର୍ତ୍ତା ପହଞ୍ଚିବାର ବ୍ୟବସ୍ଥା ରହିଛି। କିନ୍ତୁ ଏହି ବାର୍ତ୍ତା ପାଇବା ପରେ ମଧ୍ୟ ସେମାନେ ଟଙ୍କା ଭର୍ତ୍ତି କରିବା ପାଇଁ ତତ୍ପରତା ପ୍ରକାଶ କରୁନାହାଁନ୍ତି। ଏଥିପାଇଁ ଉଭୟ ବ୍ୟାଙ୍କ ପରିସରରେ ଏବଂ ବାହାରେ ଥିବା ଏଟିଏମ୍ରେ ଟଙ୍କା ମିଳୁ ନାହିଁ। ଅଧିକାଂଶ ବ୍ୟାଙ୍କ ଏଟିଏମ୍ ଗୁଡ଼ିକର ପରିଚାଳନାର ଦାୟିତ୍ୱ ପ୍ରାୟତଃ ଘରୋଇ କମ୍ପାନୀ ଗୁଡ଼ିକ ହାତରେ ଟେକି ଦେଇଛନ୍ତି। ଫଳରେ ସେମାନେ ଠିକ୍ ସମୟ ମଧ୍ୟରେ ଏଟିଏମ୍ ଗୁଡ଼ିକରେ ଟଙ୍କା ଭର୍ତ୍ତି ନ କଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରୁ ନାହାଁନ୍ତି। ଟଙ୍କା ଅଭାବ ପାଇଁ କେନ୍ଦ୍ର ସରକାରଙ୍କର ନୀତିକୁ ମଧ୍ୟ କେତେକ ଦାୟି କରିଛନ୍ତି। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ସୂଚନା ଅନୁଯାୟୀ ରାଜ୍ୟରେ ପାଖା ପାଖି ୬ହଜାର ଏଟିଏମ୍ ରହିଛି ସେଥିମଧ୍ୟରୁ ପ୍ରାୟ ଅଧିକ ଏଟିଏମ୍ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିନରେ ରହିଛି। ଭାରତୀୟ ରିଜର୍ଭବ୍ୟାଙ୍କ ପକ୍ଷରୁ ଆବଶ୍ୟକ ପରିମାଣର ଟଙ୍କା ବ୍ୟାଙ୍କକୁ ମିଳୁ ନାହିଁ। କେନ୍ଦ୍ର ସରକାର କ୍ୟାସ ଲେସ୍ ଯୋଜନାକୁ ଗୁରୁତ୍ୱ ଦେଉଥିବାରୁ ଏପରି ସମସ୍ୟା ଉପୁଜିଥିବା କୁହାଯାଉଛି। ଏଥିପ୍ରତି ଦୃଷ୍ଟି ଦିଆନଗଲେ ଏହା ଏକ ଉତ୍କଟ ରୂପ ଧାରଣ କରିବ। ରାଜ୍ୟ ଏବଂ କେନ୍ଦ୍ର ସରକାର ଏହି ସମସ୍ୟା ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣ ଦୃଢ ଦାବି ହେଉଛି।

# ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି

**ଖୋରଧା :** ରାଜ୍ୟ ସରକାରଙ୍କର ସର୍ବ ଶିକ୍ଷା ଅଭିଯାନ ପ୍ରକଳ୍ପ ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁର ସ୍ଲୋଗାନ ଟି ବର୍ତ୍ତମାନ ପ୍ରହସନର ବିଷୟବସ୍ତୁ ପାଲଟିଛି। ଏବେବି ରାସ୍ତା କଡ଼ରେ ଥିବା ହୋଟେଲ, ଢାବା, କ୍ରସର, ରାସ୍ତା ନିର୍ମାଣ ଆଦି ସ୍ଥାନ ଗୁଡ଼ିକରେ ଅଳ୍ପ ଦରମା ସହିତ ଖାଇବାକୁ ଗଣ୍ଡିଏ ଦେଇ ୫ରୁ ୧୫ ବର୍ଷର ବାଳକ ବାଳିକାମାନଙ୍କୁ ଶ୍ରମିକ ଭାବରେ ନିୟୋଜିତ କରାଯାଉଛି। ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଏହାକୁ ଜାଣି ମଧ୍ୟ ନ ଜାଣିଲା ପରି ରହୁଛନ୍ତି। ଉତ୍ତମ ଶିକ୍ଷା ସ୍ୱାସ୍ଥ୍ୟ ଠାରୁ ବହୁ ଦୂରରେ ଥିବା ଏହି ଶିଶୁ ମାନେ ବଡ଼ ହେବା ପରେ ଉପଯୁକ୍ତ ଶିକ୍ଷା ଅଭାବରୁ ଚୋରି, ରାହାଜାନି, ଧର୍ଷଣ, ଡ଼କାୟତି ଆଦି କାର୍ଯ୍ୟ କଳାପରେ ଲିପ୍ତ ରହି ସମାଜକୁ କଳୁଶିତ ପହଞ୍ଚାଇଥାନ୍ତି। ଏଥିପ୍ରତି ଜିଲ୍ଲାପ୍ରଶାସନ ତଥା ଶ୍ରମ ବିଭାଗ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମୋଦିଙ୍କ ଭାଷଣ ନୈରାଶ୍ୟଜନକ : କଂଗ୍ରେସ, ବିଜେଡି

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟକ ବାଲିଯାତ୍ରା ପଡ଼ିଆରେ ଦେଇଥିବା ଭାଷଣ ନୈରାଶ୍ୟଜନକ ବୋଲି ଉଭୟ କଂଗ୍ରେସ ଏବଂ ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି। ଜଣେ ସ୍ୱାଭିମାନୀ ଓଡ଼ିଆ ଭାବରେ ମୁଁ ଏହି ଭାଷଣକୁ ଗ୍ରହଣ କରିପାରୁ ନାହିଁ ବୋଲି ବିଜେଡି ସାଂସଦ ପ୍ରତାପ ଦେବ କହିଛନ୍ତି। ମୋଦି ଦୀର୍ଘ ୧ ଘଣ୍ଟା ୧୫ ମିନିଟ୍ ଭାଷଣ ଦେଇଥିବା ବେଳେ ଓଡ଼ିଶା ବିଷୟରେ ମାତ୍ର ୪ ମିନିଟ୍ କହିଥିଲେ ବୋଲି ସେ କହିଛନ୍ତି। ମୋଦି ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ହାସ୍ୟାସ୍ପଦ କଥା। ବିଜେପି ଶାସିତ ରାଜ୍ୟଗୁଡ଼ିକ ଅପେକ୍ଷା ଓଡ଼ିଶାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ମିଳୁଛି। ଶିଶୁ ଓ ମାତୃ ମୃତ୍ୟୁହାର କମ୍ କରାଯାଇପାରିଛି। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶା ଆଗରେ ରହିଛି। ସେହିପରି ମହାନଦୀ ନେଇ ମଧ୍ୟ ପ୍ରଧାନମନ୍ତ୍ରୀ ଭୁଲ ତଥ୍ୟ ଦେଇଛନ୍ତି। ଗୋଟିଏ ପଟେ ଛତିଶଗଡ଼ ସରକାରଙ୍କୁ ସହାୟତା କରୁଥିବା ବେଳେ ଓଡ଼ିଶା ଲୋକଙ୍କୁ ନିରାଶ କରିଛନ୍ତି। ଛତିଶଗଡ଼ ସରକାରଙ୍କ ମନମୁଖି କାରବାର କାରଣରୁ ମହାନଦୀ ଶୁଖିଯିବାକୁ ବସିଲାଣି। ଏଭଳି ପରିସ୍ଥିତିରେ ମୋଦି ରାଷ୍ଟ୍ରନାୟକ ବଦଳରେ ବିଜେପିର ପ୍ରଧାନମନ୍ତ୍ରୀ ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ସେହିପିର ଚତୁର୍ଥ ବର୍ଷପୂର୍ତ୍ତି ଅବସରରେ କିଛି ଗଠନମୂଳକ କଥା କହିବା ବା କିଛି ନୂଆ ଘୋଷଣା କରିବା ପରିବର୍ତ୍ତେ ସେ ପୁଣିଥରେ ଏକ ଖୋଖଲା ଭାଷଣ ଦେଇଛନ୍ତି ବୋଲି ପ୍ରତାପ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ମୋଦିଙ୍କ ଭାଷଣକୁ ନାପସନ୍ଦ କରିଛନ୍ତି। ମୋଦି ତାଙ୍କ ବକ୍ତବ୍ୟରେ ଚାଷୀ ଓ ତୈଳବୃଦ୍ଧି ପ୍ରସଙ୍ଗରେ କିଛି କହିନାହାନ୍ତି। କଂଗ୍ରେସ ଅମଳ ସମୟରେ ରାଜ୍ୟରେ ବହୁ ପ୍ରକଳ୍ପ କରାଯାଇଥିବା ବେଳେ ବିଜେପି କେବଳ କଥା କହି ଲୋକମାନଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛି ବୋଲି ନିରଞ୍ଜନ କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ନିର୍ବାଚନୀ ଇସ୍ତାହାରରେ ଧାନର ସହାୟକ ମୂଲ୍ୟ ଉତ୍ପାଦନ ଖର୍ଚ୍ଚଠାରୁ ଦେଢ଼ଗୁଣା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କ୍ଷମତାକୁ ଆସିବା ପରେ ତାହା ଭୁଲିଗଲେ। ସେହିପରି ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ନେଇ ମଧ୍ୟ ବିଜେପି ସରକାର କିଛି କରିନାହିଁ, ବରଂ ପକୁଡ଼ି ବିକ୍ରି କରିବା ଏକ ରୋଜଗାରର ପନ୍ଥା ବୋଲି ଦେଶବାସୀଙ୍କୁ ତାଚ୍ଛଲ୍ୟ କରୁଛନ୍ତି। ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବା ନେଇ କଂଗ୍ରେସ ଦଳ ଦାବି କରିଥିଲା। ମୋଦି ସେତକ କଲେନାହିଁ। କେବଳ ଜୁମ୍ଲାରେ ଏହି ସରକାର ଚାଲିଛି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଦଳ ଦେଶବାସୀଙ୍କ ସହିତ ବିଶ୍ୱାସଘାତ କରିଛନ୍ତି ବୋଲି ସେ କହିଛନ୍ତି। ତେବେ ମୋଦିଙ୍କ ଗସ୍ତ ରାଜ୍ୟ ରାଜନୀତିରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଉଭୟ କଂଗ୍ରେସ ଓ ବିଜେଡି ପକ୍ଷରୁ କୁହାଯାଇଛି।

# ମହାନଦୀ : ରାଜନୈତିକ ମୁଦ୍ଦା ନା ଜନ ସମସ୍ୟା



ମହାନଦୀ ଓଡ଼ିଶାର ଜୀବନ ରେଖା। ହେଲେ ଗତ କିଛିବର୍ଷ ହେଲା ମହାନଦୀରେ ପୂର୍ବ ଭଳି ଜଳ ପ୍ରବାହିତ ହେଉନାହିଁ। ଯେଉଁଥିପାଇଁ ମହାନଦୀ ଉପରେ ନିର୍ଭର କରୁଥିବା ରାଜ୍ୟର ୧୪ରୁ ଊର୍ଦ୍ଧ୍ୱ ଜିଲ୍ଲାବାସୀ ଜଳ ସଙ୍କଟରେ ପଡିଛନ୍ତି। କୃଷି କାର୍ଯ୍ୟ ହେଉ କି ପାନୀୟ ଜଳ, ଯେଉଁମାନେ ମହାନଦୀକୁ ଭରସା କରି ଜୀବନ ଜୀବିକା ନିର୍ବାହ କରନ୍ତି ସେମାନେ ଏବେ ଚିନ୍ତାଗ୍ରସ୍ତ। ଏକମାତ୍ର ହୀରାକୁଦ ଜଳ ଭଣ୍ଡାର ମଧ୍ୟ କମ ଜଳ ପ୍ରବାହକୁ ନେଇ ପ୍ରଭାବିତ। ଜଳ ବିଦ୍ୟୁତ୍ ଉତ୍ପାଦନଠୁ ଜଳ ସେଚନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମହାନଦୀର ଜଳ ସଙ୍କଟ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି। ରାଜ୍ୟର ଅଭିଯୋଗ ଅନୁସାରେ ମହାନଦୀ ଉପର ମୁଣ୍ଡରେ ଛତିଶଗଡ଼ ରାଜ୍ୟ ସରକାର ଅବିଚାରିତ ଭାବେ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇବା ସହ ନିଜ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରୁଛନ୍ତି। ଛତିଶଗଡ଼ ସମୃଦ୍ଧ ବା ବିକଶିତ ହେଲେ ଆମର କିଛି ଅଭିଯୋଗ ନାହିଁ, ମାତ୍ର ଆମ ରାଜ୍ୟରେ ପ୍ରବାହିତ ମହାନଦୀ ଶୁଖିଲା ପଡିଲେ ଏହା ଆମ ପାଇଁ ଆଗକୁ ବଡ ସମସ୍ୟା ସୃଷ୍ଟି କରିବ। ତେଣୁ ମହାନଦୀ ଜଳ ସମସ୍ୟା କେବଳ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ, ଏହା ସମଗ୍ର ଓଡ଼ିଶାବାସୀଙ୍କ ସମସ୍ୟା। ତେବେ ମହାନଦୀ ସୁରକ୍ଷାକୁ ନେଇ ଶାସକ ବିଜୁ ଜନତା ଦଳ ୨୦୧୭ ମସିହାରୁ ଆନ୍ଦୋଳନକୁ ଓହ୍ଲାଇଛି। ଆଇନଗତ ଲଢ଼େଇ ସହ ଜନ ଆନ୍ଦୋଳନ ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ଲଢ଼େଇ କରୁଛି। ପୁଣି ଥରେ ସୁଖାସୋଡା ଓ ଚିଖିଲିରୁ ଦ୍ୱିତୀୟ ପର୍ଯ୍ୟାୟ ମହାନଦୀ ବଞ୍ଚାଅ ଅଭିଯାନ ଆରମ୍ଭ ହୋଇ ଉଦ୍‌ଯାପିତ ହୋଇଯାଇଛି। ମହାନଦୀ ଶୁଖିଲା ପଡିବା ପାଇଁ ବିଜେଡି ଛତିଶଗଡର ବିଜେପି ସରକାର ଓ କେନ୍ଦ୍ର ସରକାରଙ୍କ ଉପରେ ସମସ୍ତ ଦୋଷ ଲଦୁଛି। ଛତିଶଗଡ଼ ସରକାରଙ୍କ ବେଆଇନ କାର୍ଯ୍ୟକୁ ବିରୋଧ ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜେଡି ଏହି ଅଭିଯାନ କରୁଥିବା ଦଳ ପକ୍ଷରୁ କୁହାଯାଇଛି। ହେଲେ ମହାନଦୀ ପ୍ରସଙ୍ଗରେ ବିଜେପିକୁ ଶାଣିତ ସମାଲୋଚନା କରୁଥିବା ମୁଖ୍ୟମନ୍ତ୍ରୀଙ୍କୁ ପାଲଟା ଜବାବ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ଟ୍ୱିଟ୍ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମହାନଦୀ ଜଳ ସମସ୍ୟାର ସମାଧାନ କରିବାକୁ ଚାହୁଁଛନ୍ତି ନା' ରାଜ୍ୟର ସାଧାରଣ ଜନତାଙ୍କ ମନରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରି କ୍ଷୁଦ୍ର ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଚେଷ୍ଟା କରୁଛନ୍ତି ତା'ର ଉତ୍ତର ସେ ନିଜେ ହିଁ ଦେଇପାରିବେ। ରାଜ୍ୟ କଂଗ୍ରେସ ନେତୃବର୍ଗ କିନ୍ତୁ ଉଭୟ ବିଜେଡି ଓ ବିଜେପିକୁ ଏଥିପାଇଁ ଦାୟୀ କରିଛନ୍ତି। ଏଭଳି ସ୍ଥିତିରେ ମହାନଦୀ ସୁରକ୍ଷାକୁ ନେଇ ଓଡ଼ିଶାର ଜନସାଧାରଣ କ'ଣ ବିଚାର କରୁଛନ୍ତି ତାହା ଜାଣିବା ପାଇଁ 'ଏକମାତ୍ର' ପକ୍ଷରୁ ଏକ 'ଜନମତ' ସଂଗ୍ରହ କରାଯାଇଥିଲା। ତାହା ଏଠାରେ ଉପସ୍ଥାପିତ କରିଛୁ।

**ପଞ୍ଚାନନ କାନୁନ୍‌ଗୋ**
**ପୂର୍ବତନ ଅର୍ଥମନ୍ତ୍ରୀ, ଓଡ଼ିଶା**



ବାସ୍ତବ ମହାନଦୀ ଓଡ଼ିଶା ସଂସ୍କୃତି ଓ ସମୃଦ୍ଧିର ସବୁଠାରୁ ବଡ ଉପାଦାନ। ଯାହାକୁ ଭିତ୍ତିକରି ଓଡ଼ିଶା ଅତି ପ୍ରାଚୀନ କାଳରୁ କୃଷି ଓ ବାଣିଜ୍ୟ ଉଭୟରେ ସାରା ଭାରତ ଭୂଖଣ୍ଡରେ ଖ୍ୟାତ ଥିଲା। ଓଡ଼ିଶା ପୁନର୍ଗଠନ ସମୟରେ ଓଡ଼ିଶାର ଏକ ପ୍ରାକୃତିକ ଅଂଶ ଯାହାକି ମହାନଦୀ ଅବବାହିକାରେ ତାକୁ ଅଲଗା କରି ମଧ୍ୟପ୍ରଦେଶର ଏକ ଅଂଶ କରି ଦିଆଗଲା। ଫଳତଃ ପ୍ରକୃତିସୃଷ୍ଟ ମହାନଦୀ ବିଭାଜିତ ହେଲା। କିନ୍ତୁ ସ୍ୱାଧୀନତା ପରେ ଓଡ଼ିଶାରେ ସେ ସମୟର ବିଚକ୍ଷଣ ରାଜନେତା ଡ଼ଃ. ହରେକୃଷ୍ଣ ମହତାବ ମହାନଦୀର ଆବଶ୍ୟକତାକୁ ଅନୁଭବ କରି ତୁରନ୍ତ ଏକ ବହୁମୁଖୀ ପ୍ରକଳ୍ପ ମହାନଦୀର ଉପର ମୁଣ୍ଡ ହୀରାକୁଦରେ ଗଠନ କଲେ। ସେ ସମୟର ରାଜନେତାମାନେ ଜାତୀୟତା ଓ ରାଷ୍ଟ୍ରୀୟ ମାନ୍ୟତା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଯେଉଁଥିପାଇଁ ମଧ୍ୟପ୍ରଦେଶ ସରକାର ଏବଂ ସେଠାକାର ନେତା ମହାନଦୀର ଜଳକୁ ନେଇ କୌଣସି ହୀନ ଉଦ୍ୟମ କରିନଥିଲେ। ଦୁର୍ଭାଗ୍ୟବଶତଃ ବର୍ତ୍ତମାନର ରାଜନେତାମାନେ ଅଧିକ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଦୃଷ୍ଟି ଦେଉଥିବାରୁ କେବଳ ମହାନଦୀ ନୁହେଁ ସମସ୍ତ ଅନ୍ତଃରାଜ୍ୟ ନଦୀମାନେ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏଥିପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଦଳ ଓ ସରକାରକୁ ଦାୟୀ କଲା ବେଳେ ମୋର ମନେହୁଏ ନିଜ ନିଆଁକୁ ଘରର ନିଆଁ ଭାବି ଅଣ୍ଟି ଭିତରେ ରଖିଲେ କେବଳ ଅଣ୍ଟି ପୋଡିଯାଏ ନାହିଁ ବରଂ ସମଗ୍ର ଶରୀର କ୍ଷତବିକ୍ଷତ ହୁଏ। ଯେତେବେଳେ ମହାନଦୀର ଜଳ ରାଜ୍ୟ ସରକାର ୪୯ଟି କାରଖାନାକୁ ଟେକିଦେଲେ ଏବଂ ଚୁକ୍ତିପତ୍ର ସ୍ୱାକ୍ଷରିତ କଲେ ସେତେବେଳେ ଜଣାପଡୁଥିଲା ଯେ, ମହାନଦୀ ପାଣିକୁ ନେଇ ବ୍ୟବସାୟୀଙ୍କ ହାତରେ ଟେକିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତା'ର ପ୍ରତିବାଦ ମଧ୍ୟ କରାଯାଇଥିଲା। ରାଜ୍ୟ ସରକାର ଦୃଷ୍ଟି ନ ଦେବାରୁ ଏହାର ସୁଯୋଗ ନେଇ ଛତିଶଗଡ଼ ସରକାର ଗୁଡିଏ ଛୋଟବଡ ଜଳଭଣ୍ଡାର ତିଆରି କଲେ ଏବଂ କମ୍ପାନୀମାନଙ୍କ ହାତକୁ ଟେକିଦେଲେ। ଏବେ ମହାନଦୀ ପୂର୍ଣ୍ଣ ଭାବେ ଅଣମୌସୁମୀ ସମୟରେ ଶୁଖିଲା ପଡିବା ସମସ୍ତେ ଦେଖୁଛନ୍ତି। ଲୋକଙ୍କୁ ଚେତେଇବା ଉଦ୍ଦେଶ୍ୟ ନେଇ କର୍ମୀସଭା କରାଯାଇପାରେ। କିନ୍ତୁ ମହାନଦୀକୁ ବଞ୍ଚାଇବା ପାଇଁ କୌଣସି ଉଦ୍ୟମ ହେବା ଆମେ ଦେଖିପାରିଲୁ ନାହିଁ। ଗୋଟିଏ ବି ଆନିକଟ ବା ଜଳଭଣ୍ଡାର ହୋଇପାରିଲା ନାହିଁ। ଏସବୁ ଲକ୍ଷ୍ୟ କଲେ ରାଜନେତାଙ୍କୁ ଏବଂ ରାଜ୍ୟ ସରକାରଙ୍କୁ ନିବେଦନ କରିବା ଉଚିତ ମନେ କରୁଛି। ମହାନଦୀକୁ ବାସ୍ତବ ଭଲ ପାଉଥିଲେ ପ୍ରଥମେ ମହାନଦୀ ଓ ଏହାର ଶାଖାନଦୀ ଗୁଡିକରେ ପ୍ରବାହିତ ପାଣିକୁ ଗଙ୍ଗା ଓ ଯମୁନା ଭଳି ବିଶୋଧନ କରାଯିବା ସହିତ ପୋତି ହୋଇଥିବା ସ୍ଥାନ ଗୁଡିକର ଖନନ କରାଯାଉ। ଏଥିସହିତ ଭାରତ ସରକାରଙ୍କୁ ମଧ୍ୟ ଅନୁରୋଧ, ରାଜନୈତିକ ଉଦ୍ଦେଶ୍ୟ ନରଖି ମାନବିକତା ଦୃଷ୍ଟିକୋଣରୁ ଛତିଶଗଡ ସରକାରଙ୍କୁ ବୁଝାନ୍ତୁ ଯେ, ଟ୍ରିବ୍ୟୁନାଲ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସେ କୌଣସି ଆନିକଟକୁ ବା ବ୍ୟାରେଜ ମୁହଁକୁ ବନ୍ଦ ନକରନ୍ତୁ।

**Bijay Kumar Singh**
**Advocate**



It is only Election manifesto by Bjd govt. As because this Govt keeping in view the coming Election has taken this stand point to win the election.A question May arise here, since 18 years where this govt.was slept? Why they had not taken any precaution to store the water of mahanadi n other Rivers? Admitted fact that Mahanadi issue is public issue of Odissa but at this belated stage when the state election is knocking at the door the protest of BJD Govt.is nothing but crocodile cry.

**ଇଂ. ମାନସ ରଞ୍ଜନ ମହାନ୍ତି**
**ବିଜେପି ନେତା, ପାଟକୁରା**



ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାର ଲୋକଙ୍କୁ ଭୂଆଁ ବୁଲାଉଛନ୍ତି। ଓଡ଼ିଶାରେ ପ୍ରବାହିତ ମହାନଦୀର କେତେ ପ୍ରତିଶତ ଜଳ ସମୁଦ୍ରରେ ମିଶୁଛି ତାହା ସେ ଜନସାଧାରଣଙ୍କୁ ଜଣାଇବା ପରିବର୍ତ୍ତେ ଛତିଶଗଡ଼ର କାର୍ଯ୍ୟକୁ ବିରୋଧ କରୁଛନ୍ତି। ଅଣମୌସୁମୀ ସମୟରେ ଓଡ଼ିଶାର ସବୁ ନଦୀରେ ଜଳ ପ୍ରବାହ କମ ରହୁଥିବା ବେଳେ ଜଳ ସଙ୍କଟକୁ ଦୂର କରିବା ଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଯେହେତୁ ଛତିଶଗଡ଼ ବିଜେପି ଶାସିତ ରାଜ୍ୟ, ତେଣୁ ଏଠାରେ ମହାନଦୀ ବାହାନାରେ ମହାନାଟକ ଚାଲିଛି। ଏହାଦ୍ୱାରା ମହାନଦୀକୁ ଆଶ୍ରା କରି ବଞ୍ଚୁଥିବା ଲୋକଙ୍କର କୌଣସି ସ୍ୱାର୍ଥ ହାସଲ ହେଉନାହିଁ। ସରକାର ମହାନଦୀକୁ ନେଇ ତାମ୍‌ସା କରିବା ପରିବର୍ତ୍ତେ ଯଦି ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରି ମହାନଦୀର ତଳମୁଣ୍ଡରେ ଛୋଟ ଛୋଟ ବନ୍ଧବାଡ କରି ଜଳକୁ ରୋକିପାରନ୍ତେ ତେବେ ଏହାଦ୍ୱାରା କୃଷି ଓ ପାନୀୟ ଜଳ ପାଇଁ ଏହା ବ୍ୟବହାର ହୋଇପାରନ୍ତା। ଏତଦ୍‌ବ୍ୟତୀତ ମହାନଦୀର ଜଳ ଚାରିଆଡେ ପ୍ରାୟ ପ୍ରଦୂଷିତ ଅବସ୍ଥାରେ ରହିଛି। ତେଣୁ କେତେକ ସ୍ଥାନରେ ମହାନଦୀ ଜଳ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ତେଣୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ।

**କେଦାର ମିଶ୍ର**
**ବରିଷ୍ଠ ସ୍ତମ୍ଭକାର**



ମହାନଦୀ ସମ୍ପର୍କରେ ପ୍ରଥମ ବଡ ତଥ୍ୟଟି ହେଲା, ଏହାର ଜନ୍ମ ଛତିଶଗଡ଼ରେ କିନ୍ତୁ ଏହାର ଯୌବନ ଓ ମହାସଙ୍ଗମ ଓଡ଼ିଶାରେ। ୮୫୧ କିଲୋମିଟର ଦୀର୍ଘ ମହାନଦୀର ମାତ୍ର ୨୮୬ କିଲୋମିଟର ଛତିଶଗଡ଼ ଭିତରେ ପ୍ରବାହିତ ହେଉଥିବା ବେଳେ ବାକି ୫୬୫ କିଲୋମିଟର ଏହା ଓଡ଼ିଶା ଭିତରେ ଦେଇ ବହୁଛି। ତେବେ ଓଡ଼ିଶାରେ ଆହୁରି ଅନେକ ବଡ ନଦୀର ଉପତ୍ୟକା ଓ ଅବବାହିକା ରହିଥିବା ବେଳେ ଛତିଶଗଡ଼ ପାଇଁ ମହାନଦୀ ହେଉଛି ଏକମାତ୍ର ପ୍ରାଣରେଖା। ଯଦିଓ ଗଙ୍ଗା, ଗୋଦାବରୀ ଓ ଇନ୍ଦ୍ରାବଦୀର ବେସିନ୍ ଛତିଶଗଡ଼ରେ ରହିଛି, ତଥାପି ମହାନଦୀ ବ୍ୟତୀତ ଛତିଶଡର ଅନ୍ୟ କୌଣସି ଚାରା ନାହିଁ। ଛତିଶଗଡ଼ର ମୋଟ ଜଳସମ୍ବଳର ୫୮.୪୮% ଜଳସମ୍ପଦର ମହାନଦୀ ଓ ତା'ର ଶାଖା ନଦୀଗୁଡିକରେ ରହିଛି।

ଭାରତ ସରକାରଙ୍କ ଜଳ ସଂଶାଧନ ବିଭାଗର ତଥ୍ୟ ଅନୁସାରେ ମହାନଦୀ ଓ ଏହାର ଶାଖାନଦୀ ଗୁଡିକରେ ୨୫୩ଟି ବନ୍ଧ ରହିଥିବା ବେଳେ ସେଥିରୁ ଛତିଶଗଡ଼ରେ ୧୬୪ଟି ଓ ଓଡ଼ିଶାରେ ୧୮୯ଟି ବନ୍ଧ ନିର୍ମାଣ କରାଯାଇଛି। ମହାନଦୀ ଓ ଏହାର ଶାଖାନଦୀ ଗୁଡିକରେ ମୋଟ ୨୮ଟି ବ୍ୟାରେଜ୍ ରହିଥିବା ବେଳେ ୧୪ଟି ଓଡ଼ିଶାରେ ଓ ୧୪ଟି ଛତିଶଗଡ଼ରେ ରହିଛି। ସେହିପରି ଚାରୋଟି ଜଳବିଦ୍ୟୁତ୍ ପ୍ରକଳ୍ପରୁ ତିନୋଟି ଛତିଶଗଡରେ ଥିବାବେଳେ ଗୋଟିଏମାତ୍ର ଓଡ଼ିଶାରେ ରହିଛି। ଏହି ତଥ୍ୟରୁ ଆମକୁ ଗୋଟିଏ ସତ୍ୟରେ ଉପନୀତ ହେବାକୁ ପଡୁଛି ଯେ, ଛତିଶଗଡ଼ ସରକାର ମହାନଦୀକୁ ପୁରାପୂରି ଦୋହନ କରିବା ପାଇଁ ପ୍ରସ୍ତୁତି କରି ସାରିଛନ୍ତି।

ଛତିଶଗଡ଼ରେ ମହାନଦୀର ମୂଳ ପ୍ରବାହ ୨୮୬ କିଲୋମିଟର ସହିତ ଏହାର ଶାଖାନଦୀ ମାନଙ୍କର ପ୍ରବାହକୁ ମିଶେଇ ଦେଇ ଆମେ ଯଦି ଏକ ହାରାହାରି ହିସାବ କରିବା, ତା'ହେଲେ ଛତିଶଗଡ଼ ସରକାର ପ୍ରତି ଗୋଟିଏ କିଲୋମିଟରରେ ଗୋଟିଏ ପ୍ରକଳ୍ପ ତିଆରି କରୁଛନ୍ତି। ଏକ ଉଚ୍ଚାଭିଳାଷୀ ଯୋଜନା ନେଇ ବର୍ତ୍ତମାନ ଛତିଶଗଡ଼ରେ ଜଳସେଚିତ ଜମିର ପରିମାଣ ୧.୩୮ ନିୟୁତ ହେକ୍ଟରରୁ ୪.୩ ନିୟୁତ ହେକ୍ଟରକୁ ବଢ଼ାଇବାକୁ ସେମାନେ ଉଦ୍ୟମ କରୁଛନ୍ତି। ତେବେ ଏ ପ୍ରକାର ଉଦ୍ୟମ ମହାନଦୀର ପ୍ରାକୃତିକ ପ୍ରବାହକୁ କେବଳ ନଷ୍ଟ କରିବନାହିଁ, ସମୟକ୍ରମେ ଏହା ମହାନଦୀକୁ ଏକ ମୃତନଦୀ ଭାବରେ ରୂପାନ୍ତରିକ କରିବ। ଛତିଶଗଡ଼ ସରକାର ବର୍ତ୍ତମାନ ମହାନଦୀର ଜଳ ବ୍ୟବହାରକୁ ୭୫% ଜଳସେଚନ ପାଇଁ, ୧୮% ଶିଳ୍ପ ପାଇଁ ଓ ୬% ପାନୀୟ ଜଳ ପାଇଁ ବ୍ୟବହାର କରୁଛନ୍ତି ବୋଲି କହୁଛନ୍ତି। ତେବେ ବାସ୍ତବ କ୍ଷେତ୍ରରେ ମହାନଦୀରେ ଯେଉଁସବୁ ପ୍ରକଳ୍ପ ହେଉଛି ସେଥିରୁ ୫୦%ରୁ ଅଧିକ ଜଳ ଶିଳ୍ପ ସଂସ୍ଥାମାନଙ୍କୁ ଯୋଗାଇ ଦିଆଯାଉଛି। ମହାନଦୀର ମରଣ ପାଇଁ ଛତିଶଗଡ଼ ସରକାର ଯେ ଦାୟୀ ଏକଥା ସ୍ୱୀକାର ନକରିବା ନିର୍ବୋଧତା ହେବ। ଆଜି ମହାନଦୀକୁ ଅନେକାଂଶରେ ଶୁଖିଲା ପଡିଥିବାର ଦେଖି ଯଦି କାହା ମନରେ କଷ୍ଟ ଆସୁନାହିଁ, ତା'ହେଲେ ସେ ଓଡ଼ିଆ ହୋଇନଥିବେ।

**ପବିତ୍ର ମହାରଥା**
**ଆବାହକ, ଓଡ଼ିଶା ନଦୀ ସୁରକ୍ଷା ଅଭିଯାନ**



କାହା ବିରୁଦ୍ଧରେ ମହାନଦୀ ଆନ୍ଦୋଳନ ? ଏକମାତ୍ର ମହାନଦୀ ମହାବ୍ୟାପାରରେ ଓଡ଼ିଶା ସରକାର (ପୁଞ୍ଜିପତିମାନଙ୍କଠୁ ଚାନ୍ଦା ନେଇ) ଛନ୍ଦି ହୋଇଯାଇଥିବା ବେଳେ ତାକୁ ଘଷ୍ଟ ଘୋଡାଇବା ପାଇଁ ଯେତିକି ଅର୍ଥ ଶ୍ରାଦ୍ଧ କଲେଣି ସେ ଅପକର୍ମରୁ ମୁକ୍ତି ମିଳିବା କଷ୍ଟକର। ମହାନଦୀ ସମଗ୍ର ଓଡ଼ିଶାର ପ୍ରାଣ ମା', ମାଟି, ମାତୃଭାଷା ଆଉ ମହାନଦୀ ହେଉଛି ଓଡ଼ିଶାର ଚାରିସ୍ତମ୍ଭ। ବର୍ତ୍ତମାନ ଏଇ ଚାରିଗୋଟି ସ୍ତମ୍ଭ ଦୋହଲିବାରେ ଲାଗିଛି। ଯଦି ସ୍ତମ୍ଭ ଦୋହଲିଛି ତେବେ ସରକାର କ'ଣ ବଞ୍ଚି ପାରିବ? କିନ୍ତୁ ମହାନଦୀର ପାଣିକୁ ସାଇତି ରଖିବା ପାଇଁ ଆମେ କିଛି ନକରିଥିବା ବେଳେ ମହାନଦୀକୁ ମାରିବା ପାଇଁ ସମସ୍ତ ଚେଷ୍ଟା ଅଣଓଡ଼ିଆ ସରକାର ଓଡ଼ିଆଙ୍କୁ ଅତଳ ଗର୍ଭ ମଧ୍ୟକୁ ଠେଲିଦେବା ନିଶ୍ଚିତ ଭାବେ ଅଣଓଡ଼ିଆଙ୍କ ଚକ୍ରାନ୍ତ ଏଥିରେ କୌଣସି ସନ୍ଦେହ ନାହିଁ। ଅଣଓଡ଼ିଆଙ୍କୁ ବଞ୍ଚେଇବାକୁ ଯାଇ ମହାନଦୀ ତ' ଗଲା ଅନ୍ୟ ମୁଣ୍ଡରେ ଅଠା ବୋଳି ନିର୍ବାଚନ ବୈତରଣୀ ପାର ହେବା ଚକ୍ରାନ୍ତରେ ମହାନଦୀର ଅତଳ ଗର୍ଭରେ ନିଶ୍ଚିତ ବୁଡି ମରିବା ସାରହେବ। ଏପରିକି ମହାନଦୀ ଶୁଖିଗଲେ ବି ସେଇ ମହାନଦୀର ମରୁଭୂମିରେ ପାଣି ଟୋପେ ନ ପାଇ ଛଟ ଛଟ ହୋଇ ୨୦୧୯ ନିର୍ବାଚନରେ ନିଶ୍ଚିତ ନିଶ୍ଚିର୍ଣ୍ଣ ହେବ ଏଥିରେ ତିଳେହେଲେ ସନ୍ଦେହ ନାହିଁ। ଓଡ଼ିଶା ବାସୀଙ୍କର ପଇସାରେ ନୃତ୍ୟ, ଗୀତ, ମଉଜ ମଜଲିଶ କରି ଯେମିତି ଉତ୍ପାତ ହେଇ ମହାନଦୀ ମହାବ୍ୟାପାର କରୁଛି ଠିକ ସେମିତି ଓଡ଼ିଶା ବାସୀଙ୍କର ଏହା ଏକମାତ୍ର କାମ ହେବ କି ଏହି ସରକାରକୁ ଉତ୍‌ଖାତ କରିବା। ତେଣୁ ଏସବୁ ଫାଜିଲାମି ବନ୍ଦ କରି କେମିତି ନଦୀ ଜଳକୁ ସୁରକ୍ଷିତ ରଖିପାରିବେ ସେ ନେଇ କାର୍ଯ୍ୟ କରନ୍ତୁ। ବନ୍ଦେ ଉତ୍କଳ ଜନନୀ।

**ଶୀଳଭଦ୍ର ଶାସ୍ତ୍ରୀ**
**ଆଇନଜୀବୀ**



ମହାନଦୀ ନାଁରେ ରାଜନୀତି କରି, ଏବେ କୁଆଖାଇ, ଭାର୍ଗବୀ, କୁଶଭଦ୍ରା, ବୈତରଣୀ ବି ଶୁଖି ଆଁ କଲେଣି, ସରକାର ତୁମେ ଏବେ ଏହି ନଦୀ ଗୁଡା ବିଲ୍ଡରଙ୍କୁ ବିକି ମଲ୍ କର।

**ସନ୍ତୋଷ କୁମାର ନାଥ**
**ପୂର୍ବତନ ସରପଞ୍ଚ**
**କଳାରାହାଙ୍ଗ**



ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀ ଭଳି ମହାନଦୀ ମଧ୍ୟ ଅତି ପବିତ୍ର ନଦୀ। ତେଣୁ ମହାନଦୀ ଆମ ପାଇଁ ଗଙ୍ଗା। ମହାନଦୀ କୂଳେ କୂଳେ ଓଡ଼ିଶାର ଜନବସତି ଗଢ଼ିଆସିଛି। ଏହାର ଜଳ ଉପଯୋଗ କରି ରାଜ୍ୟର ୧୪ଟି ଜିଲ୍ଲାବାସୀ କୃଷିକାର୍ଯ୍ୟ କରିବାଠୁ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଏହାକୁ ବ୍ୟବହାର କରନ୍ତି। ହେଲେ ନଦୀଶଯ୍ୟା ପୋତିହୋଇଯିବା ଯୋଗୁଁ ଏହାର ଜଳଧାରଣ କ୍ଷମତା କମି କମି ଆସିଲାଣି। କିନ୍ତୁ ବର୍ତ୍ତମାନ ମହାନଦୀକୁ ନେଇ ରାଜ୍ୟରେ ଦେଖାଦେଇଥିବା ଅସନ୍ତୋଷର କାରଣ କେବଳ ଛତିଶଗଡ଼ ସରକାର ନୁହେଁ। ଆମ ସରକାରଙ୍କର ଉଦାସୀନତା ଓ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏଭଳି ସମସ୍ୟା ଉପୁଜିଛି। ତେଣୁ ଏହାର ସମାଧାନ ଦିଗରେ ଉଭୟ ଛତିଶଗଡ଼, ଓଡ଼ିଶା ବିଚାର ବିମର୍ଷ କରି ଓଡ଼ିଶାର ମହାନଦୀକୁ ପୂର୍ଣ୍ଣଗର୍ଭା କରନ୍ତୁ।

**ବିଘ୍ନେଶ୍ୱର ସାହୁ**
**ବରିଷ୍ଠ ସାମ୍ବାଦିକ**



ସମସ୍ତେ କାନ୍ଦୁଛନ୍ତି, କାହା ଆଖିରେ ଲୁହ ନାହିଁ - ଏପରି ଆପ୍ତ ବାକ୍ୟଟି ବର୍ତ୍ତମାନ ପରିସ୍ଥିତିରେ ସମ୍ପୂର୍ଣ୍ଣ ପ୍ରଯୁଜ୍ୟ। ସମ୍ପ୍ରତି ମହାନଦୀ ମହାପ୍ରସଙ୍ଗକୁ ନେଇ ଚାଲିଥିବା ରାଜନୀତିରେ ଆଜି ପ୍ରାୟତଃ ଓଡ଼ିଶାର ଶାସକ ଦଳ ଯେପରି ଭାବେ ରାଜରାସ୍ତାକୁ ଓହ୍ଲାଇ ଆସିଛି, ବାସ୍ତବରେ ଆମର ନିପାରିଲା ପଣିଆକୁ ଘୋଡାଇବା ଅର୍ଥାତ୍ ରାଜ୍ୟବାସୀଙ୍କ ଦୃଷ୍ଟି ଏଡାଇବା ଲାଗି ଏ ମହାନଦୀ ପ୍ରହସନ ଚାଲିଲା ଭଳି ନିହାତି ବୋଧ ହେଉଛି। ରହି ରହି ହଠାତ୍ ବିସ୍ଫୋରଣ ଭଳି ନିଜର ଦୁଇ ଦଶକ ପାଖାପାଖି କାର୍ଯ୍ୟକାଳ ଭିତରେ ଶେଷ ଆଡ଼କୁ ଏ ପ୍ରସଙ୍ଗ ଉଠାଇ ରାଜ୍ୟତମାମ ନାଟକ ପରିବେଷଣ କରିବା ଏକ ଅସହଜ ପରିବେଶ ସୃଷ୍ଟି କରିଛି। ଅନ୍ୟାନ୍ୟ ମୌଳିକ ଆବଶ୍ୟକତାକୁ ପଛରେ ପକାଇ କେବଳ କିଛି ନିର୍ଦ୍ଦିଷ୍ଟ ରାଜନୈତିକ ମୁଦ୍ଦାକୁ ନିଜପଟକୁ ଆପଣେଇବା ସକାଶେ ଏ ବାହାନା। ବାସ୍ତବରେ ଏ ମହାସଂଗ୍ରାମ ନୁହେଁ, ମହାନାଟକ। ଲୋକଙ୍କ ପାଇଁ କାନ୍ଦି କାନ୍ଦି ନାଟକ ପରିବେଷଣ କରିବାକୁ ଶାସକ ଦଳର ଯେଉଁ କିଛି ମୁଣ୍ଡିଆଳ ପରଦା ଉପରକୁ ଆସିଛନ୍ତି, ସେମାନଙ୍କୁ ସ୍ୱଚକ୍ଷୁରେ ଦେଖିବାକୁ ପଡ଼ିବ, ସେମାନଙ୍କ ଆଖି କେତେ ଫୁଲିଉଠିଛି। ସତରେ ଏହି ଲୁହ କେତେ ଦିନ ପର୍ଯ୍ୟନ୍ତ ବୋହି ଚାଲିଥିବ, ତାହା ହିଁ ନାଟକର ଯବନିକାରେ ଜଣାପଡ଼ିବ! ଆନ୍ତରିକତା ଥିଲେ କିମ୍ବା ନିଜର ପାରିଲା ପଣିଆ ଜାହିର କରିବାକୁ ହେଲେ ହେଲେ ସମସ୍ୟାର ମୂଳକୁ ଯିବାକୁ ପଡ଼ିବ ଏବଂ ସମାଧାନ ସକାଶେ ଯାହା କରଣୀୟ, ତାହାକୁ ଅବିଳମ୍ବେ କାର୍ଯ୍ୟକାରୀ କରିବାରେ ଅଣ୍ଟା ଭିଡ଼ି ବାହାରି ଆସିବାକୁ ପଡ଼ିବ। ଅନ୍ୟଥା ଲୋକହସା ହେବାକୁ କମ୍ ସମୟ ଲାଗିବ।

**ଉପାଳୀ ଦାଶ**
ଶିବାନନ୍ଦ ଦିବ୍ୟଜୀବନ
ସାଂସ୍କୃତିକ ସଂଘ
ଅହମ୍ମଦାବାଦ, ଗୁଜରାଟ



କଥାରେ ଅଛି ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ। ଖାଲି ବିଦ୍ୟୁତ୍ ସମସ୍ୟା ନୁହେଁ ମହାନଦୀରେ ଜଳ କମିଯିବା ଯୋଗୁ ଲୋକମାନେ ଘୋର ବିପଦରେ ପଡିବା ସମ୍ଭାବନା ଦେଖାଦେଇଛି। ସେଥିପାଇଁ ଓଡ଼ିଶା ସରକାର ଏବଂ ଛତିଶଗଡ଼ ସରକାର ଆପୋଷ ବୁଝାମଣା ଦ୍ୱାରା ଦୁଇ ରାଜ୍ୟ କିପରି ଉନ୍ନତି କରିବେ ସେ ବିଷୟ ବିଚାରବିମର୍ଷ କରିବା ଉଚିତ୍। ରାଜ୍ୟନୈତିକ ଦଳମାନେ ପ୍ରକୃତରେ ଯଦି ମହାନଦୀର ସୁରକ୍ଷା ଚାହାଁନ୍ତି ତେବେ ନିଜ ଭିତରେ ମତଭେଦ ଦୂର କରି ଲୋକଙ୍କ ହୀତ ପାଇଁ କାମ କରିବା ଦରକାର। ବରିଷ୍ଠ ତଥା ବୁଦ୍ଧିଜୀବୀମାନଙ୍କ ସହିତ ଆଲୋଚନା କରି ସରକାର କାର୍ଯ୍ୟପନ୍ଥା ଗ୍ରହଣ କଲେ ଏହି ସମସ୍ୟା ଦୂର ହୋଇପାରିବ।

**ଶିବାଶୀଷ ମହାପାତ୍ର**
**ଆଇନଜୀବୀ**



ମହାନଦୀ ବିବାଦ ଏକ ଜନ ସମସ୍ୟା। କିନ୍ତୁ ଆମର ରାଜନୀତିଆ ବାବୁମାନେ ଏହାକୁ ଏକ ରାଜନେତିକ ମୁଦ୍ଦା ବନେଇ ଦେଲେଣି।ବିଜେଡି କହୁଛି ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଉପର ମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ପାଣିକୁ ଅଟକାଉଛି ତ ବିଜେପି କହୁଛି ଓଡିଶା ସରକାର ନିଜ ରାଜ୍ୟରେ ବ୍ୟାରେଜ ନ କରିବା ଦ୍ୱାରା ପାଣି ସମୁଦ୍ରରେ ମିଶିଯାଉଛି। କଂଗ୍ରେସ ଉଭୟ ବିଜେଡି ବିଜେପିକୁ ଦୋଷ ଦଉଛି। ପ୍ରକୃତରେ କେହି ମହାନଦୀ ପାଣି ପାଇଁ ଆଦୌ ଚିନ୍ତିତ ନୁହଁନ୍ତି। କଥାରେ ଅଛି ହେଇ ସିଏ ଆସିଲାଣି ପଲଟିକସ ପୁରେଇବ କି ନ ହେଲେ ଆମେ କହୁଁ ତାର ତ ସବୁ କଥାରେ ପଲଟିକସ। ଆମେ ଧରିନେଇଛେ ପଲଟିକସ ମାନେ କିଛି ଗୋଟେ ବିଭ୍ରାଟ କି ମିଛକଥାଟେ। ପଲଟିକସ ମାନେ ଯଦି ବିଭ୍ରାଟ ବା ସମସ୍ୟା ବା ମିଛକଥା ତେବେ ପଲଟିକସ କରୁଥିବା ଲୋକଗୁଡାକ କେମିତି ଜନ ସମସ୍ୟା କଥା କହିବେ! ଛତିଶଗଡ ପାଣି ବନ୍ଦ କଲା ମହାନଦୀ ଶୁଖିଲା ହେଲେ ଆଜି ତ ସବୁ ନଦୀ ନଈ ନାଳ ଶୁଖିଲା ପଡିଛି। ଛତିଶଗଡ କଣ ବ୍ୟାରେଜ ଏହି ବର୍ଷ ବ୍ୟାରେଜ କଲା ! ଆମ ରାଜ୍ୟ ସରକାର ଆଗରୁ କିଛି ଜାଣିପାରିଲେନି ! ଅସଲ କଥା ହେଲା ଆଗାମୀ ନିର୍ବାଚନ ଜିତିବାକୁ ମହାନଦୀକୁ ଏକ ପ୍ରସଙ୍ଗ କରାଯାଇଛି। ଯେ ବିବାଦରେ କିଛି ତଥା କଥିତ ସମାଜସେବୀ ଭଲ ମଜା ନଉଛନ୍ତି। ନାଚ ଗୀତ ତାମସା କରି ଦିଲ୍ଲୀ ଯାଉଛନ୍ତି। ଶୁଣିବାକୁ ମିଳେ ରାଜ୍ୟ ସରକାର ସେମାନଙ୍କୁ ଭଲ ପଇସା ବି ଦେଇଛନ୍ତି। ଭୁବନେଶର ଆମ ଘର ପାଖରେ ଗଙ୍ଗୁଆ ନାଁ ରେ ଗୋଟେ ନଳାଟେ ଅଛି । ଆଗରୁ ସେ ନଳାରେ ଲୋକ ଗାଧୁଆ ପାଧୁଆ କରୁଥିଲେ। ଏବେ ସେ ନଳା ଶୁଖିଲା ପଡିଛି। ଆଜି ସବୁ ନଦୀ ନଈ ନାଳ ଶୁଖିଲା ପଡିଛି। କଣ ପାଇଁ? ଛତିଶଗଡ ବ୍ୟାରେଜ ତିଆରି କଲା ବୋଲି ! ପାଣି ଆମର ହବ ବା କଣ! କଣ ଆମେ ଚାଷ ବାସ କରିବା !ଟଙ୍କିକିଆ ଚାଉଳ ପା ଆମେ ଖାଉଛେ! ଚାଷ କଣ ଦରକାର ! ଆଳୁ ପନିପରିବା ସଜନା ଛୁଇଁ ଠୁ ମାଛ ଶୁଖୁଆ ଗେଣ୍ଡୁ ଫୁଲ ସବୁ ତ ପଡ଼ୋଶୀ ରାଜ୍ୟରୁ ଆସୁଛି। ଦରକାର ପଡିଲେ ଚାଉଳ ବି ଆସିବ। ଅସୁବିଧା କଉଁଠି ଯେ ! କଉଁ ଆମର ଶିଳ୍ପ ଅଛି କି ! ବରଂ ନଦୀ ନାଳ ଶୁଖିଲା ପଡିଲେ ଆମେ ବନ୍ୟା ଦାଉରୁ ମୁକ୍ତି ପାଇବା। ମୁଁ ଶୁଣିଛି ଆଗରୁ ଖରା ଦିନେ ମେସିନ ଲଗେଇ ନଦୀ ବାଲି ଖୋଳା ଯାଉଥିଲା। ହେଲେ ଆଜିକୁ କେତେ ବର୍ଷ ହେଲାଣି ସେ ସବୁ ବନ୍ଦ କରି ଦିଆଯାଇଛି। ମହାନଦୀ ନାଁ ରେ ଯାହା ସବୁ ଚାଲିଛି ଖାଲି ଲୋକଙ୍କୁ ଭୁଆଁ ବୁଲାଇବାକୁ।

**ସଞ୍ଜୁଲତା ଶତପଥୀ**
**ବିଜେପି ଜିଲ୍ଲା ସମ୍ପାଦିକା,ବରଗଡ଼**



ମହାନଦୀକୁ ନେଇ ରାଜନୀତି କରିବା କଥା ନୁହଁ। ଓଡ଼ିଶାବାସୀଙ୍କ ପାଇଁ ଏଇଟା ଗୋଟେ ରାଜୀନତି ମୁଦ୍ଦା କରାହେଉଛି। ଛତିଶଗଡ ସରକାର କ'ଣ କଲା କ'ଣ ନକଲା ତାକୁ ନଦେଖି ନିଜେ ଓଡ଼ିଶାରେ କ'ଣ କରିବା କଥା ସେଇଟାକୁ ଓଡ଼ିଶା ସରକାର ଚିନ୍ତା କରିବା କଥା। ମହାନଦୀ ପାଣିକୁ ଓଡ଼ିଶା ସରକାର ସବୁ ଶିଳ୍ପ ସଂସ୍ଥାକୁ ଦେଉଛନ୍ତି, ଯେଉଁଥିପାଇଁ ଜଳର ଅଭାବ ରହୁଛି। କମ୍ପାନୀମାନଙ୍କୁ ଜଳ ଦେଉଛନ୍ତି ହେଲେ ଜଳକର ନେଉନାହାନ୍ତି। ସେଇ ପାଣି ଯଦି ଋଷୀର କ୍ଷେତକୁ ଦେଇଥାନ୍ତେ ତା'ହେଲେ ଆଜି ଆମ ରାଜ୍ୟରେ ଋଷୀର ଏ ଅବସ୍ଥା ହୋଇ ନଥାନ୍ତା। ଛତିଶଗଡ଼ର ସରକାର ତା' ରାଜ୍ୟବାସୀଙ୍କ ପାଇଁ ଚିନ୍ତାକରି ବ୍ୟାରେଜ୍ କଲା। ତା'ହେଲେ ଆମ ସରକାର ଆମ ଓଡ଼ିଶାବାସୀଙ୍କ ପାଇଁ କାହିଁକି ବ୍ୟାରେଜ କରିନାହାନ୍ତି। ୧୮ବର୍ଷରେ ଗୋଟିଏବି ବ୍ୟାରେଜ ହୋଇନି। ବର୍ଷାଜଳ ସବୁ ବୋହି ଯାଉଛି ତାକୁ ଅଟକାଇବାକୁ ବ୍ୟବସ୍ଥାବି କରିନାହାନ୍ତି। ଆମ ସରକାର ଯଦି ଆମମାନଙ୍କର ଭଲ ଚିନ୍ତା କରିଥାନ୍ତେ ତା'ହେଲେ ଆମ ଓଡ଼ିଶାରେ ବ୍ୟାରେଜ୍ ହୋଇଥାନ୍ତା। ଛତିଶଗଡ଼ରେ ବ୍ୟାରେଜ୍ ଆରମ୍ଭରୁ କୁଆଡେ ଶୋଇଥିଲେ ଆମ ରାଜ୍ୟ ସରକାର। ଆଜି ବ୍ୟାରେଜ୍ ହୋଇସାରିଲା ପରେ ଓଡ଼ିଶାବାସୀଙ୍କ ହିତ ପାଇଁ ଚେତା ପଶିଲା। ଏତେ ନାଟକ କ'ଣ ପାଇଁ? ଆମ ସରକାର ବି ବ୍ୟାରେଜ୍ କରନ୍ତୁ। ଆଉ ବର୍ଷା ଜଳକୁ ସ୍ଥଗିତ କରି ରଖନ୍ତୁ ଓ ଓଡ଼ିଶାରୁ ପାଣି ଅଭାବ ଦୂର କରନ୍ତୁ। ଅନ୍ୟ ଘରକୁ ନ ଦେଖି ନିଜ ଘରେ କ'ଣ ହେବ ସେ କଥାକୁ ଚିନ୍ତା କରିବା କଥା। ଆମେମାନେ ବି ବୁଝିବା କଥା ଛତିଶଗଡ଼ ସରକାର ତା'ରାଜ୍ୟପାଇଁ କେତେ କ'ଣ ସୁବିଧା କରିଛି। ହେଲେ ଆମ ଓଡ଼ିଶା ସରକାର ଆମ ପାଇଁ କ'ଣ କରିଛି। ରାଜନୀତି ନ କରି ଏସବୁକୁ ଭାବିବା କଥା।

ସ୍ଥାନାଭାବରୁ 'ପ୍ରସଙ୍ଗ'ର କିଛି ଅଂଶ ପୃଷ୍ଠା-୭ରେ..

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୂତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି